ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ଓଡିଆ ଭାଷା ଓ ଯୋଗାଯୋଗ ଡିପ୍ଲୋମା କାର୍ଯ୍ୟକ୍ରମ

## ପାଠ୍ୟକ୍ରମ -୪

ବ୍ଲକ୍

## ୧ କଥନ କୌଶଳ

ପ୍ରଥମ ଏକକ

**କଥନ କୌଶଳ**

ଦ୍ୱିତୀୟ ଏକକ

**ବକ୍ତୃତା**

**ବିତର୍କ**

ତୃତୀୟ ଏକକ

**ଦଳଗତ ଆଲୋଚନା**

**ସାକ୍ଷାତ୍‌କାର**

## ବିଶେଷଜ୍ଞ କମିଟି

| | | |
|---|---|---|
| ପ୍ରଫେସର ଡଃ ଖଗେଶ୍ୱର ମହାପାତ୍ର | ପ୍ରଫେସର (ଅବସରପ୍ରାପ୍ତ),ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନ | ଅଧ୍ୟକ୍ଷ |
| ଡଃ ବସନ୍ତ କୁମାର ପଣ୍ଡା | ପ୍ରାଧ୍ୟାପକ,ଓଡିଆ ବିଭାଗ ଆଂଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର | ସଦସ୍ୟ |
| ପ୍ରଫେସର ଡଃ ନାରାୟଣ ସାହୁ | ପ୍ରଫେସର (ଅବସରପ୍ରାପ୍ତ) ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର | ସଦସ୍ୟ |
| ଡଃ କ୍ଷୀରୋଦ ଚନ୍ଦ୍ର ବେହେରା | ପ୍ରାଧ୍ୟାପକ,ଓଡିଆ ବିଭାଗ ବି.ଜେ.ପି ସ୍ୱୟଂ ଶାସିତ ମହାବିଦ୍ୟାଳୟ ଭୁବନେଶ୍ୱର | ସଦସ୍ୟ |
| ଡଃ ଦିଲୀପ କୁମାର ନାୟକ | ଅଧ୍ୟାପକ,ଓଡିଆ ବିଭାଗ ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ସମ୍ବଲପୁର | ଆବାହକ |

## ପ୍ରସ୍ତୁତି

| | | |
|---|---|---|
| ଡକ୍ଟର ଦେବାଶୀଷ ମହାପାତ୍ର | ଅଧ୍ୟାପକ ଭାଷା ବିଜ୍ଞାନ ଓମାର-ଅଲ ମୁକ୍ତାର ବିଶ୍ୱବିଦ୍ୟାଳୟ ତୋବ୍ରୁକ ଲିବ୍ୟା, ଉତ୍ତର ଆଫ୍ରିକା | ଲେଖକ |
| ଡକ୍ଟର ଦିଲୀପ କୁମାର ନାୟକ | ଅଧ୍ୟାପକ, ଓଡିଆ ବିଭାଗ ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ସମ୍ବଲପୁର | ସମୀକ୍ଷା ଓ ସଂପାଦନା |

# ପ୍ରାକ୍‌ଭାଷ

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ଓ ଯୋଗାଯୋଗ କାର୍ଯ୍ୟକ୍ରମକୁ ସ୍ୱାଗତ।

ଭାଷା ମଣିଷର ଏକ ସ୍ୱତନ୍ତ୍ର ବିଭବ ଯାହା ତାକୁ ଅନ୍ୟ ମଣିଷ ସହ ଯୋଗାଯୋଗ ରକ୍ଷା କରିବାରେ ସହାୟତା ପ୍ରଦାନ କରିଥାଏ। ଏହି ପ୍ରକ୍ରିୟା ମାଧ୍ୟମରେ ସେ ସାମାଜିକ ରୂପାନ୍ତରଣ ଆଡକୁ କ୍ରମଶଃ ଗତିକରେ। ଶିଶୁଟି ଏଇ ଭାଷା ମାଧ୍ୟମରେ ସମଗ୍ର ବିଶ୍ୱକୁ ଜାଣେ। ମଣିଷ ବିଭିନ୍ନ ସାଂକେତିକ ତଥା ଲିଖିତ ଭାଷା ମାଧ୍ୟମରେ ଆପଣା ଭାବ ପ୍ରକାଶ କରିଥାଏ। ତେଣୁ ଭାଷାକୁ ଆମେ ଏକ ପ୍ରକାରର ଭାବ-ବାହୀ ସଂକେତ ଭାବରେ ମଧ୍ୟ ଗ୍ରହଣ କରିପାରିବା, ଯାହା ସମଗ୍ର ପୃଥିବୀରେ ଭିନ୍ନଭିନ୍ନ ଉଚ୍ଚାରଣ ମାଧ୍ୟମରେ ସେଇ ସମାନ କଥାକୁ ଇଂଗିତ କରିପାରେ। ଅତଏବ ଏକା ପ୍ରକାରର ବକ୍ତବ୍ୟକୁ ଭିନ୍ନଭିନ୍ନ ଉଚ୍ଚାରଣ ଭଂଗୀ ବା ଶୈଳୀ ମାଧ୍ୟମରେ ପ୍ରକାଶ କରାଯାଉଥିବାରୁ ଭାଷାକୁ ଆମେ ଯୋଗାଯୋଗର ସର୍ବାପେକ୍ଷା ଶକ୍ତିଶାଳୀ ମାଧ୍ୟମ ଭାବରେ ମଧ୍ୟ ବିବେଚନା କରିପାରିବା। ଭାଷା ସଦା ପରିବର୍ତ୍ତନଶୀଳ ଏକ ଶକ୍ତିଶାଳୀ ମାଧ୍ୟମ। ଏହା ସର୍ବଦା ପାରିପାର୍ଶ୍ୱିକ ପରିବେଶ ଦ୍ୱାରା ବଦଳୁଥାଏ। ସେଥିପାଇଁ ଭାରତର ପ୍ରାଦେଶିକ ସୀମାରେଖାରେ ଜୀବନ କାଟୁଥିବା ଅଧିବାସୀ ମାନେ ନିଜ ପ୍ରଦେଶର ଓ ପଡୋଶୀ ପ୍ରଦେଶର ଭାଷା ଉପରେ ବେଶ୍ ଦକ୍ଷତା ଅର୍ଜନ କରିଥାନ୍ତି। ଭାରତରେ ପ୍ରଚଳିତ ମୋଟ ୭୮୦ଟି କଥିତ ଭାଷାରୁ ବିଗତ ୫୦ ବର୍ଷ ମଧ୍ୟରେ ଅନ୍ତତଃ ୨୨୦ରୁ ଊର୍ଦ୍ଧ୍ୱ ଭାଷା ମୃତ୍ୟୁ ଲଭିଲେଣି। ଏଥି ମଧ୍ୟରୁ ଅନେକଙ୍କର ଲିଖିତରୂପ ନାହିଁ। ସରକାରୀ ପ୍ରୋତ୍ସାହନ ଅଭାବରୁ ଅନେକ ଭାଷା କ୍ରମଶଃ ଲୋପ ପାଉଥିବାର ଦୃଷ୍ଟାନ୍ତ ମଧ୍ୟ ଦେଖିବାକୁ ମିଳିଥାଏ। କିନ୍ତୁ ଏଭଳି କିଛି ପ୍ରାଚୀନ ଭାଷା ରହିଛି, ଯେଉଁଥିରେ ଅତି ମୂଲ୍ୟବାନ ତଥ୍ୟ, ତତ୍ତ୍ୱ, ଦର୍ଶନ ଲୁକ୍‌କାୟିତ ହୋଇରହିଛି। ଅତଏବ ସେ ସବୁଭାଷାର ଅଧିକରୁ ଅଧିକ ପ୍ରୟୋଗ ହୋଇପାରିଲେ ତା'ର ଅନ୍ତଃସତ୍ତାକୁ ବୁଝିବା ଓ ପ୍ରକାଶ କରିବା ସମ୍ଭବ ହେବ। ଭାଷା ଗୋଟିଏ କ୍ଲିଷ୍ଟକର ବ୍ୟାପାର। ଏହାକୁ ବୁଝିବାକୁ,ଜାଣିବାକୁ ହେଲେ ବ୍ୟାକରଣ ଜ୍ଞାନ ନିତାନ୍ତ ପ୍ରୟୋଜନ। ବ୍ୟାକରଣ ମାଧ୍ୟମରେ ତର୍କ ଏବଂ ତର୍କ ମାଧ୍ୟମରେ ଭାଷାବିଜ୍ଞାନକୁ ବୁଝିବା ସହଜସାଧ୍ୟ ହୋଇଥାଏ। ଆମମାନଙ୍କ ଜୀବନ ଉପରେ ଭାଷାର ପ୍ରଭାବ ଅତୁଳନୀୟ । ଭାଷା ଏକ ଜୀବନ୍ତ ପ୍ରକ୍ରିୟା। ଏହାକୁ ଅର୍ଜନ କଲେ ଜ୍ଞାନର ଦିଗ୍‌ବଳୟ ପ୍ରସାରିତ ହୋଇଥାଏ। ଅତଏବ ଭାଷା, ଭାଷା ବିଭବ ବ୍ୟାକରଣ ଓ ତା'ର ପ୍ରାୟୋଗିକ ଦିଗ ଗୁଡିକୁ ଉତ୍ତମ ରୂପେ ବୁଝିବା ଆବଶ୍ୟକ। ଏହି ଆବଶ୍ୟକତାକୁ ଦୃଷ୍ଟିରେ ରଖି ଓଡ଼ିଆ ଭାଷା ଓ ଯୋଗାଯୋଗ ଡିପ୍ଲୋମା କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ବହିରାଗତ ଆକ୍ରମଣକାରୀଙ୍କ ପ୍ରଭାବ ଯୋଗୁଁ ଭାରତର ବିଭିନ୍ନ ସାମାଜିକ, ରାଜନୈତିକ, ଅର୍ଥନୈତିକ ତଥା ସାଂସ୍କୃତିକ କ୍ଷେତ୍ରରେ ବିପୁଳ ଆଲୋଡନା ସୃଷ୍ଟି ହୋଇଥିଲା। ସେଇ ସମୟରେ ଅତୀତର ରାଜା ଓ ରାଜା କୈନ୍ଦ୍ରିକ ଭାଷା ଆମର ଭାଷା ଭଣ୍ଡାରକୁ ବହୁମାତ୍ରାରେ ପ୍ରଭାବିତ କରିଥିଲା। ତେଣୁ ପଂଚଦଶ ଶତାବ୍ଦୀରୁ ଊନବିଂଶ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ ଅଣଇଂରେଜୀ ବୈଦେଶିକ ପ୍ରଭାବ ଏବଂ ତା ପରଠାରୁ ଇଂରେଜୀ ଭାଷା ସଂସ୍କୃତିର ପ୍ରଭାବ ଆମ ଭାଷା ବିଭବକୁ

ପ୍ରକାରାନ୍ତରେ ସମୃଦ୍ଧ କରିଛି ବୋଲି କୁହାଯାଇପାରିବ । ରେଡିଓ, ମୁଦ୍ରିତ ଓ ବୈଦ୍ୟୁତିକ ଗଣମାଧ୍ୟମର ବିସ୍ତାର ସହ ବିଜ୍ଞାନ ଓ ବୈଷୟିକ ବିଦ୍ୟାର ପ୍ରସାର ଯୋଗୁଁ ଆମ ଭାଷାରେ ଅନେକ ପ୍ରକାରର ନୂତନ ଶବ୍ଦ ଓ ବାକ୍ୟପ୍ରକରଣ ଶୈଳୀର ଅନୁପ୍ରବେଶ ଘଟିଛି । ଏସବୁର ସଫଳ ଓ ତ୍ରୁଟିଶୂନ୍ୟ ପ୍ରୟୋଗକୁ ଦେଖାଇବା ସହ ଓଡିଆ ଭାଷା ଓ ବ୍ୟାକରଣ ସୁବିସ୍ତୃତ ପରିଚୟ ପ୍ରଦାନ କରିବା ଉକ୍ତ କାର୍ଯ୍ୟକ୍ରମର ଅନ୍ୟତମ ଲକ୍ଷ୍ୟ । ସମୁଦାୟ ୩୨ଟି କ୍ରେଡିଟ୍‌ରେ ବିଭାଜିତ ଉକ୍ତ କାର୍ଯ୍ୟକ୍ରମରେ ମୋଟ ଦୁଇଟି ସେମିଷ୍ଟର ରହିଛି । ପ୍ରତ୍ୟେକ ସେମିଷ୍ଟର ନିମନ୍ତେ ତିନୋଟି ଲେଖାଏଁ ପାଠ୍ୟକ୍ରମ ଅନୁବର୍ତ୍ତନ କରାଯାଇଛି । ସର୍ବଶେଷରେ ପୂର୍ବପଠିତ ସମସ୍ତ ବିଦ୍ୟାକୁ କଂପ୍ୟୁଟର କୌଶଳ ମାଧ୍ୟମରେ ଲିଖିତରୂପ ପ୍ରଦାନ କରାଯାଇ ଶିକ୍ଷାକୁ ଅଧିକ ଯୁଗୋପଯୋଗୀ କରାଯାଇ ପାରିବ ସେଥି ନିମନ୍ତେ ପ୍ରଯତ୍ନ କରାଯାଇଛି । ପ୍ରତ୍ୟେକ ସେମିଷ୍ଟର ଶେଷରେ ପ୍ରାୟୋଗିକ ଦିଗକୁ ସମୃଦ୍ଧ କରିବାପାଇଁ ପ୍ରୋଜେକ୍ଟ ରଖାଯାଇଛି । ସହଜ ପଠନ ନିମନ୍ତେ ପ୍ରତ୍ୟେକ ପାଠ୍ୟକ୍ରମକୁ ବିଭିନ୍ନ ବ୍ଲକ୍ ଓ ପ୍ରତ୍ୟେକ ବ୍ଲକ୍‌କୁ ୟୁନିଟ୍ ବା ଏକକରେ ବିଭକ୍ତ କରାଯାଇଛି । ପାଠ୍ୟକ୍ରମ ପରିବେଷଣର ନିର୍ଦ୍ଦିଷ୍ଟ ଅନ୍ତରାଳରେ ନିଜର ପ୍ରଗତି ମାପିବା ନିମନ୍ତେ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ ପ୍ରଦାନ କରାଯାଇଛି । ପଠନ କାଳରେ ଏସବୁର ଉତ୍ତର ଲେଖିବାପାଇଁ ପ୍ରଦତ୍ତ ଶୂନ୍ୟସ୍ଥାନରେ ବିଦ୍ୟାର୍ଥୀମାନେ ଛୋଟ ଛୋଟ ଉତ୍ତର ଲେଖାନ୍ତୁ ଏବଂ ପରବର୍ତ୍ତୀ ପାଠ୍ୟକ୍ରମକ ଆଡକୁ ଆଗେଇ ଚାଲନ୍ତୁ । ତଦ୍ଦ୍ୱାରା ପାଠ୍ୟକ୍ରମ ସମାପ୍ତି ବେଳକୁ ବିଦ୍ୟାର୍ଥୀମାନେ ସେହି କ୍ଷେତ୍ରରେ ଆତ୍ମ ବିଶ୍ୱାସ ଅର୍ଜନ କରିପାରିବେ । ବିଶ୍ୱାସ, ବିଦ୍ୟାର୍ଥୀମାନେ ଏହି ମୁଦ୍ରିତ ପାଠ୍ୟ ବ୍ୟତୀତ, ଇଂଟରନେଟ୍, ରେଡିଓ, ମଲ୍ଟିମିଡିଆ କ୍ଲାସ୍, ୱେବ୍ ସାଇଟ୍, ଇ-ମେଲ, ଇତ୍ୟାଦିର ସଫଳ ପ୍ରୟୋଗ କରି ଅଧିକରୁ ଅଧିକ ବୋଧଗମ୍ୟତା ଅର୍ଜନ କରିବେ ।

ମୁକ୍ତ ଓ ଦୂରଶିକ୍ଷା ପ୍ରବର୍ତ୍ତନ କ୍ଷେତ୍ରରେ ଏହା ଏକ ପ୍ରାରମ୍ଭିକ ପ୍ରଚେଷ୍ଟା । ଅତଏବ ବିଦ୍ୟାର୍ଥୀମାନେ ପଠନକାଳରେ ନିଜର ସୁଚିନ୍ତିତ ମତାମତ ପ୍ରଦାନକଲେ ପରବର୍ତ୍ତୀ କାଳରେ ତାହା କିପରି ଅଧିକ ଉପଯୋଗୀ ହୋଇପାରିବ, ସେଥି ନିମନ୍ତେ ପ୍ରଯତ୍ନ କରାଯିବ ।

ସଂପାଦକ



# ପ୍ରଥମ ଏକକ : କଥନ କୌଶଳ

## ବିଷୟର ଗଠନ:


୧.୧ ପଠନର ଉଦ୍ଦେଶ୍ୟ

୧.୨ କଥନ କୌଶଳ

୧.୩ ବିତର୍କ, ବକ୍ତୃତା, ଦଳଗତ ଆଲୋଚନାର ପ୍ରସ୍ତୁତି

୧.୩.୧ ବକ୍ତୃତାର ବିଷୟ

୧.୩.୨ କଥନ କୌଶଳର ପ୍ରାସଙ୍ଗିକତା

୧.୩.୩ ନମୁନା

୧.୪ ମନେରଖ

୧.୪.୧ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୧.୪.୨ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀର ସମ୍ଭାବ୍ୟ ଉତ୍ତର


## ୧.୧ ପଠନର ଉଦ୍ଦେଶ୍ୟ

ବିଦ୍ୟାର୍ଥଗଣ ! କଥନ କୌଶଳ ଭାଷାର ବ୍ୟବହାର ବା ପ୍ରୟୋଗକ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବିଶେଷ। ତୁମେମାନେ ଏହି ବିଷୟ ପଢିଲେ ଜଣେ ଭଲ ବକ୍ତା, ଦକ୍ଷ ଆଲୋଚକ ବା ବିଷୟ ବିଶାରଦ ହୋଇପାରିବ। କଥା କହିବାବେଳେ ତୁମେମାନେ  କିଭଳି ଦକ୍ଷତା ଓ ସାମର୍ଥ୍ୟର ବିନିଯୋଗ କରିପାରିବ ତାହା ଏହି ବିଷୟରୁ ଭଲଭାବେ ଅବଗତ ହୋଇପାରିବ। ଖାଲି ସେତିକି ନୁହେଁ ନିଜକୁ ଅନ୍ୟ ଆଗରେ କିଭଳି ସୁନ୍ଦରଭାବେ ଉପସ୍ଥାପନ କରିପାରିବ ସେଦିଗରେ ମଧ୍ୟ ଏହି ବିଷୟ ସହାୟକ ହେବ। ଏହି ବିଷୟରେ ତୁମେମାନେ ବକ୍ତୃତା, ବିତର୍କ, ଦଳଗତ ଆଲୋଚନା, ସାକ୍ଷାତ୍‌କାର, ସ୍ୱଗତ କଥନ ଓ ସଂଳାପଭଙ୍ଗୀ ର ଆଭିମୁଖ୍ୟ ଓ ଆବଶ୍ୟକତା ବିଷୟରେ ବିଶଦଭାବେ ବୁଝିପାରିବ।

## ୧.୨ କଥନ କୌଶଳ

ବିଦ୍ୟାର୍ଥୀଗଣ, ଆମେ ଅନୌପଚାରିକ ଭାବେ ଯାହା କହୁ ବା  ଯେମିତି କହୁ ତାହା ହୁଏତ କଳା ବା କୌଶଳପୂର୍ଣ୍ଣ ହେବା ଜରୁରୀ ନୁହେଁ। ହେଲେ ଔପଚାରିକ ଦୃଷ୍ଟିରୁ କଥନ କୌଶଳ ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା, ଏହା ନିଃସନ୍ଦେହ। ବିତର୍କ, ବକ୍ତୃତା, ଦଳଗତ ଆଲୋଚନା,ସାକ୍ଷାତ୍‌କାର, ସ୍ୱଗତକଥନ, ସଂଳାପଭଙ୍ଗୀ ଇତ୍ୟାଦି

ଯେତେ ପ୍ରକାରର ଔପଚାରିକ କଥନ ଅଛି ସେସବୁରେ କଳା ବା କୌଶଳର ଆବଶ୍ୟକତା ଅନୁଭୂତ ହୁଏ। ଆମେ ଗୋଟିଏ ନିର୍ଦ୍ଧିଷ୍ଟ ବିଷୟରେ କେତେ ଜାଣୁ ,ଆମର ସେଥିରେ କେତେବେଶି ପ୍ରବେଶ ଅଛି, ସେହି କଥାକୁ ଆମେ କେମିତି ବାଗରେ ଉପସ୍ଥାପନ କରିପାରୁ, କଥାର ବିସ୍ତାର ବା କଥାଟିକୁ ବଖାଣିବାରେ ଆମେ କେମିତି ଶବ୍ଦ ଚୟନ ଓ ଶବ୍ଦ ସଂଯୋଜନା କରିବା କଥା ସେତକ ଆମେ ବିଧିବଦ୍ଧ ଭାବେ ଅବଗତ ହୋଇପାରିଲେ ଆମର ନିଜ ଉପରେ ବିଶ୍ୱାସ ବଢିବା ସହ ଆମେ ଭଲବକ୍ତା, ଭଲ ଆଲୋଚକ ବା ବିଷୟ ବିଶାରଦ (Subject Expert) ହୋଇପାରିବା। କଥା କହିବା ବେଳେ ଆମର ଦକ୍ଷତା ଓ ସାମର୍ଥ୍ୟର ବିନିଯୋଗ ହେବାସହ ବିଷୟର ଆବଶ୍ୟକତା ଅନୁଭବ କରିପାରିବା। ଗୋଟିଏ ପ୍ରସଙ୍ଗ ବା ବିଷୟବସ୍ତୁର ସଠିକ ବିଚାରକରି ନିଜର ମତବ୍ୟକ୍ତ କରିବା ଏବଂ ସେହି ବିଷୟରେ ନିଜର ଉପାଦେୟ ଉପସ୍ଥାପନା କରିବା ପାଇଁ ଏହା ସାହାଯ୍ୟ କରିବ। ଆମେ ଯୋଉକଥା କହୁ , ସେହି କଥା ଯଦି ସଜଡା ବା ଶୃଙ୍ଖଳିତ ହୋଇଥାଏ ତେବେ ସେସବୁକଥା ଆହୁରି ମନଛୁଆଁ ହୋଇପାରେ। କଥା କହିବାର ଭଙ୍ଗୀ, କଥା କହିବାର ଶୈଳୀ ସବୁବେଳେ ଏମିତି ହେବା ଦରକାର ଯେମିତିକି ଅନ୍ୟକୁ ପସନ୍ଦ ହେବ। ବିତର୍କ ହେଉ କି ବକ୍ତୃତା , ଦଳଗତ ଆଲୋଚନା ହେଉ କି ସାକ୍ଷାତ୍‌କାର ସବୁଥିରେ କଥନ କୌଶଳର ନିଆରାଶୈଳୀ ନିହିତ। ନିଜକୁ ଅନ୍ୟଆଗରେ ସୁନ୍ଦରଭାବେ ଉପସ୍ଥାପନ କରବାପାଇଁ ଏହିସବୁ ମାଧ୍ୟମ ସହାୟକ ହୋଇଥାଏ। ବିତର୍କରେ ନିଜର ବିଷୟ ପ୍ରବେଶ ଓ ଯୁକ୍ତିଶୀଳତା, ବକ୍ତୃତାରେ ନିଜର ଭାଷା – ଉପସ୍ଥାପନାଶୈଳୀ,ଦଳଗତ ଆଲୋଚନାରେ ଆଲୋଚ୍ୟ ପ୍ରସଙ୍ଗ ଉପରେ ନିଜର ନିଜସ୍ୱ ମତାମତ, ସାକ୍ଷାତକାରରେ ନିଜର ଦକ୍ଷତା ଓ ଯୋଗ୍ୟତାର ଉପସ୍ଥାପନ ସହ ସ୍ୱଗତ କଥନ ଓ ସଂଳାପଭଙ୍ଗୀରେ ଶବ୍ଦାବଳୀର ବ୍ୟବହାର କଥନ କୌଶଳ କଥା କହିଥାଏ। କହିବାର ଭଙ୍ଗୀଟି ଯଦି ନିଆରା, ଉପସ୍ଥାପନା ଶୈଳୀଟି ଯଦି ସ୍ୱତନ୍ତ୍ର, କଥା କହିବାବେଳେ ଯୁକ୍ତି ବା ତଥ୍ୟଟି ଯଦି ଯୁକ୍ତିଯୁକ୍ତ ବା ଗ୍ରହଣ ଯୋଗ୍ୟ ତେବେ ତାହା ନିଶ୍ଚିତ ଭାବରେ ଅନ୍ୟର ଦୃଷ୍ଟି ଆକର୍ଷଣ କରିଥାଏ। କଥନ କୌଶଳରୁ ଜଣକର ବ୍ୟକ୍ତିତ୍ୱ ବିଷୟରେ ବୁଝିହୁଏ , କାରଣ କଥନ କୌଶଳ ଅନେକ ସମୟରେ ବ୍ୟକ୍ତିତ୍ୱ ବିକାଶ କ୍ଷେତ୍ରରେ ପ୍ରମୁଖ ମାଧ୍ୟମ ଭାବେ ଉଭା ହୋଇଆସିଛି, ଏମିତି ବି କୁହାଯାଇପାରେ ଯେ, ନିଜର ଦକ୍ଷତା – ଯୋଗ୍ୟତା – ସର୍ବୋପରି ସଫଳତା ପାଇଁ କଥନ କୌଶଳର ସଦୁପଯୋଗ କରାଯାଇଥାଏ। କଥନ କୌଶଳ ସବୁବେଳେ ସହାୟକର ଭୂମିକା ନିର୍ବାହ କରିଆସିଛି। ଜଣେ ବକ୍ତା (Speaker) କୌଣସି ଏକ ବିଷୟ ଉପରେ ବକ୍ତବ୍ୟ ପ୍ରଦାନ ସମୟରେ ସୁନ୍ଦର କଥନ ଶୈଳୀ ସହ କଥନ ଭଙ୍ଗୀ ଉପରେ ମଧ୍ୟଗୁରୁତ୍ୱ ଦେଇଥା'ନ୍ତି। ବିତର୍କ ବା ବକ୍ତୃତା ଏବଂ ଦଳଗତ ଆଲୋଚନାରେ ଆମେ କ'ଣ କହିବା (What to Speak) ଏବଂ କିପରି କହିବା (How To Speak ) – ଏ ଦୁଇଟି ଦିଗ ଉପରେ ବିଶେଷ ଧ୍ୟାନ ଦେବା ଆବଶ୍ୟକ। ବିତର୍କ, ବକ୍ତୃତା ବା ଦଳଗତ ଆଲୋଚନାର ବିଚାରକମଣ୍ଡଳୀ ମୁଖ୍ୟତଃ ତିନୋଟି କଥାର ବିଚାର କରି ବକ୍ତାକୁ ନମ୍ବର ଦେଇଥାନ୍ତି। ସେହି ତିନୋଟି କଥା ହେଲା – ଭାଷା (Language) ବିଷୟ ବା ପ୍ରସଙ୍ଗ (Content) ଏବଂ ଉପସ୍ଥାପନା (Style or Presentation) ଭାଷାରେ ଦେଖାଯାଏ ବିଷୟ ଆବଶ୍ୟକ କରୁଥିବା ଭାଷା ବକ୍ତା ଜଣକ ବ୍ୟବହାର କରୁଛି କି ନାହିଁ। ଭାଷା ଯଥା ସମ୍ଭବ ସରଳ ଓ ସାବଲୀଳ କି ନୁହେଁ ଇତ୍ୟାଦି। ସେହିପରି ବିଷୟ ବା ପ୍ରସଙ୍ଗରେ ଦେଖାଯାଇଥାଏ ଯାହା ବିଷୟ ତା ଉପରେ ବକ୍ତାର ପ୍ରବେଶ କେତେ, ସେ କେତେଦୂର ସେହି ବିଷୟ ଉପରେ ନିଜର ମତ ପ୍ରକାଶ କରୁଛି , ବିଷୟ ଅନୁସାରେ ସେ ବକ୍ତବ୍ୟ ଉପସ୍ଥାପନ କରୁଛି ନା ମନଇଚ୍ଛା ଏଣୁତେଣୁ କେହି ବିଷୟ ବାହାରେ ଚାଲିଯାଉଛି ଇତ୍ୟାଦି। ଉପସ୍ଥାପନାରେ ଲକ୍ଷ୍ୟ କରାଯାଏ, କେଉଁ ଭଳି ଭାବରେ ଭାବଭଙ୍ଗୀ ପ୍ରୟୋଗ କରି ବକ୍ତା ସେହି କଥାକୁ ଉପସ୍ଥାପନ

କରୁଛି । ଏହିଠାରେ 'କହି ଜାଣିଲେ କଥା ସୁନ୍ଦର' କଥାଟିର ଅକ୍ଷରେ ଅକ୍ଷରେ ପ୍ରମାଣ ପାଇଁ ସୁଯୋଗ ଟିକକ ଥାଏ । ବକ୍ତା ସେହି ସୁଯୋଗର ସଦୁପଯୋଗ କରିବା ଆବଶ୍ୟକ । ତେଣୁ ଭାଷା, ପ୍ରସଙ୍ଗ ଓ ଉପସ୍ଥାପନା – ବିତର୍କ , ବକ୍ତୃତା ଓ ଦଳଗତ ଆଲୋଚନାର ତିନୋଟି ପ୍ରମୁଖ ଦିଗ ବୋଲି ଆମେ କହିପାରିବା ।

## ୧.୩ ବିତର୍କ, ବକୃତା, ଦଳଗତ ଆଲୋଚନାର ପ୍ରସ୍ତୁତି

ତୁମେମାନେ ବିତର୍କ, ବକ୍ତୃତା ବା ଦଳଗତ ଆଲୋଚନାରେ ଭାଗନେବା ପୂର୍ବରୁ ବା ସେ ଦିଗରେ ପ୍ରସ୍ତୁତ ହେବାପାଇଁ କେତୋଟି କଥା ଉପରେ ଧ୍ୟାନ ଦେବା ଉଚିତ୍ । ଯେମିତିକି – ତୁମେମାନେ ପ୍ରଥମେ ଦୃଢ ଆତ୍ମବିଶ୍ୱାସ ରଖ ଯେ ତୁମେମାନେ ନିଶ୍ଚୟ ଭଲଭାବେ ଉଦ୍ଦିଷ୍ଟ ପ୍ରସଙ୍ଗ ଉପରେ କହିପାରିବ ବା ମତବ୍ୟକ୍ତ କରିପାରିବ । ତୁମେମାନେ ଦେଉଥିବା ବା ଦେବାକୁ ଥିବା ଭାଷଣ ପୂର୍ବରୁ ନିଜକୁ ପ୍ରସ୍ତୁତ କରିନିଅ । ପାଇଥିବା ବିଷୟଟିକୁ କେମିତି ତଥ୍ୟଭିତ୍ତିକ କରିପାରିବ ସେଥିପାଇଁ ଭଲଭାବେ ପଢାପଢ଼ି କରି ତଥ୍ୟ ସଂଗ୍ରହ କରିନିଅ । କ'ଣ କହିବ ସେଥିପାଇଁ ଲେଖାଟିଏ ପ୍ରଥମେ ପ୍ରସ୍ତୁତ କରି ନିଜେ ନିଜେ ସେହି ଲେଖା ଆଧାରରେ କହିବାର ଅଭ୍ୟାସ କର । ଏହି ଲେଖାରେ ସମ୍ବୋଧନତକ ଯଥା ; ମାନନୀୟ ବିଚାରକମଣ୍ଡଳୀ, ଉପସ୍ଥିତ ସୁଧିବୃନ୍ଦ, ମୋ'ର ପ୍ରିୟ ପ୍ରତିଯୋଗୀଗଣ ଇତ୍ୟାଦି ଆବଶ୍ୟକତା ଅନୁସାରେ ରହିବା ଉଚିତ୍ । ଲେଖାଟିକୁ ଅଭ୍ୟାସ କରିବାବେଳେ ମୁହଁ ଉପରକୁ କରି କହିବାର ପ୍ରୟାସକର । ଯେମିତି ଲେଖିଛ, କହିବାର ଅଛି ବୋଲି ଭାବିଛ ସେହି ଅନୁସାରେ ପ୍ରତ୍ୟେକ ଶବ୍ଦକୁ ସ୍ପଷ୍ଟଭାବେ ଉଚ୍ଚାରଣକରି ଯେଉଁଠାରେ ବାକ୍ୟଟି ସରୁଛି ସେଠାରେ ବିରାମ ଚିହ୍ନ ବ୍ୟବହାର କର । ବିସ୍ମୟସୂଚକ ଚିହ୍ନ ବା ପ୍ରଶ୍ନବାଚୀ ଥିଲେ ତୁମେ କହିବାବେଳେ ସେହିଭଳି କୁହ । ପ୍ରସଙ୍ଗର ଆବଶ୍ୟକତା ଅନୁସାରେ ଯଦି କିଛି ସଂସ୍କୃତ ବା ଇଂରାଜୀ ପଙ୍କ୍ତି ଉଦ୍ଧାର କରିପାରିବ ତେବେ ଖୁବ୍‌ଭଲ । କାରଣ ଏହା ତୁମ ଜ୍ଞାନର ପରିଚୟ ଦିଏ ଏବଂ ବିଚାରକମଣ୍ଡଳୀଙ୍କୁ ପ୍ରଭାବିତ କରିଥାଏ । ନିଜର ବକ୍ତବ୍ୟକୁ ସମ୍ବୋଧନ, ବିଷୟ ବର୍ଣ୍ଣନା ବା ବିଷୟ ବିନ୍ୟାସ ଏବଂ ଉପସଂହାର – ଏହିପରି ତିନି ଭାଗରେ ବିଭକ୍ତ କରି ସେହି ଅନୁସାରେ କ'ଣ କୁହାଯିବ ନିଜକୁ ସଜାଡିନିଅ । ଉପସଂହାରରେ ତୁମର ନିଜସ୍ୱ ମତ ବା ମନ୍ତବ୍ୟ ଦେଇ ସେହି ବିଷୟରେ ତୁମର ସପକ୍ଷ ବା ବିପକ୍ଷ ମତାମତ ଦେଇପାର । ବଡପାଟିରେ ଖୁବ୍ ସ୍ପଷ୍ଟ ଭାବେ ବିଷୟ ଉପରେ ବକ୍ତବ୍ୟ ରଖିବାକୁ ଅଭ୍ୟାସ କର । ଯେହେତୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ତୁମେମାନେ କହିବାର ଅଛି ତେଣୁ ସେବିଷୟରେ ସଚେତନ ହୋଇ ବକ୍ତବ୍ୟ ରଖ । ବେଶପୋଷାକ, କହିବାର ଭଙ୍ଗୀ, ଉପସ୍ଥାପନା ଶୈଳୀ ପ୍ରତି ମଧ୍ୟ ଧ୍ୟାନ ଦିଅ । କହିବାବେଳେ ଏସବୁ ପ୍ରତି ମଧ୍ୟ ବିଚାରକଗଣ ଦୃଷ୍ଟି ଦେଇଥା'ନ୍ତି । କହିବାବେଳେ ଖୁବ୍ ଭାବପ୍ରବଣ କି ଉତ୍ତେଜିତ ହୋଇ କିଛି କୁହନାହିଁ କି କାହାକୁ ନିନ୍ଦା ବା ସମାଲୋଚନା କରନାହିଁ । ତୁମେ କହୁଥିବା କଥାଟି ଆରମ୍ଭରୁ ଶେଷଯାଏଁ ଯେମିତି ବିଚାରକମଣ୍ଡଳୀଙ୍କୁ ଆକୃଷ୍ଟ କରିପାରିବ ସେଦିଗରେ ଯତ୍ନବାନ ହେବା ଜରୁରୀ, ବିତର୍କ, ବକ୍ତୃତା ବା ସ୍ୱଗତ କଥନରେ ନିଜସ୍ୱ ମତାମତ ନିଜେ ସ୍ପଷ୍ଟ ଭାବେ କହିବାର ସୁଯୋଗ ଥିବାବେଳେ ଦଳଗତ ଆଲୋଚନାରେ ଥାଏ ନିଜ ମତାମତ ଦେବାର ସୁଯୋଗ । ଦଳଗତ ଆଲୋଚନାରେ ଥାଆନ୍ତି ଜଣେ ସଂଯୋଜକ ବା ସଞ୍ଚାଳକ ଯିଏ କି ସେହି ନିର୍ଦ୍ଦିଷ୍ଟ ଦଳ ମଧ୍ୟରେ ସମନ୍ୱୟ ରକ୍ଷା କରି ବିଷୟର ପ୍ରାସଙ୍ଗିକତାକୁ ବିଚାର କରି କହିବାରେ ସୁଯୋଗ ଦେଇଥା'ନ୍ତି । ତେବେ, ବିତର୍କ, ବକ୍ତୃତା ବା ସ୍ୱଗତ କଥନରେ ଥାଏ ସମୟଗତ ସ୍ୱାଧୀନତା । ନିର୍ଦ୍ଧାରିତ ଚାରି ବା ପାଞ୍ଚ ମିନିଟ ମଧ୍ୟରେ ବିନା ବିରତି ବା ବିନା ବାଧାରେ ବକ୍ତା ଜଣକ ବିଷୟ ଉପରେ ଯାହା କହିବାର ଥାଏ କହିପାରେ ।

ତେଣୁ ତୁମେମାନେ ଏଥିପ୍ରତି ଧ୍ୟାନଦେଇ ଆଦୌ ବିବ୍ରତ କି ବିଚଳିତ ନହୋଇ, ବିଷୟ ଉପରେ ବକ୍ତବ୍ୟ ରଖିପାର। ସ୍ପଷ୍ଟ, ପ୍ରାଞ୍ଜଳ, ନିର୍ଭୁଲ୍, ତଥ୍ୟଭିତ୍ତିକ, ଉଦାହରଣପୂର୍ଣ୍ଣ, ଯୁକ୍ତି ଆଧାରିତ, ବକ୍ତବ୍ୟ ସବୁବେଳେ ପସନ୍ଦଯୋଗ୍ୟ ହୋଇଥାଏ। ବିଷୟ ଯାହା ଚାହିଁଛି ସେବିଷୟରେ ସଚେତନ ହୋଇ ଖୁବ୍ ସ୍ପଷ୍ଟଭାବେ ନମ୍ରତାର ସହ ଆକର୍ଷଣୀୟ ଶୈଳୀରେ ବୁଝାଇ କହିଲେ ବିଚାରକମଣ୍ଡଳୀ ଏବଂ ଉପସ୍ଥିତ ଶ୍ରୋତୃବୃନ୍ଦ ମୁଗ୍ଧ ହୋଇଥା'ନ୍ତି। ଏହା ଏକ କହିବାରକଳା।

## ୧.୩.୧ ବକ୍ତୃତାର ବିଷୟ

ଆମେ ଲକ୍ଷ୍ୟକରୁ ଯେ, ବିତର୍କ ବା ବକ୍ତୃତା ଅନେକ ସମୟରେ ଦିବସ ଭିତ୍ତିକ ହୋଇଥାଏ। ଯେମିତିକି ସେନାଦିବସ, ସଂହତିଦିବସ, ଶିଶୁଦିବସ, ଗୁରୁଦିବସ, ପରିବେଶଦିବସ, ଜାତିସଂଘଦିବସ, ସ୍ୱାଧୀନତାଦିବସ, ସାଧାରଣତନ୍ତ୍ର ଦିବସ, ଶ୍ରମିକଦିବସ, ଏଡ୍‌ସ ଦିବସ ଇତ୍ୟାଦି। ଯଦି ବିଷୟଟି ନିର୍ଦ୍ଦିଷ୍ଟ ଦିବସ ଆଧାରିତ ହୋଇଥାଏ, ତେବେ ତୁମେମାନେ ସେହି ଦିବସ ପାଳନର ତାତ୍ପର୍ଯ୍ୟ ସହ କେବେଠାରୁ ଓ କାହିଁକି ସେହି ଦିବସଟି ପାଳନ କରାଯାଉଛି ଏବଂ ଦିବସର ନାମକରଣର ଯଥାର୍ଥତା ନେଇ ତଥ୍ୟ ସଂଗ୍ରହ କରିବା ଦରକାର। ଏଭଳି ଦିବସ କାହିଁକି ପାଳନ କରାଯାଏ, କେଉଁ ପରିସ୍ଥିତିରେ କେବେଠାରୁ ଏହି ଦିବସ ପାଳିବା ଆବଶ୍ୟକ ମନେହେଲା, ଏଭଳି ଦିବସର ଉଦ୍ଦେଶ୍ୟ ଓ ଉପାଦେୟତା ବିଷୟରେ ତୁମେମାନେ ପୂର୍ବରୁ ଅବଗତ ଥିଲେ କହିବାର ସୁବିଧା ହୁଏ। ନିଜପାଖରେ ତଥ୍ୟ ସହ ଯୁକ୍ତି ଥିଲେ କହିବାପାଇଁ ଥିବା କଥାଟି ସୁନ୍ଦର ଭାବେ ଆଗକୁ ଆଗକୁ ଆଗେଇ ଯାଇଥାଏ। ତେଣୁ ବିଷୟ ସଚେତନତା (Subject Awareness) ବିତର୍କ ଓ ବକ୍ତୃତାର ଗୋଟିଏ ବଡ଼ ଆବଶ୍ୟକତା । ଆମେ ଏହାକୁ ପ୍ରାଥମିକ (Primary) ବୋଲି କହିପାରୁ, ଯାହା ଆଧାରରେ କି ବିଷୟକୁ ଗଢ଼ିହୁଏ ବା ବାଢ଼ିହୁଏ। ବିଷୟ ସଚେତନତା ହେଉଛି ଭିତ୍ତିଭୂମି ବା ଆଧାର। ଏହା ଉପରେ ବିଷୟ ନିର୍ମାଣ ହୋଇଥାଏ। ତେବେ ବିଷୟ କେବଳ ଦିବସ ଭିତ୍ତିକ ହୋଇନଥାଏ। ଏହାମଧ୍ୟ ଜୟନ୍ତୀ ବିଶେଷାଙ୍କ ହୋଇଥାଏ। ଯେମିତିକି – ଗୋପବନ୍ଧୁ ଜୟନ୍ତୀ, ମଧୁ ଜୟନ୍ତୀ, କବିବର ଜୟନ୍ତୀ, ସ୍ୱଭାବକବି ଜୟନ୍ତୀ, ଫକୀରମୋହନ ଜୟନ୍ତୀ, ଗାନ୍ଧୀଜୟନ୍ତୀ, ନେହେରୁ ଜୟନ୍ତୀ, ବିଜୁପଟ୍ଟନାୟକ ଜୟନ୍ତୀ, ହରେକୃଷ୍ଣ ମହତାବ ଜୟନ୍ତୀ, ନବକୃଷ୍ଣ ଚୌଧୁରୀ ଜୟନ୍ତୀ ଇତ୍ୟାଦି। ଏହିସବୁ ଜୟନ୍ତୀ ବିଶେଷାଙ୍କ ବିତର୍କ ବା ବକ୍ତୃତାରେ ଯାହାଙ୍କ ଉଦ୍ଦେଶ୍ୟରେ ଜୟନ୍ତୀ ଆୟୋଜିତ ତାଙ୍କ ବ୍ୟକ୍ତିତ୍ୱ ଓ କୃତିତ୍ୱ ବିଷୟରେ ବିଶେଷ ଆଲୋକପାତକରିବା ଆବଶ୍ୟକ। ଅବଶ୍ୟ ତାଙ୍କ ଜନ୍ମସ୍ଥାନ, ଶିକ୍ଷାଗତ ଯୋଗ୍ୟତା, ପିତାମାତାଙ୍କ ନାମ ଇତ୍ୟାଦି କେତୋଟି କଥାକୁ ଏଡ଼ାଇ ଦେଇପାରିଲେ ଭଲ। କାରଣ ଏସବୁ କହିଲେ ସମୟସୀମା ମଧ୍ୟରେ ବିଷୟ ଚାହୁଁଥିବା  କଥାଟକ କହିହୁଏନା। ବିତର୍କ ବା ବକ୍ତୃତାରେ ସମୟ ଟିକକ ବଡ କଥା, ସେହି ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ନିଜସ୍ୱ ଶୈଳୀରେ ବିଷୟବସ୍ତୁ ଉପସ୍ଥାପନା ହିଁ ବକ୍ତୃତାର ବୈଶିଷ୍ଟ୍ୟ। ବକ୍ତୃତାର ଏହି ବୈଶିଷ୍ଟ୍ୟ ବା ବିଶେଷତ୍ୱ ପ୍ରତି ସଚେତନ ହୋଇ ବକ୍ତବ୍ୟ ଦେବା ବିଧେୟ। ଯେଉଁ ବ୍ୟକ୍ତିବିଶେଷଙ୍କ ଜୟନ୍ତୀ ଅବସରରେ ବକ୍ତୃତାର ଆୟୋଜନ ହୋଇଥାଏ ତାଙ୍କ ବିଷୟରେ ସବିଶେଷ ଅବଗତ ହୋଇ ପୂର୍ବରୁ ପ୍ରସ୍ତୁତ ହୋଇଥିଲେ କହିବାକୁ ସୁବିଧା ହୋଇଥାଏ। ସେ ଯେଉଁ ଉପାଧି ବା ପଦବୀ ମଣ୍ଡିତ ହୋଇ ନିଜର ପରିଚୟଟିଏ ତିଆରି କରିପାରିଥିଲେ ସେ କଥା ବକ୍ତବ୍ୟ ଛଳରେ କହିପାରିଲେ ଭଲକଥା ଯେମିତିକି – ଉତ୍କଳମଣି, ଉତ୍କଳଗୌରବ, ଶୁଦ୍ରମୁନି, ବ୍ୟାସକବି, କବିବର, ସ୍ୱଭାବକବି, ଉତ୍କଳକେଶରୀ, ବାଚସ୍ପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଇତ୍ୟାଦି। ଧରାଯାଉ- ସରସ୍ୱତୀ ଫକୀରମୋହନ,

ଏହି ଉପାଧିଟି କେଉଁ ପରିସ୍ଥିତିରେ କିଏ ଏବଂ କାହିଁକି ଏହାକୁ ପ୍ରଦାନ କରିଥିଲେ ତାହା ଯଦି ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ବା ଶ୍ରାଦ୍ଧଦିବସପାଳନ ଅବସରରେ ଆୟୋଜିତ ବକ୍ତୃତାରେ କୁହାଯାଇପାରେ, ତେବେ ଭଲ। କିଛି ନ କୁହାଯାଇଥିବା କଥାକୁ କୌଶଳକ୍ରମେ କହିପାରିଲେ ତାହା ଅନ୍ୟର ଦୃଷ୍ଟି ଆକର୍ଷଣ କରିପାରେ। ଅନ୍ୟବକ୍ତା ବା ପ୍ରତିଯୋଗୀଙ୍କ ଠାରୁ ନିଜକୁ ଅଲଗା ବା ସ୍ୱତନ୍ତ୍ର ବୋଲି ପରିଚିତ ବା ପ୍ରମାଣିତ କରିବାକୁ ହେଲେ କିଛି ନୂଆ ତଥ୍ୟ, କିଛି ନୂଆ ଯୁକ୍ତିର ଅବତାରଣା କରିବାର ଯଥାର୍ଥତା ଅଛି। ଏହାକୁ ଆଖିଆଗରେ ରଖି ବକ୍ତବ୍ୟ ହେବା ଜରୁରୀ। ଦିବସଭିତ୍ତିକ ଜୟନ୍ତୀ ବିଶେଷାଙ୍କ ଭଳି ବେଳେବେଳେ ମଧ୍ୟ ପ୍ରସଙ୍ଗ ଭିତ୍ତିକ ବକ୍ତୃତା ହୋଇଥାଏ। ଯେମିତିକି - ପରିବେଶ ପ୍ରଦୂଷଣ, ଜୀବନର ଲକ୍ଷ୍ୟ, ଛାତ୍ରଜୀବନରେ ଶୃଙ୍ଖଳା, ନାରୀ ସ୍ୱାଧୀନତା, ଭାଷାଶିକ୍ଷା, ନିରକ୍ଷରତା, ଜାତୀୟ ସଂହତି, ପରମ୍ପରା ଓ ଆଧୁନିକତା, ଜନସଂଖ୍ୟା ବୃଦ୍ଧି ଇତ୍ୟାଦି। ଏସବୁ ବିଷୟ ଥିଲେ ନିଜର ଜ୍ଞାନ ଓ ବୁଦ୍ଧିର ପରିଚୟ ଦେବାକୁ ହୁଏ। କେମିତି ଯୁକ୍ତି ଉପସ୍ଥାପନା କଲେ, କେତେ ତଥ୍ୟ ଦେଇ କଥାକୁ ବଳିଷ୍ଠ କରିପାରିବା ତାର ଆବଶ୍ୟକତା ଅନୁଭୂତ ହୋଇଥାଏ। ସାକ୍ଷାତକାର ସମୟରେ ବ୍ୟକ୍ତିତ୍ୱ (Personality) ବିଚାର କରାଯାଏ, ସ୍ୱଗତ କଥନ ବେଳେ ନିଜସ୍ୱ ସ୍ୱାତନ୍ତ୍ର୍ୟ ଦେଖାଯାଏ , ସଂଳାପଭଙ୍ଗୀରେ କଥା କହିବାର କୌଶଳ ବା ନାଟକୀୟତାକୁ ପ୍ରାଧାନ୍ୟ ଦିଆଯାଇଥାଏ। ସେହିପରି ବିତର୍କ, ବକ୍ତୃତା, ଦଳଗତ ଆଲୋଚନାରେ ବିଷୟର ବିନ୍ୟାସ ଓ ବିସ୍ତାର ହୋଇଥାଏ।

## ୧.୩.୨ କଥନ କୌଶଳର ପ୍ରାସଙ୍ଗିକତା

ବିଷୟର ସଜ୍ଜୀକରଣ, ବିଷୟର ଉପସ୍ଥାପନା, ବିଷୟ ନେଇ ନିଜସ୍ୱ ଚିନ୍ତାଧାରା ବା ଦୃଷ୍ଟିଭଙ୍ଗୀ, ବିଷୟ ଉପରେ ନିଜର ଜ୍ଞାନଗତ ଗଭୀରତା, ବିଷୟକୁ ସଜେଇ କହିବାର କଳା ବା କୌଶଳ, ବିଷୟ ଆବଶ୍ୟକତା କରୁଥିବା ତଥ୍ୟ ଓ ଯୁକ୍ତିର ସମନ୍ୱୟ ଇତ୍ୟାଦି ବିଭିନ୍ନ ବିଷୟକୁ ନେଇ କଥନ କୌଶଳ (Speaking Technique) ଏହି କୌଶଳ ହିଁ ବିତର୍କ, ବକ୍ତୃତା, ଦଳଗତ ଆଲୋଚନା, ସାକ୍ଷାତକାର, ସ୍ୱଗତକଥନ ଓ ସଂଳାପଭଙ୍ଗୀକୁ ଅଲଗା କରି ଚିହ୍ନାଇଥାଏ। ଏସବୁ କିଭଳି ପରସ୍ପରଠାରୁ ପୃଥକ ତାହା ଏହି କଥନ କୌଶଳରୁ ସ୍ପଷ୍ଟ ବୁଝାପଡେ। କଥନ କୌଶଳ ଅଧିକାଂଶତଃ ବ୍ୟକ୍ତିତ୍ୱ ବିକାଶ (Personality Development) ରେ ସହାୟକ ହୋଇଥାଏ। ନିଜକୁ ଉପସ୍ଥାପନ କରିବା ବା ନିଜର ବକ୍ତବ୍ୟ ପ୍ରକାଶ କରିବା ପାଇଁ ଯେହେତୁ ମାଧ୍ୟମ (medium)' ଟି କଥିତ, ତେଣୁ ପ୍ରତ୍ୟକ୍ଷ ସହାୟକ ଏଥିରେ ଅନୁଭୂତ ହୋଇଥାଏ, କହିବାବେଳେ ସମ୍ମୁଖରେ ଜଣେ ବା ଏକାଧିକ ଜଣ ଏକାଠି ଉପସ୍ଥିତ ଥାନ୍ତି, ତେଣୁ ନିଜକୁ ସୁନ୍ଦର ଭାବେ ଉପସ୍ଥାପନ କରି ଅନ୍ୟସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରାଯାଇପାରେ। ନିଜର ଉପସ୍ଥାପନା ଶୈଳୀର ସ୍ୱାତନ୍ତ୍ର୍ୟ, ବେଶ ପୋଷାକ , ଭାବ- ଭଙ୍ଗୀର ଆବଶ୍ୟକତା କଥନ କୌଶଳରେ ନିହିତ ଥାଏ। ସେହିଭଳି ବିଷୟ ଚାହୁଁଥିବା ଶବ୍ଦ ସବୁ ପ୍ରୟୋଗ କରିବା କିଛି କମ୍ କଥା ନୁହେଁ। କେମିତି କୁହାଯିବ, କୋଉ କଥା କୁହାଯିବ, କେତେ ବାଗରେ ସଜେଇ କୁହାଯିବ ଏସବୁ କଥା କଥନ କୌଶଳର ଅନ୍ତର୍ଭୁକ୍ତ। ବକ୍ତବ୍ୟ ଦେବା ସମୟରେ ତୁମେ ମାନେ ବକ୍ତୃତା ବା ବିତର୍କର ଗଢଣ ବା ଗଠନ (structure), ଶୈଳୀ (style) ଓ ଭାଷା ପରିପାଟୀ ( language) ବିଷୟରେ ବିଶେଷ ଗୁରୁତ୍ୱ ଦେବା ଆବଶ୍ୟକ। ଦିଆଯାଇଥିବା ବିଷୟଟି ସାଂପ୍ରତିକ ସମସ୍ୟାଭିତ୍ତିକ, ଦିବସ ସମ୍ବନ୍ଧୀୟ, ପର୍ବପର୍ବାଣି ସମ୍ବନ୍ଧୀୟ, ସାମାଜିକ ସମସ୍ୟା ମୂଳକ, ସାହିତ୍ୟ- ସଂସ୍କୃତି ସମ୍ବନ୍ଧୀୟ ନା ଜୀବନୀଭିତ୍ତିକ

ସେ ବିଷୟରେ ଅବଗତ ହୋଇ ପ୍ରସ୍ତୁତି ସହ କହିବାକୁ ପଡିଥାଏ । କହିବା ସମୟରେ ଭାଷା, ଶୈଳୀ ଓ ବିଷୟବସ୍ତୁର ସମନ୍ୱୟ ଲକ୍ଷ୍ୟ କରାଯାଏ । ବିଶେଷକରି ବକ୍ତବ୍ୟର ଉପକ୍ରମ (Introduction) , ଆଖ୍ୟାନ (body) ଓ ଉପସଂହାର (conclusion) ବିଚାରକ ବା ଉପସ୍ଥିତ ଶ୍ରୋତାମଣ୍ଡଳୀ ଲକ୍ଷ୍ୟ କରିଥାନ୍ତି । ବକ୍ତବ୍ୟର ବାକ୍ୟ ଗୁଡ଼ିକ ଯଥା ସମ୍ଭବ ସୁନ୍ଦର ଓ ସରଳ ହେଲେ ଭଲ । କ୍ଲିଷ୍ଟ ବା ଜଟିଳ ବାକ୍ୟରେ ଯଦି ବିଷୟଟିର ଅବତାରଣା କରାଯାଏ, ତେବେ ମଝିରେ ମଝିରେ ତୁମେମାନେ ହୁଏତ କହିବାବେଳେ ଅଟକି ଯିବାର ବା ମନେ ନପଡିବାର ଆଶଙ୍କା ଥାଏ, ଏଭଳି ଅପ୍ରୀତିକର ପରିସ୍ଥିତିରେ ସମ୍ମୁଖୀନ ହେବା ଅପେକ୍ଷା ଯଥାସମ୍ଭବ ଠିକ୍ ଭାବେ କଥାଟିକୁ କହିବା ଶ୍ରେୟସ୍କର ମନେହୁଏ, ସେହି ଭଳି ଆଉ ଗୋଟିଏ କଥା, ତୁମେମାନେ ପ୍ରାୟତଃ ବିଭିନ୍ନ ଉଦ୍ଧୃତି (Quotation) ଦେଇ ବକ୍ତୃତା ବା ବିତର୍କଟିକୁ ସୁନ୍ଦର କରିବାର ପ୍ରୟାସ କରିଥାଅ । ତେବେ ମନେ ରଖ, ଏଥିରେ ସଠିକତା ଯେମିତିକି କିଏ କହିଛନ୍ତି, କେଉଁ ପ୍ରସଙ୍ଗରେ କହିଛନ୍ତି ତାହା ମଧ୍ୟ ସଠିକ୍‌ଭାବେ କୁହାଯିବା ଆବଶ୍ୟକ । ଧରାଯାଉ ମାତୃଭାଷା ବିଷୟ ଆଧାରିତ କୌଣସି ବିତର୍କ ବା ବକ୍ତୃତାରେ ତୁମେମାନେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଲିଖିତ ପରିଚିତ ପଙ୍‌କ୍ତି –

" ମାତୃଭୂମି ମାତୃଭାଷାର ମମତା
ଯା ହୃଦେ ଜନମି ନାହିଁ
ତାକୁ ଯେବେ ଜ୍ଞାନୀ ଗଣରେ ଗଣିବା
ଅଜ୍ଞାନ ରହିବେ କାହିଁ ?"

କୌଣସି ବକ୍ତୃତାର ପ୍ରାସଙ୍ଗିକତାକୁ ଲକ୍ଷ୍ୟ କରି ବକ୍ତବ୍ୟ ମଝିରେ ଉଦାହରଣ ବା ଦୃଷ୍ଟାନ୍ତ ଭାବେ ଏହାକୁ ଉଦ୍ଧାର କରିବାକୁ ଚାହୁଁଛ ଭଲକଥା । ତେବେ ଏହି କବିତା ପଙ୍‌କ୍ତିଟି ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଲିଖିତ ବୋଲି କହିବାକୁ ଯେପରି ନ ଭୁଲ । ଯଦି ଭୁଲ୍‌ବଶତଃ ପଙ୍‌କ୍ତିଟି ଉତ୍କଳମଣି ଗୋପବନ୍ଧୁ ଦାସ ବା କବିବର ରାଧାନାଥ ରାୟଙ୍କ ଲିଖିତ ବୋଲି କହିଦିଅ, ତେବେ ତୁମ କହିବା ନିରର୍ଥକ ହୋଇଯିବ । ଏଭଳି କହିଲେ ତୁମ ବକ୍ତୃତା ବା ବିତର୍କ ପାଇଁ ସ୍ଥିରୀକୃତ ନମ୍ବରରୁ ନମ୍ବର କଟିଯିବାର ସମ୍ଭାବନା ବା ଆଶଙ୍କା ରହିଛି । ତୁମେ ଯାହା କହୁଛ ଯେତିକି କହୁଛ ସେତିକି ଯେମିତି ନିର୍ଭୁଲ୍, ଯୁକ୍ତିଯୁକ୍ତ ତଥ୍ୟଭିତ୍ତିକ ହୋଇପାରିବ ସେଥିପ୍ରତି ତୁମେମାନେ ଧ୍ୟାନ ଦେବା ଆବଶ୍ୟକ । ମନେରଖ, ତୁମମାନଙ୍କର ବକ୍ତୃତାଟି ନିଜସ୍ୱ ସୃଜନଶକ୍ତି, ଚିନ୍ତାଶକ୍ତି ଓ କଳ୍ପନା ଶକ୍ତିର ତ୍ରିବେଣୀ ସଦୃଶ । ନିଜର ଜ୍ଞାନ ଗରିମା, ନିଜର ବୃଦ୍ଧିବିବେକ, ନିଜର ସ୍ମରଣଶକ୍ତି – ଏସବୁ କଥନକୌଶଳରେ ଆବଶ୍ୟକ, ନିଜେ ନିଜର ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି କହିବାକୁଥିବା କଥାକୁ କେମିତି ଭଲ ଭାବେ ବାଗେଇ କହିପାରିବ ତାହା ତୁମ ଉପରେ ନିର୍ଭର କରିଥାଏ ।ଯେତିକି ମନେରଖିପାରିବ, ସେତିକି ଅଭ୍ୟାସ କରି ମନେପକାଇ କହିବାଟା ଭଲ ।

ତୁମେମାନେ ଯାହା କହିବାକୁ ଚାହୁଁଛ, ତାହାକୁ ଭଲଭାବେ ପ୍ରସ୍ତୁତ କର । ପ୍ରଥମେ ବିଷୟବସ୍ତୁକୁ ଭଲଭାବେ ବୁଝ, କେମିତି ଏହି ବିଷୟବସ୍ତୁର ବାଖ୍ୟା ବା ବର୍ଣ୍ଣନା କଲେ ଅନ୍ୟମାନଙ୍କ ହୃଦୟ ଜିଣି ପାରିବ ସେଥିପାଇଁ ପ୍ରସ୍ତୁତି ବା ଯୋଜନା କର । ବିଷୟବସ୍ତୁର ଗୁରୁତ୍ୱ ବୁଝିବା ସହ ବିଷୟବସ୍ତୁ ଉପରେ ଗୁରୁତ୍ୱ ଆରୋପ

କରିବା ଭଲବକ୍ତାର ଅନ୍ୟତମ ଲକ୍ଷଣ, ଭାଷଣ ବା ବକ୍ତୃତା ଦେବାବେଳେ ଉତ୍ସାହିତ ହୁଅନ୍ତୁ, ନିରାଶ ହୁଅନ୍ତୁ ନାହିଁ। ସେହିପରି ଏକନିଷ୍ଠ ହୋଇ ବକ୍ତବ୍ୟ ପ୍ରଦାନକରି ଅନ୍ୟମାନଙ୍କ ଧ୍ୟାନ ଆକର୍ଷଣ କରନ୍ତୁ। ଉତ୍କଣ୍ଠା ସୃଷ୍ଟି କରିପାରିଲେ ଭଲ। ଯଦି କିଛି ଘଟଣା ବା ଉଦାହରଣ ବକ୍ତବ୍ୟ ମଝିରେ ଆବଶ୍ୟକତା ଅନୁସାରେ କହିପାରିବ, ତେବେ ତାହା ନିଶ୍ଚୟ ଅନ୍ୟମାନଙ୍କୁ ଆକୃଷ୍ଟ କରିବ। ଏଠାରେ ଗୋଟିଏ ନମୁନା ଭାଷଣ ଲକ୍ଷ୍ୟ କଲେ ବୁଝାପଡିବ ଉଦାହରଣର ଆବଶ୍ୟକତା କେତେ ଜରୁରୀ।

## ୧.୩.୩ ନମୁନା ବକ୍ତୃତା

***ବକ୍ତୃତାର ବିଷୟ – ଉତ୍କଳ ଦିବସ ପାଳନର ଯଥାର୍ଥତା***

***ବକ୍ତୃତାର ପ୍ରଥମ ଭାଗ-***



"ମାତୃଭୂମି ମାତୃଭାଷାର ମମତା ଯା ହୃଦେ ଜନମି ନାହିଁ

ତାକୁ ଯେବେ ଜ୍ଞାନୀ ଗଣରେ ଗଣିବ

ଅଜ୍ଞାନ ରହିବେ କାହିଁ?"

ମାନନୀୟ ବିଚାରକ ମଣ୍ଡଳୀ! ମୋର ପ୍ରିୟ ପ୍ରତିଯୋଗୀ ଭାଇ ଓ ଭଉଣୀଗଣ। ଉପସ୍ଥିତ ସୁଧିବୃନ୍ଦ। ଆଜି ପବିତ୍ର ଉତ୍କଳ ଦିବସ ଉପଲକ୍ଷେ ଆୟୋଜିତ ଏହି ବକ୍ତୃତା ପ୍ରତିଯୋଗିତାରେ ଉତ୍କଳ ଦିବସ ପାଳନର ଯଥାର୍ଥତା ବିଷୟରେ ମୁଁ କିଛି କହିବାକୁ ଯାଉଛି। ବନ୍ଧୁଗଣ! ପ୍ରତିବର୍ଷ ଆମେ ମାତୃଭୂମିର ସମ୍ମାନାର୍ଥେ ଏହି ଦିବସ ପାଳନ କରୁଛୁ। ଏହା ଯଥାର୍ଥ, ଏଥିରେ ଦ୍ୱିମତ ନାହିଁ। ୧୯୩୬ ମସିହା ଏପ୍ରିଲ୍ ମାସ ୧ ତାରିଖ ଦିନ ପରାଧୀନ ଭାରତ ବର୍ଷର ପ୍ରଥମ ଭାଷାଭିତ୍ତିକ ପୃଥକ ପ୍ରଦେଶର ମାନ୍ୟତା ପାଇଥିଲା ଆମ ମାତୃଭୂମି ଉତ୍କଳ ବା ଓଡିଶା। ଓଡିଆ ମାତୃଭାଷାକୁ ଆଧାର କରି ଓଡିଶା ପ୍ରଦେଶ ଆମେ ପାଇଥିଲେ। ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦେବଙ୍କ ଅକ୍ଲାନ୍ତ ଉଦ୍ୟାମ ସତରେ ଏଦିଗରେଥିଲା ଅବିସ୍ମରଣୀୟ। ଆମ ଭାଷା ସାହିତ୍ୟର ରଥୀଗଣ ବିଶେଷକରି ବ୍ୟାସକବି ଫକୀର ମୋହନ ସେନାପତି, କବିବର ରାଧାନାଥ ରାୟ, ସ୍ୱଭାବକବି ଗଙ୍ଗାଧର ମେହେର ଏହିସ୍ରଷ୍ଟା ତ୍ରୟୀ ସେସମୟର ଓଡିଶାବାସୀଙ୍କୁ ଏକାଠି କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ।

***ବକ୍ତୃତାର ଦ୍ୱିତୀୟ ଭାଗ -*** ବନ୍ଧୁଗଣ! ଆଜି ପବିତ୍ର ଉତ୍କଳ ଦିବସ । ୧୯୩୫ ମସିହାର ଭାରତ ଶାସନ ଆଇନ ବଳରେ ୧୯୩୬ ମସିହାରେ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଥିବା ଓଡିଶା – ଆଜି ଆମ ସମସ୍ତଙ୍କର ଗର୍ବ ଓ ଗୌରବ। ତେବେ, ଆମେ ପ୍ରତିବର୍ଷ ଉତ୍କଳ ଦିବସ ଖୁବ୍ ଯାକଯମକରେ ପାଳୁଛେ, ଭାଷଣ ଦେଉଛେ, ବାଣ ଫୁଟାଉଛେ, ହେଲେ ଆମ ଜାତୀୟତା କାହିଁ? ଆମେ ଆମ ଓଡିଶାକୁ କେତେ ଭଲ ପାଉଛେ? ଓଡିଆ ଭାଷାକୁ କେତେ ଆଦର କରୁଛେ? ଏସବୁ ପ୍ରଶ୍ନର ଉତ୍ତର ଆମକୁ ଖୋଜିବାକୁ ହେବ। ଖାଲି ସଭାସମିତି କି ଭାଷଣ

ବାଜିରେ ଉତ୍କଳ ଦିବସ ପାଳନର ଯଥାର୍ଥତା କ'ଣ ତାହା ଆମେ ଆଜି ବୁଝିବା ଦରକାର। ଭାଷାଭିତ୍ତିକ ପ୍ରଥମ ପ୍ରଦେଶ ଓଡିଶାର ଟେକ ଆମେ ରଖିବା। ଆତ୍ମ ସମୀକ୍ଷା କରିବା ଆବଶ୍ୟକ।

***ବକ୍ତୃତାର ଶେଷ ଭାଗ*** - ଶେଷରେ ଏତିକି କହିବାକୁ ଚାହେଁ, ଆଜି ଆମେ ଶପଥ ନେବା ଉତ୍କଳକୁ ସର୍ବଶ୍ରେଷ୍ଠ ରାଜ୍ୟ ରୂପେ ଗଢିତୋଳିବା। ମାଆ ମାତୃଭୂମି, ମାତୃଭାଷାର ମର୍ଯ୍ୟାଦା ରଖିବା। ଓଡିଶାପାଇଁ କିଛି ଭାବିବା , କିଛି କରିବା ତାହା ହେଲେ ଏହି ଦିବସ ପାଳରେ ଯଥାର୍ଥତା,ପ୍ରମାଣ ହେବ। ପରିଶେଷରେ ଗୋଟିଏ କବିତାପଦ ଉଦ୍ଧାର କରି ମୋ ବକ୍ତବ୍ୟ ଶେଷ କରିବି –

ମାତୃଭୂମି ମାତୃଭାଷାର ବଦନ ।

ଦୀପ୍ତକର ଦେଇ ଧନ, ଧ୍ୟାନ, ମନ ।।

***ଦ୍ୱିତୀୟ ନମୁନା ଭାଷଣ*** – **ରକ୍ତଦାନ କଲେ , ପୁଣ୍ୟ ମିଳେ**

***ବକ୍ତବ୍ୟର ପ୍ରଥମ ଭାଗ*** – ମାନନୀୟ ବିଚାରକ ମଣ୍ଡଳୀ ! ଉପସ୍ଥିତ ପ୍ରତି ଯୋଗୀବୃନ୍ଦ। ଭାଇ ଓ ଭଉଣୀମାନେ। ଆଜି ବିଶ୍ୱରକ୍ତଦାନ ଦିବସ ଅବସରରେ ଏଠାରେ ଆୟୋଜିତ 'ରକ୍ତଦାନ କଲେ,ପୁଣ୍ୟ ମିଳେ' ବକ୍ତୃତା ପ୍ରତିଯୋଗିତାରେ ମୁଁ କିଛି କହିବାକୁ ଯାଉଛି। ପ୍ରଥମରୁ କହିରଖିବି, ଆଜିର ଶୀର୍ଷକରେ ଗୋଟିଏ ଶବ୍ଦ ଯୋଡିବାକୁ ଚାହେଁ। ରକ୍ତଦାନ କଲେ ଖାଲି ପୁଣ୍ୟ ମିଳେ ନାହିଁ, ମହାପୁଣ୍ୟ ମିଳେ। ତେଣୁ ମୁଁ କହିବି ରକ୍ତଦାନ କଲେ, ମହାପୁଣ୍ୟ ମିଳେ।

***ବକ୍ତବ୍ୟର ଦ୍ୱିତୀୟ ଭାଗ*** – ବନ୍ଧୁଗଣ ! ଆଜି ବିଶ୍ୱରକ୍ତଦାନ ଦିବସ, ଆମେ ଜାଣିଛେ ରକ୍ତ ସବୁବେଳେ ଦରକାର-ଯୁଦ୍ଧରେ,ଦୁର୍ଘଟଣାରେ, ଡାକ୍ତରଖାନାରେ। ଠିକ୍ ସମୟରେ ଠିକ୍ ରକ୍ତମିଳିଲେ ବିପଦ ଟଳିଯାଏ। ଜଣେ ମୃତ୍ୟୁମୁଖରୁ ବଞ୍ଚିଯାଏ। ଅବଶ୍ୟ ରକ୍ତଦାନ ନେଇ ଅନେକ ଭ୍ରାନ୍ତ ଧାରଣା ଆମ ମନରେ ଏବେ ବି ଅଛି। ଯେମିତିକି, ରକ୍ତ ଦେଲେ ଦେହ ଦୁର୍ବଳ ହେଇଯାଏ। ତେବେ ଏ କଥା ଠିକ୍ ନୁହେଁ। ବରଂ ରକ୍ତଦାନ କଲେ ଗୋଟିଏ ମୂଲ୍ୟବାନ୍ ଜୀବନ ରକ୍ଷା ପାଏ। ରକ୍ତଦାନ କଲେ ଉଚ୍ଚ ରକ୍ତଚାପ କମିଯାଏ। ହୃଦରୋଗ ହୁଏ ନାହିଁ। ତେଣୁ ରକ୍ତଦାନ କଲେ, ଆମେ କହିପାରିବା ମହାପୁଣ୍ୟ ମିଳେ। ଆମେ ଯଦି ଇତିହାସକୁ ଦେଖିବା ତେବେ ମନେପଡେ ଉଇଲିୟମ୍ ହାର୍ଭେ ନାମକ ଜଣେ ଭଦ୍ର ବ୍ୟକ୍ତି ପ୍ରଥମେ ରକ୍ତ ସଞ୍ଚାଳନ ପଦ୍ଧତି ଆବିଷ୍କାର କରିଥିଲେ। ତେବେ ଷ୍ଟିନର ପ୍ରଥମେ ବ୍ଲଡ୍ ଗ୍ରୁପ୍ ଆବିଷ୍କାର କରିଥିଲେ। ତାଙ୍କୁ ବ୍ଲଡ୍‌ଗ୍ରୁପ୍ ଜନକ କୁହାଯାଏ। ଏ, ବି, ସି – ଏଇ ତିନୋଟି ଗ୍ରୁପ୍‌ର ଆବିଷ୍କାର ପାଇଁ ତାଙ୍କୁ ୧୯୩୧ରେ ଭେଷଜରେ ନୋବେଲ ପୁରସ୍କାର ମିଳିଥିଲା। ତାଙ୍କରି ଜନ୍ମଦିନରେ ପ୍ରତିବର୍ଷ ଜୁନ୍ ୧୪ ତାରିଖରେ ଆମେ ବିଶ୍ୱରକ୍ତଦାନ ଦିବସ ପାଳନ କରିଆସୁଛୁ। ଏହି ଦିବସ ଆମକୁ ଅନେକ କଥା ଶିଖାଏ। ରକ୍ତଦାନ କିଭଳି ଏକ ମହତ୍‌ଦାନ ତାହାର ବାର୍ତ୍ତା ଦିଏ।



***ବକ୍ତବ୍ୟର ଅନ୍ତିମ ଭାଗ*** – ବନ୍ଧୁଗଣ ! ଆଜି ବିଶ୍ୱରକ୍ତଦାନ ଦିବସ । ଆମେ ଆଜି ଶପଥ କରିବାର ଦିବସ । ରକ୍ତଦେଲେ, ପୁଣ୍ୟ ମିଳେ । ରକ୍ତଦାନ, ମହତଦାନ । ଏହା ଆମେ ଅକ୍ଷରେ ଅକ୍ଷରେ ପାଳନ କରିବା ପାଇଁ ସଂକଳ୍ପ ନେବା । ମୋ'ର ପ୍ରିୟ ପ୍ରତିଯୋଗୀ ଭାଇ ଭଉଣୀ ମାନଙ୍କୁ ନିବେଦନ କରିବିଖାଲି ଏଠାରେ ନିଜ ନିଜର ଭାଷଣ ଦେଇ ଆମେ ଫେରିଯିବାନି, ବରଂ ରକ୍ତଦାନକଲେ ଯେ ମହାପୁଣ୍ୟ ମିଳେ – ଏକଥାକୁ ଆମେ ପ୍ରମାଣ କରିବା । ଏତିକି କହି ମୁଁ ମୋର ବକ୍ତବ୍ୟ ଶେଷ କରୁଛି । ଜୟହିନ୍ଦ୍ ।

ଏହିଦୁଇ ନମୁନା ଭାଷଣରୁ ଆମେ ଲକ୍ଷ୍ୟକଲେ, କେମିତି କୌଣସି ନିର୍ଦ୍ଦିଷ୍ଟ ଦିବସ ଉପରେ ଆଧାରିତ ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ହେଲେ ସେହି ଦିବସର ବିଶେଷତ୍ୱ ବା ତାତ୍ପର୍ଯ୍ୟ ବିଷୟରେ କହିବାକୁ ହୁଏ, ଏବଂ ସେହି ଦିବସ ବା ବିଷୟ ସମ୍ପର୍କିତ କିଛିଟା ଉଦାହରଣ ବି ଦେବାକୁ ହୁଏ । ଏଭଳି କହିଲେ ବିଚାରକବୃନ୍ଦ ଆକୃଷ୍ଟ ହୋଇଥା'ନ୍ତି । ପ୍ରତିଯୋଗିତାପାଇଁ ଏଭଳି କହିବା, ଗୋଟିଏ କଳା ଭଳି । ଗୋଟିଏ ସଫଳ ଭାଷଣ ବା ବକ୍ତୃତା, ଉତ୍ତମ ଶବ୍ଦର ସୁକ୍ଷ୍ମ ବ୍ୟବହାର ଓ କଳାକୁଶଳତା ଉପରେ ନିର୍ଭର କରିଥାଏ । ଆମେ କହୁଥିବା ଭାଷଣ ବା ବକ୍ତୃତାରେ ଯଦି ସ୍ମରଣୀୟ ତଥ୍ୟ ବା ନୂତନତା ନଥାଏ, ତେବେ ସେଭଳି ବକ୍ତବ୍ୟର କୌଣସି ବିଶେଷ ପ୍ରଭାବ ପଡେ ନାହିଁ । ଶ୍ରୋତାମାନଙ୍କ ମନକୁ ଛୁଇଁବାକୁ ଓ ବିଚାରକ ମଣ୍ଡଳୀର ମନରେ ଗଭୀର ଛାପ ପକାଇବାରେ ସଫଳ ହେବାକୁ ଅବଶ୍ୟ କେବଳ ବାକ୍ଚାତୁରୀ ବା କଳାକୁଶଳତା ନୁହେଁ, ସତ୍ୟସମ୍ବଳିତ ତଥ୍ୟ, ଗଭୀରଜ୍ଞାନ ଓ ଅଧ୍ୟୟନ ସହ ସହଜବୋଧଗମ୍ୟ ଶବ୍ଦାବଳୀ ପ୍ରୟୋଗ କରିବାର କଳା ଓ କୁଶଳତାର ପ୍ରୟୋଜନ ମଧ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ । ଦୃଢ, ପ୍ରାଞ୍ଜଳ ଓ ସ୍ପଷ୍ଟଭାବେ ନିଜକୁ ବ୍ୟକ୍ତ କରିବା ହେଉଛି ଭଲ ବକ୍ତୃତା ଦେବାପାଇଁ ଆବଶ୍ୟକ ହେଉଥିବା ଗୁଣର ଏକ ଚିହ୍ନ । ବକ୍ତବ୍ୟ ଦେବା ବା ନିଜକୁ ବ୍ୟକ୍ତ କରିବାର ଦକ୍ଷତା ବକ୍ତୃତା ପ୍ରତିଯୋଗିତା, ଅଣଆନୁଷ୍ଠାନିକ ଆଲୋଚନା, ଦଳଗତ ଆଲୋଚନାଠାରୁ ଆରମ୍ଭକରି ସାଧାରଣ ସଭାମାନଙ୍କରେ ଭାଷଣ ଦେବା ପର୍ଯ୍ୟନ୍ତ ସୁଯୋଗର ଅବକାଶ ଥାଏ । ଏହିସବୁ ସୁଯୋଗର ସଦୁପଯୋଗ,ଭଲ ଭାଷଣର ରହସ୍ୟ । ଭଲଭାଷଣ ପାଇଁ କେତୋଟି ସାଧାରଣ କଥାକୁ ଆମେ ଗୁରୁତ୍ୱ ଦେବା ଆବଶ୍ୟକ । ଯେମିତିକି – ପ୍ରତିଦିନ କଥୋପକଥନରେ ସବିଶେଷ ଆଲୋଚନା କରିବା, ଫଳପ୍ରଦ ବା ସଫଳ ଭାଷଣର କୌଶଳଗୁଡିକର ବ୍ୟବହାର କରିବା, ସାଧାରଣ ସଭା ବା ଆଲୋଚନା ଚକ୍ରରେ କହିବା ପାଇଁ ସୁଯୋଗ ଖୋଜିବା, ଅଧ୍ୟୟନ ଓ ଅଧ୍ୟବସାୟ କରିବା ସର୍ବୋପରି ଯଦି କୌଣସି ବକ୍ତୃତା ବା ଦଳଗତ ଆଲୋଚନାରେ ଅଂଶଗ୍ରହଣ କରୁଛେ ତେବେସେଥିରେ ପୁରସ୍କୃତ ହେବାକୁ ସ୍ଥିରନିଶ୍ଚିତ ହେବା – ଏସବୁ କଥା ଆମେ ଯଦି ମନରେ ରଖି ବା ଅଭ୍ୟାସ କରି ଭାଷଣ ଦେବା, ତେବେ ସଫଳତାର ଶ୍ରେୟ ପାଇବା । ଅଭ୍ୟାସ କରିବାର ପ୍ରତ୍ୟେକ ସୁଯୋଗର ଉପଯୋଗ କରିବାସହ ଆତ୍ମସଚେତନ ହୋଇ ନିଜର ଆତ୍ମବିଶ୍ୱାସ ବଢାଇବା ଅନେକ ସମୟରେ ସଫଳତାର ଚାବିକାଠି ସଦୃଶ ହୋଇଥାଏ । ଦେବାକୁ ଥିବା ଭାଷଣଟି ପୂର୍ବରୁ ପ୍ରସ୍ତୁତ କରିବା ବା ଲେଖିବା ଆଦୌ ଅଦରକାରୀ ନୁହେଁ ତେବେ ଭାଷଣଟିକୁ ମୂଳରୁ ଶେଷପର୍ଯ୍ୟନ୍ତ ଘୋଷି ପକାଇବା ଆଦୌ ଆବଶ୍ୟକ ନୁହେଁ । କାରଣ ଆମୂଳଚୂଳ ଘୋଷିଥିଲେ,ଅନେକ ସମୟରେ ଝୁଣ୍ଟିବା ଆଶଙ୍କା ଥାଏ ।

## ୧.୪ ବିଦ୍ୟାର୍ଥୀଗଣ ମନେରଖ

♦ ଶୁଣିବା (Listening) କହିବା (Speaking) ପଢ଼ିବା (Reading) ଓ ଲେଖିବା (Writing) ଭାଷା ବ୍ୟବହାରର ଚାରିଗୋଟି ପ୍ରମୁଖ ମାଧ୍ୟମ । ଇଂରାଜୀ ଏହାକୁ ସଂକ୍ଷେପରେ LSRW କୁହାଯାଏ।



♦ କହିବା ଏକ କଳା। ଆମ ଓଡିଆରେ ଗୋଟିଏ ପ୍ରବାଦ ରହିଛି – କହି ଜାଣିଲେ କଥା ସୁନ୍ଦର, ବାନ୍ଧି ଜାଣିଲେ ମଥାସୁନ୍ଦର, ତେଣୁ କହିବା ଏକ କଳା ବା କୌଶଳ।

♦ କଥନ କୌଶଳରେ କେତେ କଥା ଥାଏ। ଯେମିତିକି – ବିତର୍କ ବକ୍ତୃତା , ଦଳଗତ ଆଲୋଚନା,ସାକ୍ଷାତ୍କାର ,ସ୍ୱଗତକଥନ, ସଂଳାପଭଙ୍ଗୀ ଇତ୍ୟାଦି।

♦ ବିତର୍କ, ବକ୍ତୃତା, ସ୍ୱଗତକଥନରେ ଏକ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଆଧାରରେ ନିଜସ୍ୱ ମତ ଉପସ୍ଥାପନ କରିବାର ସୁଯୋଗଥାଏ। ଏଥିପାଇଁ ସମୟ ସୀମା ମଧ୍ୟ ନିର୍ଦ୍ଧାର୍ଯ୍ୟ ହୋଇଥାଏ।

♦ ଦଳଗତ ଆଲୋଚନାରେ ଏକ ବିଷୟ ଉପରେ ନିଜର ସପକ୍ଷ ବା ବିପକ୍ଷ ଯୁକ୍ତି ଉପସ୍ଥାପନ କରିବାର ସୁଯୋଗ ଥିବାବେଳେ ସାକ୍ଷାତ୍କାରରେ ନିଜର ଜ୍ଞାନ ଓ ଉତ୍ତରଦେବାର ଶୈଳୀ ଉପରେ ଗୁରୁତ୍ୱ ଦିଆଯାଇଥାଏ।

♦ ସଂଳାପଭଙ୍ଗୀରେ ଥାଏ ନାଟକୀୟ ଉପସ୍ଥାପନା। ଏସବୁ କଥନ କୌଶଳର ଗୋଟିଏ ଗୋଟିଏ ବ୍ୟବହାରିକ ଦିଗ। ଭାଷାର ବ୍ୟବହାର କ୍ଷେତ୍ରକୁ ପ୍ରଶସ୍ତ ବା ପ୍ରସାରିତ କରିବା ଦିଗରେ କଥନ କୌଶଳର ଏହି ବିଭାଗ ଗୁଡିକ ଯଥେଷ୍ଟ ସହାୟକ ହୋଇଥାଏ।

### ୧.୪.୧ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

(କ) ଇଂରାଜୀରେ LSRW କହିଲେ କ'ଣ ବୁଝାଯାଏ ?

(ଖ) ଓଡିଆରେ ଥିବା ପ୍ରବାଦ – 'କହି ଜାଣିଲେ କଥା ସୁନ୍ଦର' – ପଦଟି ପୂରଣ କର।

(ଗ) କଥନ କୌଶଳ କହିଲେ ଆମେ କ'ଣ ବୁଝିବା ?

(ଘ) କଥନ କୌଶଳରେ ଆମେ କ'ଣ କ'ଣ ଅନ୍ତର୍ଭୁକ୍ତ କରୁ ?

(ଙ) ପ୍ରସଙ୍ଗ ଭିତ୍ତିକ ବକ୍ତୃତା କହିଲେ କ'ଣ ବୁଝ ?

(ଚ) ଦିବସ ଭିତ୍ତିକ ବକ୍ତୃତାର କେତୋଟି ଉଦାହରଣ ଲେଖ।

(ଛ) ଜୟନ୍ତୀ ବିଶେଷାଙ୍କ ବକ୍ତୃତା କାହାକୁ କୁହାଯାଏ ?

(ଜ) ବକ୍ତୃତାକୁ ଆମେ ମୁଖ୍ୟତଃ କେତୋଟି ଭାଗରେ ବିଭକ୍ତ କରିଥାଉ ? ସେଗୁଡିକ କ'ଣ କ'ଣ ?

(ଝ) କେଉଁ ତିନୋଟି ଦିଗ ଉପରେ ବିଚାର କରି ବକ୍ତୃତାର ମୂଲ୍ୟାୟନ କରାଯାଏ ?

## ୧.୪.୨ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀର ସମ୍ଭାବ୍ୟ ଉତ୍ତର

(କ) ଇଂରାଜୀରେ ସଂକ୍ଷେପରେ LSRW କହିଲେ Listening, Seaking, Reading ଓ writing କୁ ବୁଝାଇଥାଏ ।

(ଖ) ଓଡିଆରେ ଥିବା ପ୍ରବାଦଟି ହେଉଛି –କହିଜାଣିଲେ କଥା ସୁନ୍ଦର ।ବାନ୍ଧି ଜାଣିଲେ ମଥା ସୁନ୍ଦର ।।

(ଗ) କଥନ କୌଶଳ କହିଲେ ଆମେ କହିବାର କଳା ବା କହିବାର କୌଶଳକୁ ବୁଝୁ ।

(ଘ) କଥନ କୌଶଳରେ ଆମେ ବିତର୍କ, ବକ୍ତୃତା,ଦଳଗତ ଆଲୋଚନା ସାକ୍ଷାତ୍କାର, ସ୍ୱଗତ କଞ୍ଚନ ଓ ସଂଳାପଭଙ୍ଗୀକୁ ଅନ୍ତର୍ଭୁକ୍ତ କରିଥାଉ ।

(ଙ) ପ୍ରସଙ୍ଗଭିତ୍ତିକ ବକ୍ତୃତା କହିଲେ ନିର୍ଦ୍ଦିଷ୍ଟ ବିଷୟ ବା ପ୍ରସଙ୍ଗ ଆଧାରିତ ବକ୍ତୃତା । ଉଦାହରଣ ସ୍ୱରୂପ - ଜୀବନର ଲକ୍ଷ୍ୟ, ନାରୀ ସ୍ୱାଧୀନତା , ଜନସଂଖ୍ୟା ବୃଦ୍ଧି, ଭାଷାଶିକ୍ଷା, ଜାତୀୟ ସଂହତି ଇତ୍ୟାଦି ।

(ଚ) ଦିବସଭିତ୍ତିକ ବକ୍ତୃତା କହିଲେ ସେହି ଦିବସର ତାତ୍ପର୍ଯ୍ୟ ଆଧାରିତ ବକ୍ତୃତା, ଯେମିତିକି - ପରିବେଶ ଦିବସ, ଶିଶୁଦିବସ, ସ୍ୱାଧୀନତା ଦିବସ , ଶ୍ରମିକ ଦିବସ, ଏଡ୍ସ ଦିବସ ଇତ୍ୟାଦି ।

(ଛ) ଜୟନ୍ତୀ ବିଶେଷାଙ୍କ ବକ୍ତୃତାରେ କୌଣସି ମହାପୁରୁଷଙ୍କ ଜୟନ୍ତୀ ଉପଲକ୍ଷେ ବକ୍ତୃତା ହୋଇଥାଏ । ଉଦାହରଣ ସ୍ୱରୂପ - ଗୋପବନ୍ଧୁ ଜୟନ୍ତୀ, ଫକୀରମୋହନ ଜୟନ୍ତୀ, ଗଙ୍ଗାଧର ଜୟନ୍ତୀ,ନେହେରୁ ଜୟନ୍ତୀ, ମହତାବ ଜୟନ୍ତୀ ଇତ୍ୟାଦି ।

(ଜ) ବକ୍ତୃତାକୁ ଆମେ ମୁଖ୍ୟତଃ ତିନୋଟି ଭାଗରେ ବିଭକ୍ତ କରିଥାଉ ।ଯଥା; ଉପକ୍ରମ (Introducton ) ଆଖ୍ୟାନ (Body) ଓ ଉପସଂହାର (Conclusion) ।

(ଝ) ବକ୍ତୃତାର ବିଚାର ମଣ୍ଡଳୀ ମୁଖ୍ୟାତଃ ଭାଷା (Language) ପ୍ରସଙ୍ଗ (Content) ଓ ଉପସ୍ଥାପନା ବା ଶୈଳୀ (ଚକ୍ବରସ୍ବରଭସ୍ବବସ୍ପସକ୍କଭ ଝସ୍ବଛକ୍ଷର) ଉପରେ ବିଚାର କରି ମୂଲ୍ୟାୟନ କରିଥା'ନ୍ତି ।



❑❑❑

# ଦ୍ୱିତୀୟ ଏକକ : ବକ୍ତୃତା ଓ ବିତର୍କ


୨.୦ ପଠନର ଉଦ୍ଦେଶ୍ୟ

୨.୧ ବକ୍ତୃତା ବିଷୟ

୨.୧.୧ ବକ୍ତୃତାର ଆଉ କେତୋଟି ନମୁନା

୨.୧.୨ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୨.୧.୩ ସମ୍ଭାବ୍ୟ ଉତ୍ତର


## ୨.୦ ପଠନର ଉଦ୍ଦେଶ୍ୟ

ଉକ୍ତ ଏକକଟି ଅଧ୍ୟୟନ କରିବାପରେ ତୁମେ -

⊕ ସଫଳ ବକ୍ତୃତା ସଂପର୍କରେ ମୌଳିକ ଜ୍ଞାନ ଅର୍ଜନ କରିପାରିବ।

⊕ ବକ୍ତୃତା ଓ ଭାଷଣ ମଧ୍ୟରେ ପାର୍ଥକ୍ୟ ନିରୂପଣ କରିପାରିବ।

⊕ ବକ୍ତୃତାର ପ୍ରକାରଭେଦ ସଂପର୍କୀତ ଜ୍ଞାନ ଅର୍ଜନ କରିପାରିବ।

⊕ ନିଜେ ବକ୍ତୃତା ପ୍ରସ୍ତୁତ କରିପାରିବ।

## ୨.୧ ବକ୍ତୃତା ବିଷୟ

■ ଅନ୍ୟମାନେ ବୁଝିପାରିବା ଭଳି ଭାଷଣ ଦେବା ଉଚିତ୍।

■ ସମୟର ସୀମିତତା ଅନୁସାରେ ଭାଷଣକୁ ପ୍ରସ୍ତୁତ କରନ୍ତୁ।

■ ଭାଷଣ ପାଇଁ ସୁନ୍ଦର କଣ୍ଠସ୍ୱର ବା ଆଳଙ୍କାରିକ ଶବ୍ଦାବଳୀର ପ୍ରୟୋଗ ଜରୁରୀ ନୁହେଁ।

■ ଯେତେ ଅଧିକ କହିବେ ସେତେ ଅଧିକ ଭଲ କରିପାରିବେ। ତେଣୁ ବାରମ୍ବାର ଅଭ୍ୟାସ କରନ୍ତୁ । ଅଭ୍ୟାସ ହିଁ ଦକ୍ଷତାର ବାଟ।

■ ବକ୍ତୃତାର ମୂଳ ଆଭିମୁଖ୍ୟ ହେଉଛି ଉପସ୍ଥିତ ଶ୍ରୋତୃମଣ୍ଡଳୀକୁ ଶବ୍ଦରେ ବାନ୍ଧି ରଖିବା। ତେଣୁ କହିବାବେଳେ ଶ୍ରୋତାମାନଙ୍କ ମନରେ ଯେଭଳି ଛବିଟିଏ ଦୃଶ୍ୟମାନ ହେବ ସେହିଭଳି କହିବା ଜରୁରୀ।

■ ବକ୍ତୃତାଟିକୁ ସୁନ୍ଦର କରିବାକୁ ହେଲେ ତା'ର ଉପସ୍ଥାପନା ଶୈଳୀରେ ଟିକିଏ ନାଟକୀୟତାର ଆବଶ୍ୟକତା ରହିଛି। ଶ୍ରୋତାମାନଙ୍କ ମନକୁ ଛୁଇଁପାରିବା ଭଳି ଭାବଭଙ୍ଗୀ ପ୍ରଦର୍ଶନ କରିବା ବକ୍ତୃତାର ଅନ୍ୟଏକ କଳା।

■ ଅଙ୍ଗଭଙ୍ଗୀ ପ୍ରଦର୍ଶନ ସହ ଆବଶ୍ୟକ ଅନୁସାରେ ଉଦାହରଣ ଦେଇ ଭାଷଣକୁ ଆକର୍ଷଣୀୟ କରିବା ଆବଶ୍ୟକ। ମନେରଖନ୍ତୁ, ଯାହା କହୁଛନ୍ତି ତାହା ଯେମିତି ପ୍ରାଂଜଳ, କୌତୂହଳପୂର୍ଣ୍ଣ ଏବଂ ଆକର୍ଷଣୀୟ ହେବା ଜରୁରୀ।

■ ବିଷୟ ବସ୍ତୁର ବାସ୍ତବ ଅର୍ଥ ବୁଝି ତା' ଉପରେ ବକ୍ତବ୍ୟ ଦେବାଦରକାର। ବିଷୟ ବସ୍ତୁକୁ ନବୁଝି ଖାଲି ଉପରଠାଉରିଆ ଭାବେ କହିବା ଆଦୌ ଉଚିତ୍ ନୁହେଁ।

■ ବକ୍ତୃତାଦେବା ବେଳେ ବକ୍ତାର ଲକ୍ଷ୍ୟ ରହିବା ଉଚିତ୍, କେମିତି ଭାଷଣଟି ଶ୍ରୋତାମାନଙ୍କ ଉପରେ ପ୍ରଭାବ ବିସ୍ତାର କରିପାରିବ। ତେଣୁ ଶ୍ରୋତାମାନଙ୍କୁ ପସନ୍ଦ ହେବା ଭଳି ଛୋଟ ଛୋଟ ବାକ୍ୟ ଏବଂ ସାହିତ୍ୟ ବା ସାଧୁଭାଷା ବଦଳରେ କଥିତ ବା ଆଂଚଳିକ ଭାଷାର ବହୁଳ ବ୍ୟବହାର କରିବା ଉଚିତ୍।

■ ବ୍ୟକ୍ତି ବିଶେଷଙ୍କ ଆଧାରିତ ବକ୍ତୃତାକୁ ଶ୍ରୁତିଉପଯୋଗୀ କରିବା ପାଇଁ ଅଧିକ ତଥ୍ୟ, ଯାହାକି ବାସ୍ତବ ତାହା ପ୍ରଦାନ କରାଗଲେ ଭଲ। ଏହିସବୁ ବକ୍ତବ୍ୟ ପ୍ରଦାନବେଳେ ସ୍ପଷ୍ଟ ଓ ନିରପେକ୍ଷ ଭାବେ କହିବା ଆବଶ୍ୟକ।

■ ସେହିଭଳି କୌଣସି ନିର୍ଦ୍ଦିଷ୍ଟ ସାମାଜିକ ଆବଶ୍ୟକତା ଆଧାରିତ ବକ୍ତୃତାର ସେହି ସାମାଜିକ ଉଦ୍ଦେଶ୍ୟ ସଂପର୍କିତ ତଥ୍ୟ ଓ ସତ୍ୟ ମଧ୍ୟରେ ସୁନ୍ଦର ସମନ୍ୱୟ ବା ଭାରସାମ୍ୟ ରକ୍ଷାକରି ବକ୍ତବ୍ୟ ଦେବା ଜରୁରୀ।

■ ନିଜର ଅନ୍ତର୍ନିହିତ ସମ୍ଭାବନାକୁ ବକ୍ତୃତା ବା ଭାଷଣ ମାଧ୍ୟମରେ ଜାଗ୍ରତ କରିହୁଏ। ଖାଲି ସେତିକି ନୁହେଁ, ବକ୍ତୃତା ମାଧ୍ୟମରେ ନିଜର ପ୍ରଭାବ ବିସ୍ତାର କରିହୁଏ। ଅନ୍ୟମାନଙ୍କୁ ନିଜର ବ୍ୟକ୍ତିତ୍ୱ ଆଡକୁ ଆକୃଷ୍ଟ କରିହୁଏ।

■ ଭାଷଣ ବା ବକ୍ତୃତାରେ ଅନ୍ୟର ଅନୁଭବକୁ ଜାଣିହୁଏ, ନିଜର ଅନୁଭବକୁ ବଖାଣି ହୁଏ। ବକ୍ତୃତା ଦେବାରେ କିଭଳି ସଫଳତା ମିଳିବ, ସେଥିପାଇଁ ସ୍ଥିର ନିଶ୍ଚିତ ହୋଇ ବକ୍ତବ୍ୟପାଇଁ ମିଳିଥିବା ସମୟରେ ଉପଯୋଗ କରିବା ଦରକାର।

■ ବକ୍ତୃତା ହେଉ କି ଦଳଗତ ଆଲୋଚନା, ସଫଳତା ପାଇବାକୁ ହେଲେ ପ୍ରଥମକଥା ହେଉଛି ଆତ୍ମପ୍ରତ୍ୟୟ ବା ଆତ୍ମବିଶ୍ୱାସ। ବିଷୟବସ୍ତୁକୁ ଠିକ୍ ଭାବେ ପ୍ରସ୍ତୁତ କରି ଭୟନକରି ନିଃସଙ୍କୋଚରେ ନିଜର ଲକ୍ଷ୍ୟକୁ ଅଗ୍ରାଧିକାର ଦେବା ଉଚିତ୍।

■ ବିଷୟବସ୍ତୁରେ ନିଜକୁ ହଜାଇଦେଇ ମିଳିଥିବା ସମୟ ମଧ୍ୟରେ ସକାରାତ୍ମକ ମନୋଭାବ ନେଇ ସ୍ପଷ୍ଟଭାବେ କହିବା ଉଚିତ୍। ବିଷୟବସ୍ତୁକୁ ପୁଙ୍ଖାନୁପୁଙ୍ଖ ଜାଣି କିଭଳି ତାହାକୁ ସୁନ୍ଦର ଭାବେ ଉପସ୍ଥାପନ କରିହେବ ସେଥିପ୍ରତି ସଚେତନ ହେବା ଆବଶ୍ୟକ।

■ ବକ୍ତୃତା ବା ଦଳଗତ ଆଲୋଚନା ଜ୍ଞାନର ବିଚାର ସହ ବ୍ୟକ୍ତିତ୍ୱର ଆକଳନ କରିହୁଏ। ତେଣୁ ବେଶପୋଷାକ,ହାବଭାବ,ଭାବଭଙ୍ଗୀ,ଅଙ୍ଗଭଙ୍ଗୀ ଏସବୁ ପ୍ରତି ସଚେତନାର ଆବଶ୍ୟକତା ରହିଛି। ସାମଗ୍ରିକ ଭାବେ ନିଜର ଜ୍ଞାନ ଓ ବ୍ୟକ୍ତିତ୍ୱକୁ ଉପସ୍ଥାପନ କରିବାର ମାଧ୍ୟମ ହେଉଛି ବକ୍ତୃତା, ଦଳଗତ ଆଲୋଚନା ଇତ୍ୟାଦି।

■ ବକ୍ତୃତାଟି ଯେଉଁ ବିଷୟରେ ଆଧାରିତ, ସେହି ବିଷୟଟିକୁ କିଭଳି ଅନ୍ୟ ବକ୍ତା ବା ପ୍ରତିଯୋଗୀଙ୍କ ତୁଳନାରେ ଅଲଗା ତଥା ଆକର୍ଷଣୀୟ ଭାବେ ଉପସ୍ଥାପନା କରିହେବ ସେଥିପ୍ରତି ବିଦ୍ୟାର୍ଥୀଗଣ ତୁମେମାନେ ପ୍ରସ୍ତୁତ ହୋଇ ନିଜକୁ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର ଓ ଅଲଗାଭାବେ ପ୍ରମାଣିତ କରିବା ଆବଶ୍ୟକ। ବିଷୟବସ୍ତୁର ଗୁରୁତ୍ୱ ଅନୁଭବ କରି ସେହି ବିଷୟବସ୍ତୁର ବିଭିନ୍ନଦିଗ ଉପରେ ଆଲୋକପାତ କରିବା ଭଲଭାଷଣର କଳା।

■ ବିଦ୍ୟାର୍ଥୀମାନେ ମନେରଖ ଭଲ ଭାଷଣ ଦେବା ପୂର୍ବରୁ ଯୋଜନାଟିକୁ ପ୍ରସ୍ତୁତ କରି। ସେହି ଯୋଜନା ଆଧାରରେ ନିଜର ବକ୍ତବ୍ୟ ଉପସ୍ଥାପନ କର। କାହାଠାରୁ ଶୁଣି ବା କିଛି ଅଜଣା କଥା କହିବା ପୂର୍ବରୁ ତଥ୍ୟର ସଠିକତା ପରୀକ୍ଷା କରିନେବା ଦରକାର। କାରଣ କହୁଥିବା ତଥ୍ୟ ବା କଥା ଯଦି ଠିକ୍ ନଥାଏ ତେବେ ତାହା ଶ୍ରୋତୃମଣ୍ଡଳୀ ବା ବିଚାରକଗଣ ସହଜରେ ଗ୍ରହଣ କରିବେ ନାହିଁ।

■ ଯେଉଁ ବିଷୟରେ ବକ୍ତୃତାଟି ଦେଉଛ ତାହା କିଭଳି ଉତ୍କର୍ଷପୂର୍ଣ୍ଣ ଓ ଉତ୍ସାହପୂର୍ଣ୍ଣ ହୋଇପାରିବ, ସେଥିପ୍ରତି ଯତ୍ନବାନ୍ ହୋଇ ସେହି ଅନୁସାରେ ନିଜକୁ ପ୍ରସ୍ତୁତ କର। ଉତ୍କୃଷ୍ଟପୂର୍ଣ୍ଣ ଭାଷଣ ହିଁ ସବୁବେଳେ ଆକର୍ଷଣୀୟ ।

■ ବିଦ୍ୟାର୍ଥୀଗଣ , ଆଉ ଗୋଟିଏ କଥା ମନେରଖ। ବକ୍ତୃତା ବା ଭାଷଣ କହିଲେ ଖାଲି ତୁମେମାନେ ଅଂଶଗ୍ରହଣ କରୁଥିବା ବକ୍ତୃତା ପ୍ରତିଯୋଗିତାକୁ ବୁଝାଇନଥାଏ। ଏହା ସାଧାରଣତଃ ତିନିପ୍ରକାରର ଯଥା ;- (କ) ସଭାସମିତି ବା ଅନ୍ୟ କୌଣସି ସ୍ଥାନରେ ବକ୍ତୃତା ବା ଭାଷଣ (ଖ) ବକ୍ତୃତା ପ୍ରତିଯୋଗିତା ଏବଂ (ଗ) ବିତର୍କ ପ୍ରତିଯୋଗିତା। ଅବଶ୍ୟ (ଖ) ଓ (ଗ) ବିଭାଗ ତୁମମାନଙ୍କର ଜ୍ଞାନ ଗରିମା ପାଇଁ ଅଧିକ ଆବଶ୍ୟକ ହୋଇଥାଇପାରେ, ତେବେ (କ) ବିଭାଗଟି ମଧ୍ୟ ତୁମେମାନେ କହିବା କେମିତି କଳା ସେ ଦିଗରେ ସହାୟକ ହୋଇଥାଏ। ଏସବୁଥିରେ କହିବାକଳା ବା କଥନ କୌଶଳ ରହିଛି।

■ ସଭା ସମିତିରେ ଭାଷଣ ହେଉ କି ବକ୍ତୃତା ଅବା ବିତର୍କ ପ୍ରତିଯୋଗିତା ସବୁ ବକ୍ତବ୍ୟ ବା ଭାଷଣରେ ଥାଏ କଳା। ଏହା ବ୍ୟକ୍ତିବିଶେଷ ଉପରେ ନିର୍ଭର କରିଥାଏ। କହିବାର ଶୈଳୀ, କହିବାର ଗଭୀରତା , କହିବାର ସ୍ୱାତନ୍ତ୍ର୍ୟ ଭାଷଣ ବା ବକ୍ତୃତାଟିକୁ ସୁନ୍ଦର କରି ସଜାଡିଥାଏ। ଯୋଜନା ଅନୁସାରେ ଯେତେ ସଜଡା ହୋଇଥିବା ଭାଷଣ ଦିଆଯାଏ ସେହିସବୁ ଭାଷଣ ସେତେ ପ୍ରଭାବଶାଳୀ ଓ ଫଳପ୍ରଦ ହୋଇଥାଏ।

■ ଦଳଗତ ଆଲୋଚନାରେ ଭାଗ ନେଉଥିବା ଅଂଶଗ୍ରହଣକାରୀ ସପକ୍ଷରେ ବା ବିପକ୍ଷରେ ଆବଶ୍ୟକତା ଅନୁସାରେ ମତ ଉପସ୍ଥାପନା କରିଥାନ୍ତି। ଏଥିରେ ବିଷୟ ବସ୍ତୁ ଆବଶ୍ୟକ କରୁଥିବା ତର୍ଜମା ଦିଗରେ ଅଂଶଗ୍ରହଣକାରୀ ଗୁରୁତ୍ୱାରୋପ କରି ଆଲୋଚନାଟିକୁ ଆଗେଇ ନେଇଥାନ୍ତି। ଦଳଗତ ଆଲୋଚନାରେ ଆଲୋଚନାର ଭାରସାମ୍ୟ ରଖାଯାଏ।

■ ଦଳଗତ ଆଲୋଚନା ବିଷୟଟି ଯାହା ନିର୍ଦ୍ଧାରିତ ସେଥିରେ ଅଂଶଗ୍ରହଣ କରୁଥିବା ଆଲୋଚକଗଣ ପୂର୍ବରୁ ପ୍ରସ୍ତୁତ ହୋଇ ନିଜ ନିଜର ବକ୍ତବ୍ୟ ବା ମତ ଉପସ୍ଥାପନା କରିବା ଆବଶ୍ୟକ। ବକ୍ତୃତା ଭଳି ଏଥିରେ ନିଜର ଉପସ୍ଥାପନା ଶୈଳୀ ପ୍ରଦର୍ଶନର ସୁଯୋଗ ନଥାଏ ସତ, ହେଲେ ନିଜର ବୁଦ୍ଧି ଓ ଜ୍ଞାନର ପ୍ରଦର୍ଶନ କରିହୁଏ। ନିଜର ଯୁକ୍ତି କିଭଳି ଅକାଟ୍ୟ ତାହା ଦେଖାଇବାରେ ସୁଯୋଗ ଥାଏ।

■ ଦଳଗତ ଆଲୋଚନା ଥାଏ ଦୂରଦର୍ଶିତା, ମୌଳିକ ଦୃଷ୍ଟିଭଙ୍ଗୀ ଓ ଚିନ୍ତାଧାରର ଗଭୀରତା । ସାଧାରଣତଃ ଆମେ ବୁଝିଥାଉ, କୌଣସି ଏକ ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ଗୋଟିଏ ଦଳ ମଧ୍ୟରେ ସାଧାରଣ ଆଲୋଚନା । ଗୋଟିଏ ଦଳରେ ଥିବା ଅଂଶ ଗ୍ରହଣକାରୀ ନିଜନିଜର ବକ୍ତବ୍ୟ ବା ଯୁକ୍ତି ଉପସ୍ଥାପନର ଏଥିରେ ସୁଯୋଗ ଥାଏ। ନିଜର ମତାମତ ଦ୍ୱାରା ଅନ୍ୟମାନଙ୍କୁ ଆକୃଷ୍ଟ ଓ ସନ୍ତୁଷ୍ଟ କରିବାର ସୁଯୋଗ ଥାଏ। ଏହା ତର୍କ ପ୍ରତିଯୋଗିତା ହୋଇ ନଥିବାରୁ ଏଥିରେ ସମସ୍ତଙ୍କ ମତରେ ସମାନ ଗୁରୁତ୍ୱ ଥାଏ।

■ ଦଳଗତ ଆଲୋଚନାରେ ପ୍ରତ୍ୟେକ ଆଲୋଚକ ବା ଅଂଶଗ୍ରହଣକାରୀଙ୍କର ନିଜସ୍ୱ ଦୃଷ୍ଟିଭଙ୍ଗୀ ପ୍ରକାଶ କରିବାର ସୁଯୋଗ ଥାଏ ସତ, ତେବେ ଅନ୍ୟ ମାନଙ୍କୁ ନିଜର ଯୁକ୍ତି ବା ମତ ନେଇ ବାଧ କରିବା, ଅତ୍ୟଧିକ ବା ଅନାବଶ୍ୟକ କଥା କହିବା କିମ୍ବା ଦଳଗତ ଆଲୋଚନା କରିଥିବା ଅନ୍ୟ ପ୍ରତିଦ୍ୱନ୍ଦ୍ୱୀଙ୍କ ଗୁରୁତ୍ୱ ହ୍ରାସ ପାଇଁ ଜାଣିଶୁଣି ପ୍ରଚେଷ୍ଟା କରିବା ଆଦୌ ସହଣୀୟ ହୋଇନଥାଏ। ଦଳଗତ ଆଲୋଚନାରେ ଯୁକ୍ତିତର୍କ କି ବାକ୍‌ବିତଣ୍ଡା ପରିବର୍ତ୍ତେ ସ୍ୱଷ୍ଟ ଭାବେ ନିଜ ନିଜର ମତ ଉପସ୍ଥାପନ କରିବା ସର୍ବାଦୌ ଆବଶ୍ୟକ।

## ୨.୧.୧ ବକ୍ତୃତାର ଆଉ କେତୋଟି ନମୁନା

ବିଦ୍ୟାର୍ଥୀଗଣ ଆମେ ଏବେ ଭାଷଣ ବା ବକ୍ତୃତାର ଆଉ କିଛି ନମୁନା ଦେଖିବା –

❑ ***ବକ୍ତୃତାର ପ୍ରସଙ୍ଗ ; ତୁମ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ବିଦାୟ ସମ୍ବର୍ଦ୍ଧନା***

❑ ***ବକ୍ତବ୍ୟର ପ୍ରଥମ ଭାଗ*** ; ମାନନୀୟ ସଭାପତି ମହୋଦୟ। ଉପସ୍ଥିତ ଅଧ୍ୟାପକ ଅଧ୍ୟାପିକାବୃନ୍ଦ, ମୋର ପ୍ରିୟ ଛାତ୍ରଛାତ୍ରୀ ବୃନ୍ଦ ଏବଂ ଆଜି ସଭାର ମୁଖ୍ୟ ଆକର୍ଷଣ ଆମ ମହାବିଦ୍ୟାଳୟରୁ ବିଦାୟ ନେଉଥିବା ମାନନୀୟ ଅଧ୍ୟକ୍ଷ ମହୋଦୟ।

❑ ***ବକ୍ତବ୍ୟର ଦ୍ୱିତୀୟ ଭାଗ ;*** ଆଜି ଆମ ମହାବିଦ୍ୟାଳୟର ପ୍ରବୀଣ ଶିକ୍ଷାବିତ୍, ଛାତ୍ରବତ୍ସଳ, ସ୍ୱନାମଧନ୍ୟ ଅଧ୍ୟକ୍ଷ ଶ୍ରୀଯୁକ୍ତ ରଘୁନାଥ ମିଶ୍ର ଅବସର ନେଉଛନ୍ତି। ଆଜି ଆମ ମନରେ ଅଶେଷ ଦୁଃଖ, ମନରେ କୋହ। ବିଦାୟ ନେଉଥିବା ଅଧ୍ୟକ୍ଷ ମହୋଦୟ ଆମ ମହାବିଦ୍ୟାଳୟ ପାଇଁ ଯାହା ଅବଦାନ ଦେଇଛନ୍ତି ତାହା ଅବିସ୍ମରଣୀୟ କେବଳ ଆମ ମହାବିଦ୍ୟାଳୟ ନୁହେଁ , ଆଖପାଖରେ ନିଜର ବ୍ୟକ୍ତିତ୍ୱ ପାଇଁ ସମସ୍ତଙ୍କର ଶ୍ରଦ୍ଧା ଓ ସମ୍ମାନର ପାତ୍ରଥିଲେ। ଖାଲି ସେତିକି ନୁହେଁ, ଓଡିଶାରେ ଶିକ୍ଷା କ୍ଷେତ୍ରରେ ଆମର ପ୍ରିୟ ଅଧ୍ୟକ୍ଷଙ୍କ ସ୍ଥାନ ସ୍ୱତନ୍ତ୍ର।

❐ ***ବକ୍ତବ୍ୟର ତୃତୀୟ ଭାଗ ;*** ବନ୍ଧୁଗଣ ! ଆମେ ଜାଣୁ ଆମ ମହାବିଦ୍ୟାଳୟ ଗୋଟିଏ ଜାହାଜ ସଦୃଶ, ଅଧ୍ୟକ୍ଷ ମହୋଦୟ ଥିଲେ ସେହି ଜାହାଜର ସୁଦକ୍ଷ କପ୍ତାନ । ଅନେକ ଝଡଝଞ୍ଜା, ବାଧାବିଘ୍ନ ଆସିଥିଲେ ବି ସେ ଦକ୍ଷତାର ସହ ଜାହାଜଟିକୁ ଚଳାଇ ନେଇ ଥିଲେ, ତାଙ୍କର ଦୀର୍ଘବର୍ଷର ପ୍ରଶାସନିକ ଅଭିଜ୍ଞତା ଆଧାରରେ ସେ ନିଜକୁ ମୁରବୀ ଭାବେ ପ୍ରମାଣିତ କରିପାରିଛନ୍ତି । ଶିକ୍ଷାଦାନ ସମୟରେ ସେ ଯେମିତି ଛାତ୍ରଛାତ୍ରୀଙ୍କର ପ୍ରିୟପାତ୍ର ଥିଲେ ମହାବିଦ୍ୟାଳୟର ମୁରବୀ ଭାବେ ସେହିଭଳି ସମସ୍ତଙ୍କୁ ସାଥିରେ ନେଇ ମହାବିଦ୍ୟାଳୟର ଉନ୍ନତି ଦିଗରେ ସହାୟକ ହୋଇଥିଲେ । ତାଙ୍କର କାମ କରିବାର ଶୈଳୀ ଦେଖିଲେ ମନେହେଉଥିଲା ତାଙ୍କର ଏକମାତ୍ର ଲକ୍ଷ୍ୟଥିଲା - work is worship । ସେ ବିଶ୍ୱାସ କରିଥିଲେ ଭଗବତ୍ ଗୀତାର ସେହି ପବିତ୍ର ପଙ୍କ୍ତି – ‘‘କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ’’ ।

ମହାବିଦ୍ୟାଳୟର ଅଧ୍ୟାପକ,ଅଧ୍ୟାପିକା,କର୍ମଚାରୀ ସମସ୍ତେ ତାଙ୍କୁ ତାଙ୍କର ବ୍ୟକ୍ତିତ୍ୱ ପାଇଁ ଭଲପାଉଥିଲେ । ସମ୍ମାନ କରୁଥିଲେ । ଛାତ୍ରଛାତ୍ରୀ ମାନଙ୍କୁ ନିଜର ପୁଅଝିଅ ଭଳି ସ୍ନେହ କରି ସେମାନଙ୍କର ବିଭିନ୍ନ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେବା କଥା ଆଜି ମନେପଡିଲେ ଆଖିରୁ ଲୁହ ଝରିପଡେ । ଏଭଳି ଜଣେ ଛାତ୍ରବତ୍ସଳ ପିତୃପ୍ରତିମ ଅଧ୍ୟକ୍ଷ ମୁଁ ଖୁବ୍ କମ୍ ଦେଖିଛି । ସେ ଖାଲି ଆମର ନମସ୍ୟ ନୁହନ୍ତି, ଆମର ଆଦର୍ଶସ୍ଥାନୀୟ । ରାଜ୍ୟ ଓ ରାଜ୍ୟବାହାରେ ଅନେକଥର ବିଭିନ୍ନ ସେମିନାର, କର୍ମଶାଳା, ଆଲୋଚନାରେ ଅଂଶ ଗ୍ରହଣ କରି ପ୍ରଶଂସିତ ଓ ସମ୍ବର୍ଦ୍ଧିତ ହୋଇଥିବା ଆମ ବିଦାୟୀ ଅଧ୍ୟକ୍ଷ ରଘୁନାଥ ମିଶ୍ର ଆମ ସମସ୍ତଙ୍କର ଗୌରବ ।

ଆଜିର ଏ ବିଦାୟ ପର୍ବରେ ମୁଁ ତାଙ୍କ ସଂପର୍କରେ କିଛି କହିଥିବାରୁ ମୁଁ ନିଜକୁ ଧନ୍ୟ ମନେ କରୁଛି । ଆମେ ସମସ୍ତେ ଯେଉଁମାନେ ଆଜି ଏଠାରେ ଉପସ୍ଥିତ ମୋ ସହ ଏକମତ ହେବେ, ତାଙ୍କର ଅବଦାନ ଆକଳନ ପାଇଁ ଏଇ ସମୟ ଯଥେଷ୍ଟ ନୁହେଁ । ଦିନ ଦିନ ଧରି କହୁଥିଲେ ବି କଥା ସରିବନି । ଆପଣମାନଙ୍କ ତରଫରୁ ଏବଂ ମୋ ତରଫରୁ ତାଙ୍କୁ ଭକ୍ତିପୂତ ଶ୍ରଦ୍ଧା ସୁମନ ଅର୍ପଣ ସହ ତାଙ୍କର ଆଶୀର୍ବାଦ ଭିକ୍ଷା କରି ମୁଁ ମୋର ବକ୍ତବ୍ୟ ଶେଷ କରୁଛି ।

ବିଦ୍ୟାର୍ଥୀଗଣ ! ଏହି ନମୁନାରେ ତୁମେମାନେ ଲକ୍ଷ୍ୟ କରିଥିବ, ଜଣେ ଆଦର୍ଶ ଶିକ୍ଷକଙ୍କ ଅବସରକାଳୀନ ବିଦାୟରେ କୁହାଯାଇଥିବା କଥାରେ କେମିତି ଆବେଗ ଓ ଆବେଦନ ଥାଏ । ଏଥିରେ ମଧ୍ୟ ଲକ୍ଷ୍ୟ କରିଥିବ ଯେ ବକ୍ତା ଜଣକ ବିଷୟବସ୍ତୁ ସମ୍ପର୍କରେ ଉପସ୍ଥିତଥିବା ଶ୍ରୋତାମାନଙ୍କୁ ପ୍ରଥମ ଅବଗତ କରାଇଲେ । ସେ ମଧ୍ୟ ବିଷୟବସ୍ତୁର ଗୁରୁତ୍ୱ ବିଷୟରେ କହି ବିଷୟବସ୍ତୁର ବିଭିନ୍ନ ଦିଗ ଉପରେ ଆଲୋକପାତ କଲେ । ଏହି ବକ୍ତବ୍ୟଟିଥିଲା ସ୍ୱାଭାବିକ । ଜଣେ ଅଧ୍ୟକ୍ଷ କିଭଳି ମହାବିଦ୍ୟାଳୟର ଉନ୍ନତି କଳ୍ପେ କାର୍ଯ୍ୟ କରିବାସହ ଛାତ୍ରଛାତ୍ରୀ , କର୍ମଚାରୀ ସମସ୍ତଙ୍କୁ ନିଜର ଭାବି ସେମାନଙ୍କୁ ଏକାଠି କରିବାରେ ନିଜର ମୁରବୀ ଭୂମିକା ନିର୍ବାହ କରିଥିଲେ ତାହା ଏହି ବକ୍ତବ୍ୟରୁ ସୂଚିତ ହେଲା । ଏହି ନମୁନା ବକ୍ତୃତା ବା ଭାଷଣଟିରେ ମୂଲ୍ୟାୟନର ବ୍ୟବସ୍ଥାନଥିବାରୁ ଏହାର ସମ୍ବୋଧନରେ ବିଚାରକମଣ୍ଡଳୀ ବୋଲି ସମ୍ବୋଧନ କରାଗଲା ନାହିଁ । ଏହି ଭାଷଣ, ମହାବିଦ୍ୟାଳୟ ପରିସରରେ ହୋଇଥିବାରୁ ଏଥିରେ ଉପସ୍ଥିତ ଥିବାରୁ ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ ସମ୍ବୋଧନ ପରିସର ଭୁକ୍ତ ହୋଇଥିଲେ । ମହାବିଦ୍ୟାଳୟର ଅଧ୍ୟାପକ ବା ଅଧ୍ୟକ୍ଷଙ୍କ ଅବସର ଜନିତ ବା ସ୍ଥାନାନ୍ତର ଜନିତ ବିଦାୟ କାଳୀନ ସଭାରେ ତାଙ୍କର ଗୁଣକୀର୍ତ୍ତନଗାନ

କରାଯାଏ । ତାଙ୍କର ଅବଦାନ ବିଷୟରେ ତାଙ୍କ ରହଣିକାଳ ମଧ୍ୟରେ ହୋଇଥିବା କାର୍ଯ୍ୟାବଳୀ ବିଷୟରେ କୁହାଯାଇଥାଏ । ନମୁନା ଭାଷଣଟିରେ ଏସବୁ ଦିଗପ୍ରତିଧ୍ୟାନ ଦିଆଯାଇ, ସୀମିତ ସମୟ ମଧ୍ୟରେ ଯଥା ସମ୍ଭବ କଥା କୁହାଯାଇଛି ।

ତୁମେମାନେ ଏହି ନମୁନା ଭାଷଣରୁ ସମ୍ବୋଧନଠୁ ଉପସଂହାର ପର୍ଯ୍ୟନ୍ତ ବକ୍ତବ୍ୟର ସଜ୍ଜୀକରଣ ଦେଖିଲ । ବକ୍ତବ୍ୟଟି ଗୋଟିଏ ମହାବିଦ୍ୟାଳୟର ଅଧକ୍ଷଙ୍କ ବିଦାୟକାଳୀନ ସଭା ଆଧାରିତ ହୋଇଥିବାରୁ ତଦନୁଯାୟୀ ସମ୍ବୋଧନ ହୋଇଥିବାରୁ ଲକ୍ଷ୍ୟକଲ । ତେବେ ମନେରଖ, ସବୁଭାଷଣରେ ପରିଚୟ ପ୍ରଦାନର ଆବଶ୍ୟକତା ନଥାଏ । ଏହି ଭାଷଣଟି ବିଦାୟ ସଭା ହୋଇଥିବାରୁ ଏଥିରେ ପରିଚୟ ନଥିଲା । ଶୋକସଭା, ସ୍ୱାଗତ ସମ୍ବର୍ଦ୍ଧନା ସଭା ବିଦାୟକାଳୀନ ସଭାରେ ପରିଚୟ ପ୍ରଦାନର ଆବଶ୍ୟକତା ନଥାଏ । ଏହି ସବୁସଭାରେ ଯଦି କେହି ସଭାପତିତ୍ୱ କରୁଥାଆନ୍ତି, ତେବେ ତାକୁ ସମ୍ବୋଧନ କରି ବକ୍ତବ୍ୟ ଆରମ୍ଭ କରାଯାଇପାରେ । ଏଥିରୁ ବୁଝାପଡିଲା ଯେ , ବକ୍ତା ପ୍ରଥମେ ବିଚାର କରିବା ଉଚିତ୍ ସେ କେଉଁ ସଭାକୁ ଭାଷଣ ଦେବାକୁ ଆସିଛନ୍ତି ଯଦି ଭାଷଣଟି ଆଲୋଚନା ଚକ୍ର କି ସାହିତ୍ୟସଭା, ଜୟନ୍ତୀ ସମାରୋହ ଅଥବା ସାମ୍ପ୍ରଦିକ ଘଟଣା ଭଳି ସମ୍ପର୍କିତ ହୋଇଥାଏ ତେବେ ଏସବୁ କ୍ଷେତ୍ରରେ ପରିଚୟ ପ୍ରଦାନ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ । ତୁମେ ମାନେ ଜାଣିଛ ଭାଷଣ ବା ବକ୍ତୃତା ଏକ କଳା । ତେବେ ବକ୍ତା ବା ବ୍ୟକ୍ତି ବିଶେଷ ଚାହିଁଲେ ନିଜର ଭାଷଣ ବା ବକ୍ତୃତାକୁ ଶ୍ରୋତା ମାନଙ୍କଦ୍ୱାରା ଆଦୃତ କରିବା ସହ ବକ୍ତୃତାଟିକୁ ଆକର୍ଷଣ କରିପାରନ୍ତି । ଏହା ଅଭ୍ୟାସ ଉପରେ ନିର୍ଭର କରିଥାଏ । ତେବେ ଖାଲି ଅଭ୍ୟାସ ନୁହେଁ, ନିଜ ଉପରେ ବିଶ୍ୱାସ , ନିଜର ଅନୁଭୂତିର ଗଭୀରତା , ନିୟମିତ ଅଭ୍ୟାସ ସହ ପ୍ରସଙ୍ଗ ଉପରେ ଗଭୀର ଦୃଷ୍ଟି ଭଙ୍ଗୀ ଦ୍ୱାରା ଭାଷଣ ବା ବକ୍ତୃତା ସଫଳ ହେଇଥାଏ । ପ୍ରତ୍ୟେକ ଭାଷଣ ବା ବକ୍ତୃତାର କେତେ ଗୁଡିଏ ଦିଗ ହୁଏତ ଏକପ୍ରକାର ହୋଇଥାଇପାରେ ତେବେ ପରିବେଶ ପ୍ରସଙ୍ଗ ଅନୁସାରେ ବକ୍ତବ୍ୟର ପ୍ରକାଶଭଙ୍ଗୀ, ଉପସ୍ଥାପନଶୈଳୀ ଅଲଗା ହୋଇଥାଏ । ଭାଷଣ ଓ ଉଦ୍ଦେଶ୍ୟ ଗୁରୁତ୍ୱ ଅନୁଯାୟୀ ସମୟ ସୀମା ମଧ୍ୟରେ ଧାର୍ଯ୍ୟ ହୋଇଥାଏ । ଯଦି ବକ୍ତୃତା ପ୍ରତିଯୋଗିତା, ତେବେ ୪ ରୁ ୫ ମିନିଟ୍ ସମୟ ଧାର୍ଯ୍ୟ ହୋଇଥିବା ବେଳେ ଅନ୍ୟାନ୍ୟ ସଭାରେ ଅବଶ୍ୟକତା ଅନୁସାରେ ବକ୍ତା ଜଣକ ବକ୍ତବ୍ୟର ସମୟ ଧାର୍ଯ୍ୟ କରିଥାଏ । ଧରାଯାଉ ଶୋକସଭା , ସ୍ୱାଗତ ସମ୍ବର୍ଦ୍ଧନାସଭା, ବା ବିଦାୟସଭା । ଏସବୁ ସଭାରେ ଭାଷଣ ଦୀର୍ଘ ହେବା ଆଦୌ ଉଚିତ୍‌ନୁହେଁ । ତେବେ ଯଦି କୌଣସି ସାହିତ୍ୟ ସଭାରେ ବକ୍ତା ବା ଆଲୋଚକ ଅଥବା ସାମ୍ପ୍ରତିକ ଘଟଣାବଳୀ ବିଷୟରେ ଜନସଚେତନତା ସଭା ହୋଇଥାଏ ତେବେ ଏସବୁ କ୍ଷେତ୍ରରେ ଭାଷଣ ଦୀର୍ଘ ହେବା ଆବଶ୍ୟକ । କୌଣସି ଶୋକସଭାରେ ଦିଆଯାଉଥିବା ଭାଷଣ ଉତ୍ତେଜନା ପୂର୍ଣ୍ଣହେବା ଅନୁଚିତ ବକ୍ତାଜଣକ ଭାଷଣ ଦେବା ସମୟରେ ଯଥା ସମ୍ଭବ ସଂଯମ ହୋଇ ଯେଉଁ ବ୍ୟକ୍ତି ବିଶେଷଙ୍କ ସମ୍ପର୍କରେ ଶୋକସଭାରେ ଭାଷଣ ଦେଉଥିବା ବେଳେ ହାସ୍ୟରସ ବା ଥଟ୍ଟାତାମସା କରି ସଭାରେ ହାସ୍ୟରୋଳ ସୃଷ୍ଟିକରିବା ଅନୁଚିତ୍ । କଥା ପ୍ରସଙ୍ଗରେ ମଧ୍ୟଏସବୁ କଥା ନଆସିବା ଭଲ । ସେହିଭଳି ଶୋକସଭାରେ ଭାଷଣରେ ସେହି ବ୍ୟକ୍ତିବିଶେଷଙ୍କ ଭଲମନ୍ଦ ବିଚାର କରି ତାଙ୍କର ନିନ୍ଦା କି ସମାଲୋଚନା କରିବା ଗ୍ରହଣୀୟ ନୁହେଁ । ଶୋକ ସଭାରେ କେବଳ ଗୁଣ କୀର୍ତ୍ତନ କରାଯାଏ । ତାଙ୍କ ବିୟୋଗରେ ଦୁଃଖିତ ବା ମର୍ମାହତ ବୋଲି କୁହାଯାଇ ତାଙ୍କର ଭଲ କଥାର ଉପସ୍ଥାପନ କରାଯାଇ ଯଶଗାନ କରାଯାଏ । ଏବେ ତୁମମାନେ ବୁଝିପାରିଥିବ – ଭାଷଣ ବା ବକ୍ତୃତା ବିଷୟବସ୍ତୁର ଆବଶ୍ୟକତା ଅନୁସାରେ ବଦଳିଯାଏ । ବିଷୟବସ୍ତୁର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଭାଷଣ ଓ ସମ୍ବୋଧନ, ଭାଷଣର ବର୍ଣ୍ଣନା ଓ ଭାଷଣର ଉପସଂହାର ବା ଶେଷ କଥା ସମ୍ପନ୍ନ ହୋଇଥାଏ । କହିବା ସମୟରେ ଅବଶ୍ୟକତା ଅନୁଯାୟୀ କିଛି କବିତା ପଙ୍କ୍ତି କିଛି ଉଦ୍ଧୃତି ଉଦ୍ଧାର

କରାଯାଇପାରିଲେ ଭଲ। ଯେହେତୁ ଭାଷଣ ଦେବା ଏକ କଳା ତେଣୁ ବାଗରେ ସଜେଇ ସଜାଡି ଭଲ ଭାବରେ ଉପସ୍ଥାପନ କରାଯାଇପାରେ। ତୁମେମାନେ ମନେରଖ, ଭାଷଣ ଦେବାବେଳେ ହଠାତ୍ ରାଗିଯିବା ବା ଅଯଥାରେ ଠୋ ଠୋ ହସିବା ବା କାହାକୁ ଆକ୍ଷେପ କରିବା ଠିକ୍ ନୁହେଁ। ଭଦ୍ରଭାବେ ବିନୟୀ ହୋଇ ଖୁବ୍ ସ୍ପଷ୍ଟ ଉଚ୍ଚାରଣ ସହ ବକ୍ତବ୍ୟ ରଖିଲେ ତାହା ଅନ୍ୟ ମାନଙ୍କୁ ଆକୃଷ୍ଟ କରିପାରେ। କ'ଣ କହିବ, କେମିତି କହିବ, କେତେ କହିବ ତାହା ତୁମ ମାନଙ୍କ ଉପରେ ନିର୍ଭର କରେ। ତୁମେମାନେ ବିଷୟବସ୍ତୁର ଆବଶ୍ୟକତା ବା ଚାହିଦା ଅନୁସାରେ ନିଜକୁ ପ୍ରସ୍ତୁତ କରି ନିଜର ଯୋଜନା ମୁତାବକ ବକ୍ତବ୍ୟ ରଖିଲେ ତାହା ସମସ୍ତଙ୍କ ପାଇଁ ଗ୍ରହଣ ଯୋଗ୍ୟ ହୋଇଥାଏ। ଭାଷଣ ଦେବାର ନମୁନା ଆମେ ଦେଖିଥିଲେ, ଏବେ ଆଉ କେତୋଟି ନମୁନା ଆମେ ବିଚାର କରିବା । **ନମୁନା- ବିଷୟ-** ***ଏଡସ୍ ଦିବସ।*** ଯଦି ପ୍ରତିଯୋଗିତା ଆଧାରିତ  ତେବେ ବକ୍ତବ୍ୟ ବଦଳିଯାଏ । ଯଦି କେବଳ ଏହି ଦିବସ ଉପରେ ବକ୍ତବ୍ୟ ରଖିବାର ଥାଏ ତେବେ ତାହା ଏହିପରି ହୋଇପାରେ।

***ବକ୍ତବ୍ୟର ପ୍ରଥମ ଭାଗ –*** ସଭାପତି ମହୋଦୟ ! ମଞ୍ଚାସୀନ ଅତିଥିବୃନ୍ଦ! ଉପସ୍ଥିତ ସଜ୍ଜନ ମଣ୍ଡଳୀ। ଆଜି ଆମେ ଏଠି ଏକାଠି ହୋଇଛେ ଏଡ୍ସ ଭଳି ଏକ ଭୟାନିକ ବ୍ୟାଧିକୁ କିଭଳି ସମାଜରୁ ଦୂରେଇଦେବା। ସାରା ବିଶ୍ୱରେ ଆଜି ଏଡ୍ସ ଦିବସ ପାଳନ କରାଯାଉଛି। ଆମେ ଜାଣୁ ଏଡ୍ସ  ଗୋଟିଏ ଛୋଟିଆ ଇଂରାଜୀ ଶବ୍ଦଟିଏ ଯାହାର ମୂଳ ଅର୍ଥ ହେଲା Acquired Immuno Deficiency Syndrome । ଏହି ଅର୍ଥରେ ସଂକ୍ଷିପ୍ତ ଶବ୍ଦ AIDS। ଏହାହୁଏତ ଛୋଟିଆ ଶବ୍ଦଟିଏ ହୋଇଥାଇପାରେ , ମାତ୍ର ଏହାର ପ୍ରଭାବ ବ୍ୟାପକ ଓ ଭୟଙ୍କର । ଏହାକୁତ କେହି  କେହି ଏଡ୍ସ ରାକ୍ଷସ ବୋଲି କହନ୍ତି। ସାରା ବିଶ୍ୱରେ ଏହି ରୋଗ ଏବେ ଆତଙ୍କର କାରଣ ହୋଇଛି। ସବୁରୋଗ ମଧ୍ୟରେ ଏହା ଅଧିକ ଆଲୋଚନାର ଖୋରାକ୍ ହେଉଛି।

***ବକ୍ତବ୍ୟର ଦ୍ୱିତୀୟ ଭାଗ –*** ବନ୍ଧୁଗଣ! ଆମେ ସମସ୍ତେ ଜାଣୁଯେ ଅଂସଯତ ଯୋନସଂପର୍କରୁ ଏଡ୍ସର ଉତ୍ପତ୍ତି, ଏଡ୍ସ ଆକ୍ରାନ୍ତ ହୋଇଥିବା ରୋଗୀର ଶରୀର କ୍ଷୀଣ ହୋଇଯାଏ। ଦୀର୍ଘଦିନଧରି ଜର, ମୁଣ୍ଡବିନ୍ଧା ହେବା ସହ କାମଳ ରୋଗ ହୋଇଥାଏ ଏବଂ ଆଖି ଶୋଠା ପଡିଯାଏ। ଏହିଭଳି ବିଭିନ୍ନ ଲକ୍ଷଣ ସବୁରହିଛି। ଜଣେ ରକ୍ତ ଗ୍ରହଣ କଲେ କିମ୍ବା ରକ୍ତ ଦାନ କଲେ ( ଏଡ୍ସ ସଂକ୍ରାମିତ ହୋଇଥିବା ବ୍ୟକ୍ତିବିଶେଷ ହୋଇଥିଲେ) ଏଡ୍ସ ଭୂତାଣୁ ଏହି ମାଧ୍ୟମରେ ସଂକ୍ରମିତ ହୋଇଥାଏ। ଆମେ ଜାଣୁ, ଏଡ୍ସ ସଂକ୍ରମଣ ହେଲେ ଏହାର ନିରାକରଣ ଅସମ୍ଭବ। ବିଶ୍ୱରେ ଯଦିଓ ବ୍ୟାପକ ପରୀକ୍ଷା, ଗବେଷଣା ଚାଲିଛି ଏହି ଦୁରାରୋଗ୍ୟ ବ୍ୟାଧିର ନିରାକରଣ ପାଇଁ ଔଷଧ ବା କିଛି ବିକଳ୍ପ ପାଇଁ, ତେବେ ଏଯାବତ୍ ଏଥିରେ ସଫଳତା ମିଳିନାହିଁ। ତେଣୁ ଏଡ୍ସ ଠାରୁ ନିରାପଦ ଦୂରରେ ରହିବା ଦରକାର। ଏଡ୍ସ ପାଇଁ ଆମେ ଆଜିଭଳି ଦିବସରେ ସଚେତନା ସୃଷ୍ଟି କରିବା ଆବଶ୍ୟକ।

***ବକ୍ତବ୍ୟର ତୃତୀୟ ଭାଗ –*** ବନ୍ଧୁଗଣ! ଆଜି ଏଡ୍ସ ଦିବସ। ଆଜିର ଦିବସ ଆମକୁ ଆହ୍ୱାନ ଦିଏ- ଏଡ୍ସ ମୁକ୍ତ ସମାଜ ଗଠନ ଦିଗରେ ଆମେ ସମସ୍ତେ ସଙ୍କଳ୍ପ ନେବା। ଏହି ଭୟାନକ ଦୂରାରୋଗ୍ୟ ବ୍ୟାଧି କବଳରୁ ସମାଜକୁ ମୁକ୍ତ କରି କିଭଳି ସମସ୍ତେ ସୁଖଶାନ୍ତିରେ ସୁସ୍ଥଜୀବନ ଯାପନ କରିବା ସେଥିପାଇଁ ଆମେ ସଚେତନତା ସୃଷ୍ଟି କରିବା ଆବଶ୍ୟକ। ଆମେ ଏଡ୍ସ ଦିବସ ପାଳନ କରି ଆଜି ଏଡ୍ସ ବିଷୟରେ ଆଲୋଚନା କରିବା ସ୍ୱାଗତଯୋଗ୍ୟ କଥା, ତେବେ ଖାଲି ଆଜିର ଦିବସରେ ଏଡ୍ସକୁ ସୀମିତ ରଖିବା ନାହିଁ। ଆମେମାନେ ବର୍ଷସାରା ସମୟାନୁସାରେ ଏଡ୍ସ

ବିଷୟକ ଆଲୋଚନା, ସଚେତନତା ସଭା, ପଦଯାତ୍ରା,ଏଡ୍‌ସ ଶିବିର ଆଦି ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ଆୟୋଜନ କରିବା ଆବଶ୍ୟକ। ଆପଣମାନେ ସମସ୍ତେ ଆଜି ଏଠାରେ ସମବେତ ହୋଇ ଏଡ୍‌ସ ଭଳି ଭୟଙ୍କର ବ୍ୟାଧି ମୁକ୍ତ ସମାଜ ଗଠନ ପାଇଁ ଉତ୍ସାହୀଥିବାରୁ ବ୍ୟକ୍ତିଗତ ଭାବେ କୃତଜ୍ଞତା ଜ୍ଞାପନ କରି ମୋର ବକ୍ତବ୍ୟ ଶେଷ କରୁଛି। ଧନ୍ୟବାଦ।

ବିଦ୍ୟାର୍ଥୀଗଣ ! ତୁମେମାନେ ଏହି ଭାଷଣ ନମୁନାରୁ ଦେଖିଲ କୌଣସି ନିର୍ଦ୍ଦିଷ୍ଟ ଦିବସ ବିଷୟରେ ସଭା ବା ଆଲୋଚନାରେ ବକ୍ତବ୍ୟ କିଭଳି ସେହି ଦିବସ ପାଳନର ତାତ୍ପର୍ଯ୍ୟ ବା ଆବଶ୍ୟକତା ଅଧାରିତ ହୋଇଥାଏ। ଖାଲି ଏଡ୍‌ସଦିବସ ନୁହେଁ ଯକ୍ଷ୍ମାଦିବସ, କୁଷ୍ଠଦିବସ, ଜାତୀୟ ସଂହତିଦିବସ, ଜାତିସଂଘଦିବସ ଏଭଳି ବିଭିନ୍ନ ଦିବସ ପାଳନ ପାଇଁ ଆୟୋଜିତ ବକ୍ତୃତା ପ୍ରତିଯୋଗିତା ବା ଦିବସ  ପାଳନ ସଭାରେ ବକ୍ତୃତା ବା ଭାଷଣ ମୁଖ୍ୟତଃ ସେହି ଦିବସ ପାଳନର ଉଦ୍ଦେଶ୍ୟ, ସେହି ଦିବସ କଥା, ସେହିଦିବସ ବିଶେଷତ୍ୱ ବିଷୟରେ ବକ୍ତା ବା ଅଂଶ ଗ୍ରହଣକାରୀ ବା ପ୍ରତିଯୋଗୀ ନିଜ ନିଜର ସୁଚିନ୍ତିତ ବକ୍ତବ୍ୟ ପ୍ରଦାନ କରିଥାଆନ୍ତି। ଏହା ମିଳିତ ଜାତିସଂଘ ଦିବସ, ସ୍ୱାଧୀନତା ଦିବସ, ସାଧାରଣତନ୍ତ୍ର ଦିବସ, ସେନା ଦିବସ ଆଦି ବିବିନ୍ନ ଦିବସ ପାଳନ ଅବସସରେ ଆୟୋଜିତ ସଭା ବା ପ୍ରତିଯୋଗିତାରେ ଭାଷଣଟି ଯଥାସମ୍ଭବ ଦିବସର ବିଶେଷତ୍ୱ ଆଧାରିତ ହେବା ଆବଶ୍ୟକ। ଆମେ ଏଠାରେ ଆଉ ଗୋଟିଏ ନମୁନା ଲକ୍ଷ୍ୟ କରିବା। ଧରାଯାଉ – ***ବିଶ୍ୱ ଅକ୍ଷମ ଦିବସ।*** ଏହି ଦିବସ ପାଳନ ଅବସରରେ ଗୋଟିଏ ବକ୍ତୃତା ପ୍ରତିଯୋଗିତାର ଆୟୋଜନ  କରାଯାଇଛି।

***ବକ୍ତୃତାର ଶୀର୍ଷକ – ସେମାନେ ଅକ୍ଷମ ନୁହନ୍ତି, ସକ୍ଷମ।*** ଏହି ବିଷୟରେ ପ୍ରତିଯୋଗୀ ଚାରିମିନିଟ୍ ସମୟ ମଧ୍ୟରେ ବକ୍ତବ୍ୟ ରଖିବେ। ବକ୍ତବ୍ୟଟି ଏହିଭଳି ହେଇପାରେ।

***ବକ୍ତବ୍ୟର ପ୍ରଥମ ଭାଗ*** – ମାନନୀୟ ବିଚାରକମଣ୍ଡଳୀ ତଥା ମୋର ପ୍ରିୟ ପ୍ରତିଯୋଗୀ ଭାଇ ଓ ଭଉଣୀମାନେ। ଆଜି ବିଶ୍ୱଅକ୍ଷମ ଦିବସ ଅବସରରେ ଏଠାରେ ଆୟୋଜିତ ସେମାନେ ଅକ୍ଷମ ନୁହନ୍ତି ସକ୍ଷମ ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ କିଛି କହିବାର ସୁଯୋଗ ପାଇଥିବାରୁ ମୁଁ ନିଜକୁ ଧନ୍ୟ ମନେକରୁଛି।

***ବକ୍ତୃତାର ଦ୍ୱିତୀୟ ଭାଗ*** – ବନ୍ଧୁଗଣ ! ଆଜି ସମଗ୍ର ବିଶ୍ୱରେ ପାଳନ କରାଯାଉଛି ବିଶ୍ୱ ଅକ୍ଷମ ଦିବସ। ସେମାନଙ୍କୁ କୁହାଯାଉଥିଲା ବିକଳାଙ୍ଗ, ସମୟକ୍ରମେ କୁହାଗଲା ଶାରିରୀକ ଅକ୍ଷମ,ଭିନ୍ନକ୍ଷମ ଏବେ ସେମାନଙ୍କ ନୂଆ ପରିଚୟ - ଦିବ୍ୟାଙ୍ଗ। ସମୟାନୁସାରେ ଶବ୍ଦ ବଦଳୁଛି ସତ ! ହେଲେ ଆଜିବି ସେମାନଙ୍କ ମୁହଁରେ ମନଖୋଲା ହସ ଫୁଟାଇବାକୁ ଆମେ ସକ୍ଷମ ହୋଇପାରୁନାହୁଁ। ଏକଥା ମୁଁ ଏଠାରେ ଦୃଢଭାବେ କହିପାରେ, ଯେଉଁ ମାନଙ୍କୁ ଅକ୍ଷମ କହି ଆମ ସମାଜ ଆଡ ଆଖିରେ ଦେଖେ, ସେମାନଙ୍କୁ ପୂର୍ବଜନ୍ମର ଫଳ, ଭଗବାନଙ୍କ ଅଭିଶାପ କହି ତାହିଟାପରା କରେ ସେମାନେ ସକ୍ଷମ ମାନଙ୍କଠାରୁ ଅଧିକ ସକ୍ଷମ ଏହାର ପ୍ରମାଣ ଆମେ ବାରମ୍ବାର ପାଉଛେ, ଅନ୍ଧ ବା ଚକ୍ଷୁହୀନ ବ୍ୟକ୍ତିଟିଏ ନିଜର ଆଘ୍ରାଣ ଶକ୍ତି ଓ ସ୍ମରଣ ଶକ୍ତି ବଳରେ ଯାହା କରିପାରେ ଯେଭଳି ନିଜର ଅନ୍ତର୍ନିହିତ ପ୍ରତିଭାର ପ୍ରଦର୍ଶନ କରିପାରେ ତାହା ସାଧାରଣ ବ୍ୟକ୍ତିର ତୁଳନାରେ ଯଥେଷ୍ଟ ଅଧିକ। ଆଜି ସମୟ ବଦଳିଛି। ସେମାନଙ୍କୁ ସ୍ୱୀକୃତି ଦେବା, ସୁଯୋଗଦେବା, ସମ୍ମାନଦେବାର ସମୟ ଆସିଛି। ସେମାନେ ଆମ ସମାଜର ଅବିଚ୍ଛେଦ୍ୟ ଅଂଶ ଏହା

ବିଚାର କରିବାର ବେଳ ଆସିଛି । ଅନେକ ଆବିଷ୍କାର, ଉଦ୍ଭାବନରେ ନିଜର ପାରଦର୍ଶିତା ସହ ସମଗ୍ର ବିଶ୍ୱରେ ନିଜ ନିଜର ସୃଜନଶୀଳତା ମାଧ୍ୟମରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ସେମାନେ, ବ୍ରେଲ ଅକ୍ଷରର ଉଦ୍ଭାବକ ଲୁଇବ୍ରେଲଙ୍କ ଅବଦାନ ଅବିସ୍ମରଣୀୟ । ଆମ ମାଟିର ସନ୍ଥକବି ଭୀମ ଭୋଇଙ୍କ ମହାନ୍ ପଙ୍କ୍ତି-

"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ,
ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ ।।"

ଆଜି ମିଳିତ ଜାତିସଂଘର କାନ୍ଥରେ ଖୋଦିତ ହୋଇଛି, ସେମାନେ ଅକ୍ଷମ ନା ସକ୍ଷମ ଏ ପ୍ରଶ୍ନ ଆମେ ଆମକୁ ପଚାରିବା ଆବଶ୍ୟକ ।

***ବକ୍ତବ୍ୟର ଶେଷ ଭାଗ*** – ବନ୍ଧୁଗଣ ! ସେମାନେ ଅକ୍ଷମ ନୁହନ୍ତି, ସକ୍ଷମ । ଏହି କଥାକୁ ମୁଁ ବାରମ୍ବାର ଦୋହରାଇବି, କାରଣ ସେମାନେ ଅସ୍ପୃଶ୍ୟ କି ଅଭିଶାପ ନୁହନ୍ତି । ସେମାନେ ଆମ ଭଳି ମଣିଷ । ଆମର ସ୍ନେହ, ଶ୍ରଦ୍ଧା, ସମ୍ମାନ, ଅନୁରାଗ ସେମାନଙ୍କର ପ୍ରାପ୍ୟ, ଖାଲି ବିଶ୍ୱଅକ୍ଷମ ଦିବସ ପାଳନ କରିଲେ ଯଥେଷ୍ଟ ହେବନାହିଁ, ଆମେଯଦି ଜଣେ ଜଣେ ବିବେକୀ ମଣିଷ ହୋଇ ମାନବୀୟ ମୂଲ୍ୟବୋଧ ସହ ସେମାନଙ୍କୁ ମମତା ନ ଦେଇଛେ । ସେମାନଙ୍କପ୍ରତି ମମତା ଓ ମାନବିକତା ପ୍ରଦର୍ଶନ ଆମର ମଣିଷ ପଣିଆର ପ୍ରମାଣ, ଆମ ପାଖରୁ ସେମାନଙ୍କୁ ଦୂରେଇ, ସହାନୁଭୂତି ପ୍ରଦର୍ଶନ କରି ସେମାନଙ୍କୁ  ଦୁର୍ବଳ, ଦୟାରପାତ୍ର ଭାବେ ମନେ କରିବା ଆମ ପକ୍ଷରେ ଶୋଭନୀୟ ନୁହେଁ । ଉଦାହରଣର ଅଭାବ ନାହିଁ – ଆଜି ସାରା ବିଶ୍ୱରେ ସେମାନେ ସକ୍ଷମ ଓ ସମର୍ଥ ବୋଲି ପ୍ରମାଣିତ କରୁଛନ୍ତି । ସେମାନେ ଅକ୍ଷମ ନୁହନ୍ତି, ସକ୍ଷମ । ଏହି କଥା ସେମାନେ ସେମାନଙ୍କ ଅବଦାନ ମାଧ୍ୟମରେ ପ୍ରମାଣ ଦେଉଛନ୍ତି, ଚିତ୍ର, ସାହିତ୍ୟ, ସଙ୍ଗୀତ, ନୃତ୍ୟ, କଳା ବିଜ୍ଞାନ ଏପରିକି ପର୍ବତାରୋହଣ – ଏମିତି କୌଣସି କ୍ଷେତ୍ରନାହିଁ ଯେଉଁଠି ସେମାନଙ୍କର ପ୍ରବେଶ ନାହି । ଖାଲି ପ୍ରବେଶ ନୁହେଁ ସେହିସବୁ କ୍ଷେତ୍ରରେ ସେମାନେ ସେମାନଙ୍କର ପ୍ରତିଭାର ସ୍ୱାତନ୍ତ୍ର୍ୟ ଜାହିର କରିଛନ୍ତି । ସେମାନଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ ପୂର୍ବକ ମୋ ସମ୍ମାନ ଜଣାଇ ବକ୍ତବ୍ୟ ଶେଷ କରୁଛି । ଧନ୍ୟବାଦ୍ ।

## ୨.୧.୨ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

(୧) ବକ୍ତୃତା ବା ଦଳଗତ ଆଲୋଚନାରେ ସଫଳତାର ପ୍ରଥମକଥାଟି କ'ଣ ?

(୨) ବକ୍ତୃତା ସାଧାରଣତଃ କେତେ ପ୍ରକାରର ଓ କ'ଣ କ'ଣ ?

(୩) ସାମଗ୍ରିକ ଭାବେ ନିଜର ଜ୍ଞାନ ଓ ବ୍ୟକ୍ତିତ୍ୱ ଉପସ୍ଥାପନର ମାଧ୍ୟମ ଭାବେ କାହାକୁ ବିବେଚନା କରାଯାଏ ?

(୪) ଭାଷଣ ଦେବାପୂର୍ବରୁ କ'ଣ ପ୍ରସ୍ତୁତ କରାଯାଏ ?

(୫) ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ବିଦାୟ ସମ୍ବର୍ଦ୍ଧନା ପାଇଁ ଆୟୋଜିତ ସଭାର ବକ୍ତବ୍ୟ କେମିତି ଆରମ୍ଭ କରାଯାଏ ?

(୬) ଶୋକସଭାର ଭାଷଣ କିଭଳି ହେବା ଉଚିତ୍ ?

(୭) ଭାଷଣ ଦେବାବେଳେ କେମିତି କହିଲେ ଅନ୍ୟମାନଙ୍କୁ ପସନ୍ଦ ଆସେ ?

(୮) ଏଡ୍‌ସ ଦିବସ ଅବସରରେ ଆୟୋଜିତ ଭାଷଣ ଉପସଂହାରରେ କ'ଣ କୁହାଯାଏ ?

## ୨.୧.୩ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ ; ସମ୍ଭାବ୍ୟ ଉତ୍ତର

(୧) ବକ୍ତୃତା ବା ଦଳଗତ ଆଲୋଚନାରେ ସଫଳତା ପାଇବାକୁ ହେଲେ ପ୍ରଥମ କଥାଟି ହେଉଛି ଆତ୍ମ ପ୍ରତ୍ୟୟ ବା ଆତ୍ମ ବିଶ୍ୱାସ।

(୨) ବକ୍ତୃତା ସାଧାରଣତଃ ଦୁଇ ପ୍ରକାରର। ଯଥା – (କ) ସଭା ସମିତି ବା ଅନ୍ୟ କୌଣସି ସ୍ଥାନରେ ବକ୍ତୃତା ବା ଭାଷଣ, (ଖ) ବକ୍ତୃତା ପ୍ରତିଯୋଗିତା ଏବଂ (ଗ) ବିତର୍କ ପ୍ରତିଯୋଗିତା ।

(୩) ସାମଗ୍ରିକ ଭାବେ ନିଜର ଜ୍ଞାନ ଓ ବ୍ୟକ୍ତିତ୍ୱକୁ ଉପସ୍ଥାପନ କରିବାର ମାଧ୍ୟମ ଭାବେ ବକ୍ତୃତା , ଦଳଗତ ଆଲୋଚନା ଇତ୍ୟାଦିକୁ ବିବେଚନା କରାଯାଏ।

(୪) ଭାଷଣ ଦେବାପୂର୍ବରୁ କୁହାଯିବାକୁ ଥିବା ବିଷୟର ଯୋଜନାଟିଏ ପ୍ରସ୍ତୁତ କରାଯାଏ।

(୫) ମହାବିଦ୍ୟାଳୟର ଅଧକ୍ଷଙ୍କ ବିଦାୟ ସମ୍ବର୍ଦ୍ଧନା ପାଇଁ ଆୟୋଜିତ ସଭାର ବକ୍ତବ୍ୟର ପ୍ରଥମ ଭାଗ – ମାନନୀୟ ସଭାପତି ମହୋଦୟ, ଉପସ୍ଥିତ ଅଧ୍ୟାପକ ଅଧ୍ୟାପିକା ବୃନ୍ଦ, ମୋର ପ୍ରିୟ ଛାତ୍ରଛାତ୍ରୀ ଗଣ ଏବଂ ଆଜି ଏ ସଭାର ମୁଖ୍ୟ ଆକର୍ଷଣ ଆମ ମହାବିଦ୍ୟାଳୟରୁ ଅବସରକାଳୀନ ବିଦାୟ ନେଉଥିବା ମାନନୀୟ ଅଧକ୍ଷ ମହୋଦୟ।

(୬) ଶୋକସଭାର ଭାଷଣ ଦୀର୍ଘନହୋଇ ସଂକ୍ଷିପ୍ତ ହେବା ଆବଶ୍ୟକ। ଏହି ଭାଷଣରେ ଉତ୍ତେଜନା, ହାସ୍ୟରସ, ଥଟ୍ଟାକୌତୁକ ପରିବର୍ତ୍ତେ ଶ୍ରଦ୍ଧା ଓ ସମ୍ମାନ ରହିବା ଆବଶ୍ୟକ।

(୭) କହିବାର ଶୈଳୀ, କହିବାର ଗଭୀରତା, କହିବାର ସ୍ୱାତନ୍ତ୍ର୍ୟ ବକ୍ତତାଟିକୁ ସୁନ୍ଦର କରି ସଜାଡିଥାଏ। ଯୋଜନା ଅନୁସାରେ ଯେତେ ସଜଡା ହୋଇଥିବା ଭାଷଣ ଦିଆଯାଏ, ସେହି ଭାଷଣ ସେତେ ପସନ୍ଦ ଯୋଗ୍ୟ ହୋଇଥାଏ।

(୮) ଏଡ୍‌ସ ଦିବସ ଅବସରରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତା ଶେଷରେ ଆମେ କହିପାରିବା, ଆପଣମାନେ ସମସ୍ତେ ଆଜି ଏଠାରେ ସମବେତ ହୋଇ ଏଡ୍‌ସ ଭଳି ଭୟଙ୍କର ବ୍ୟାଧିମୁକ୍ତ ସମାଜ ଗଠନ ପାଇଁ ସଙ୍କଳ୍ପ କରିବା।



❑❑❑

## ତୃତୀୟ ଏକକ :

୩.୦ ପଠନର ଉଦ୍ଦେଶ୍ୟ

୩. ୧ ଦଳଗତ ଆଲୋଚନା

୩. ୧ . ୧ ଦଳଗତ ଆଲୋଚନାର ଆବଶ୍ୟକତା

୩. ୧ . ୨ ଦଳଗତ ଆଲୋଚନାର ଆବଶ୍ୟକତା ନମୁନା

୩. ୧ .୩ ସ୍ୱଗତ କଥନ, ସଂଳାପଭଙ୍ଗୀ

୩. ୧ .୪ କେଉଁ ଦିଗପ୍ରତି ଅଧିକ ଧ୍ୟାନଦେବା ଆବଶ୍ୟକ

୩. ୧ .୫ ବକ୍ତୃତା ପ୍ରତିଯୋଗିତାର ନମୁନା

୩. ୧ .୬ ସମ୍ଭାବ୍ୟ ଦୀର୍ଘ ଉତ୍ତରମୂଳକ ପ୍ରଶ୍ନାବଳୀ

## ୩.୦ ପଠନର ଉଦ୍ଦେଶ୍ୟ

ଉକ୍ତ ଏକକଟି ପାଠକଲାପରେ ତୁମେ -

- ଦଳଗତ ଆଲୋଚନାର ସଂଜ୍ଞା ଓ ସ୍ୱରୂପ ଜାଣିପାରିବ ।
- ବକ୍ତୃତା ଓ ଦଳଗତ ଆଲୋଚନା ମଧ୍ୟରେ ପାର୍ଥକ୍ୟ ନିରୂପଣ କରିପାରିବ
- ପ୍ରତିଯୋଗୀ ଭାବରେ ଦଳଗତ ଆଲୋଚନାରେ ସଫଳତା ଅର୍ଜନ କରିପାରିବ ।

## ୩. ୧ ଦଳଗତ ଆଲୋଚନା

ବିଦ୍ୟାର୍ଥୀଗଣ ! ଆମେ ଏବେ ଦଳଗତ ଆଲୋଚନା ବିଷୟରେ ଆଲେକପାତ କରିବା । ତୁମେମାନେ ଜାଣଯେ, ଦଳଗତ ଆଲୋଚନା (Group Discussion) ଆଜିକାଲି ଅନେକ କ୍ଷେତ୍ରରେ ଗୋଟିଏ ପ୍ରମୁଖ ପରୀକ୍ଷା ବା ଚୟନ କରିବାରେ ମାଧ୍ୟମ ଭାବେ ବିବେଚନା କରାଯାଉଛି । ଦଳଗତ ଆଲୋଚନା ସାଧାରଣତଃ ଦୁଇଟି ପ୍ରମୁଖ ଆଭିମୁଖ୍ୟପାଇଁ ଉଦ୍ଦିଷ୍ଟ ବୋଲି କୁହାଯାଏ । ସେହି ଦୁଇ ଆଭିମୁଖ୍ୟ ହେଉଛି – (କ) ଦଳ ବା ସମୂହ ମଧ୍ୟରେ ନିଜର ବ୍ୟକ୍ତିତ୍ୱ (Personality) ପ୍ରଦର୍ଶନ, ଏବଂ (ଖ) ଭବିଷ୍ୟତରେ ଏକାଧିକ ବ୍ୟକ୍ତିଙ୍କ ଭିତରେ ନିଜକୁ ଅଲଗା (Separate) ଓ ସ୍ୱତନ୍ତ୍ର (Special) ଭାବେ ପ୍ରତିଷ୍ଠା କରିବା । ଏବେ ପ୍ରତିଯୋଗିତାର ଯୁଗ । କୌଣସି ଶିକ୍ଷାନୁଷ୍ଠାନରେ

ନାମଲେଖା ହେଉ, ଅଥବା ସରକାରୀ ବା ବେସରକାରୀ ଚାକିରି ହେଉ ସବୁଠାରେ ଆଶାଠାରୁ ଅଧିକ ପ୍ରତିଯୋଗିତା ଏହାକୁ ନିୟନ୍ତ୍ରଣ କରିବାପାଇଁ ଦଳଗତ ଆଲୋଚନା ମଧ୍ୟ ଏକ ମାଧ୍ୟମ। ଅନେକ ସମୟରେ ଦଳଗତ ଆଲୋଚନା ଚୟନ ପ୍ରକ୍ରିୟାର ପ୍ରଥମ ପ୍ରାଥମିକତା ଭାବେ ସ୍ଥାନ ପାଇଥାଏ। ବୈଦ୍ୟୁତିକ ଗଣମାଧ୍ୟମ (Electronic Media) ରେ ମଧ୍ୟ ଆଜିକାଲି ଚର୍ଚ୍ଚା (Disucussion) ମୁଖ୍ୟତଃ ଦଳଗତ ଆଲୋଚନା ଗୋଟିଏ ନିର୍ଦ୍ଦିଷ୍ଟ ବିଷୟରେ ଅଂଶଗ୍ରହଣକାରୀ (Participant) ନିଜମତ ଉପସ୍ଥାପନ କରିବା ସହ ସେହିବିଷୟରେ ଅନ୍ୟମାନେ ବା ଅନ୍ୟଜଣେ ଦେଇଥିବା ମତର ସପକ୍ଷ ବା ବିପକ୍ଷରେ ଯୁକ୍ତି କରିବାର ସୁଯୋଗ, ଦଳଗତ ଆଲୋଚନାରେ ଥାଏ। ଦଳଗତ ଆଲୋଚନାର ମୁଖ୍ୟଉଦ୍ଦେଶ୍ୟ ହେଉଛି, ବ୍ୟକ୍ତି ବା ଅଂଶଗ୍ରହଣକାରୀର ବ୍ୟକ୍ତିତ୍ୱ, ଦୂରଦର୍ଶିତା, ଚିନ୍ତାଧାରା ବା ଜ୍ଞାନର ଗଭୀରତା ଏବଂ ସର୍ବୋପରି ବିଷୟ ଉପସ୍ଥାପନାର ମୌଳିକତା (Originality)। ଏଥିରେ ପ୍ରସଙ୍ଗ ବା ବିଷୟର ଆବଶ୍ୟକତା ଅନୁସାରେ ଆଲୋଚକ ନିଜର ମତକୁ ଉପସ୍ଥାପନ କରି ଅନ୍ୟର ମତ ବା ଯୁକ୍ତି ଧୈର୍ଯ୍ୟର ସହିତ ଶୁଣିବା ଆବଶ୍ୟକ। ଏହା ବିତର୍କ କି ବକ୍ତୃତା ନୁହେଁ, ଆଲୋଚନା। ତେଣୁ ଆଲୋଚକ ନିଜକୁ ଏକକ ବକ୍ତା (Individual Speaker) ଭାବେ ପ୍ରତିଷ୍ଠା କରିବାର ପ୍ରଚେଷ୍ଟା କରିବା ପରିବର୍ତ୍ତେ ସେହି ଦଳ ବା ଗୋଷ୍ଠୀରେ ଅନ୍ୟମାନେ କେମିତି କହୁଛନ୍ତି ତାହାର ଗୁରୁତ୍ୱ ବୁଝିବା ଦରକାର। ଏହି ଆଲୋଚନା କିଭଳି ସମତୁଲ ତାହା ପ୍ରତିପାଦନ କରିବା ପ୍ରତ୍ୟେକ ଆଲୋଚକଙ୍କ ଦାୟିତ୍ୱ। ଅଯଥା ଅନାବଶ୍ୟକ ବା ଅପ୍ରାସଙ୍ଗିକ ମତବ୍ୟକ୍ତି କରି ସମୟ ନଷ୍ଟ କରିବା ପରିବର୍ତ୍ତେ କିଭଳି ସବୁ ଆଲୋଚକଙ୍କ ମଧ୍ୟରେ ଭାରସାମ୍ୟ ରକ୍ଷା କରାଯାଇ ଆଲୋଚନାକୁ ଅଧିକ ଫଳପ୍ରଦ କରାଯାଇପାରିବ ସେଥିପ୍ରତି ସମସ୍ତେ ଧ୍ୟାନ ଦେବା ଆବଶ୍ୟକ। ଦଳଗତ ଆଲୋଚନାରେ ଦଳ ବା ସମୂହର ଆଲୋଚନାର ସାରାଂଶ ବିଚାର କରାଯାଏ। ତେଣୁ ଆଲୋଚକ ବା ଅଂଶଗ୍ରହଣକାରୀ କେବଳ ନିଜକୁ ଶ୍ରେଷ୍ଠ ଭାବେ ଉପସ୍ଥାପନ କରିବାକୁ ଯାଇ ଅନ୍ୟମାନଙ୍କୁ ନିଜ ମତ ବା ଯୁକ୍ତିକୁ ଗ୍ରହଣ କରିବାପାଇଁ ବାଧ୍ୟ କରିବା, ପ୍ରତିଯୋଗିତାଙ୍କ ଗୁରୁତ୍ୱ କମାଇବା ବା ତାଙ୍କ କଥା ଅପ୍ରାସଙ୍ଗିକ ବୋଲି ଯୁକ୍ତି ବାଢିବା, ନିଜେ ସବୁ ଜାଣିଛନ୍ତି ବା ତାଙ୍କର ତଥ୍ୟସବୁ ଠିକ୍ ଏବଂ ଅନ୍ୟମାନେ ଭୁଲ୍ ଏଭଳି ଧାରଣା ଜନ୍ମାଇବା ଆଦୌ ଗ୍ରହଣୀୟ ହୋଇ ନଥାଏ। ନିଜର ପ୍ରତିଭା (Talent) ଓ ପାଣ୍ଡିତ୍ୟ (Knowledge) ମଧ୍ୟରେ ସମନ୍ୱୟ ରକ୍ଷାକରି ବିଷୟଟିକୁ କିଭଳି ସ୍ୱତନ୍ତ୍ର ଶୈଳୀରେ ଉପସ୍ଥାପନ କରାଯାଇପାରିବ, ସେଥିପ୍ରତି ଆଲୋଚକ ଧ୍ୟାନ ଦେବା ଉଚିତ୍ । ଦଳମଧ୍ୟରେ ନିଜର ସ୍ୱାତନ୍ତ୍ର୍ୟ (Speciality) ଓ ବ୍ୟକ୍ତିତ୍ୱ (Personality) କୁ ପ୍ରଦର୍ଶନ କରିବାରେ ଆଲୋଚକ ବା ଅଂଶଗ୍ରହଣକାରୀଙ୍କ ଦକ୍ଷତା, ଚୟନକର୍ତ୍ତା ବା ବିଚାରକଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। ଦଳଗତ ଆଲୋଚନାରେ ଜ୍ଞାନର ବିଚାର ସହ ବ୍ୟକ୍ତିତ୍ୱର ଆକଳନ କରାଯାଏ। ତେଣୁ ବେଶପୋଷାକ, ଅଙ୍ଗଭଙ୍ଗୀ, ଉପସ୍ଥାପନ ଶୈଳୀ ପ୍ରତି ଆଲୋଚକ ବା ଅଂଶଗ୍ରହଣକାରୀ ସଚେତନ ହେବାର ଆବଶ୍ୟକତା ରହିଛି। ସାମଗ୍ରିକ ଭାବେ ଆଲୋଚକ ଜଣକ ନିଜର ବ୍ୟକ୍ତିତ୍ୱକୁ ଉପସ୍ଥାପନ କରିବା ସହ ପ୍ରସଙ୍ଗ ସମ୍ପର୍କରେ ନିଜର ଜ୍ଞାନର ଗଭୀରତା ପ୍ରଦର୍ଶନ କରିଥାଏ।

## ୩.୧.୧ ଦଳଗତ ଆଲୋଚନାର ଆବଶ୍ୟକତା

ଦଳଗତ ଆଲୋଚନାରେ ସାଧାରଣତଃ ଚାରିଜଣ ଅଂଶଗ୍ରହଣ କରିଥାନ୍ତି । ଜଣେ ସଞ୍ଚାଳକ (Moderator) ର ଭୂମିକା ନିର୍ବାହ କରନ୍ତି । ସଞ୍ଚାଳକ ଆଲୋଚନାର ସପକ୍ଷ ଓ ବିପକ୍ଷ ମତ ମଧ୍ୟରେ ଭାରସାମ୍ୟ ରକ୍ଷା କରିବା ସହ ଉପକ୍ରମରେ ବିଷୟ ପ୍ରବେଶ ଏବଂ ଉପସଂହାରରେ ବିଷୟ ସାରାଂଶ ସମ୍ପର୍କରେ ନିଜର ମତବ୍ୟକ୍ତି କରନ୍ତି । ଦଳଗତ ଆଲୋଚନାରେ ତେଣୁ ତଥ୍ୟ (Fact), ଶୈଳୀ (Style), ଉପସ୍ଥାପନା (Presentation), ଭାଷା (Language), ସଠିକତା (Accuraoy) ଉପରେ ଆଲୋଚକ ବା ଅଂଶଗ୍ରହଣକାରୀ ଗୁରୁତ୍ୱ ଦେଇଥାଏ, ଯାହାକି ଚୟନ (Selection) ବା ପରୀକ୍ଷା (Examination) ରେ କୃତକାର୍ଯ୍ୟ ହେବାରେ ସାହାଯ୍ୟ କରିଥାଏ ଦଳଗତ ଆଲୋଚନାରେ ଅନାବଶ୍ୟକ ଓ ଅପ୍ରାସଙ୍ଗିକ ଆଲୋଚନାଠାରୁ ଯଥାସମ୍ଭବ ଦୂରେଇ ରହିବା ଆବଶ୍ୟକ । ସେହିପରି ଆଲୋଚକ ବା ଅଂଶଗ୍ରହଣକାରୀ ଦଳଗତ ଆଲୋଚନାରେ ଭାଗନେବାବେଳେ ନିଜ ଉପରେ ନିୟନ୍ତ୍ରଣ ରଖିବା, ଅନ୍ୟମାନଙ୍କୁ ଧୈର୍ଯ୍ୟର ସହ ଶୁଣିବା, ଉତ୍ତେଜନା କି ଭାବପ୍ରବଣତାଠାରୁ ଦୂରେଇ ରହିବା, ନିଜ ମତକୁ ବାରମ୍ବାର ନବଦଳାଇବା, ଯେତିକି କହିବେ ଭାବିଚିନ୍ତି କହିବା ଆଦିକେତୋଟି କଥାକୁ ଧ୍ୟାନର ସହ ପାଳନ କରିବା ଭଲ । ବିଦ୍ୟାର୍ଥୀଗଣ, ତୁମେମାନେ ଜାଣ ପ୍ରାୟତଃ ଦଳଗତ ଆଲୋଚନାର ପ୍ରସଙ୍ଗ ସାଂପ୍ରତିକ ଘଟଣାବଳୀ ଆଧାରିତ । ତେଣୁ ଆଞ୍ଚଳିକ, ଜାତୀୟ ଓ ଆନ୍ତର୍ଜାତୀୟ ସମସ୍ୟା ଏବଂ ସେସବୁର ପୃଷ୍ଠଭୂମି ବିଷୟରେ ଜାଣିରଖିବା ଆବଶ୍ୟକ । ଘଟଣା ବା ସମସ୍ୟାଟି ବିଷୟରେ ଅବଗତ ଥିଲେ, ସେସଂପର୍କରେ ଜ୍ଞାନଥିଲେ ଆଲୋଚନାରେ ଅଂଶଗ୍ରହଣ କରିବା ଓ ଆଲୋଚନାକୁ ଆଗେଇନେବାରେ ସୁବିଧା ହୋଇଥାଏ । ତେବେ ବିଷୟକୁ ନେଇ କୌଣସି ଶଙ୍କା କି ସନ୍ଦେହଥିଲେ ଦଳଗତ ଆଲୋଚନାରେ ତାହା ପ୍ରକାଶ କରାଯିବା ଉଚିତ୍ ନୁହେଁ । ବରଂ ସେହି ବିଷୟ ସହିତ ବିଭିନ୍ନ ବିଷୟରେ ଭଲ ଜ୍ଞାନ ବା ଧାରଣାଥିଲେ ଆଲୋଚନା ପାଇଁ ସହାୟକ ହୁଏ । ଦଳଗତ ଆଲୋଚନାରେ ଅବଶ୍ୟ ନିଜେ ଅଧିକ ଜାଣିଛନ୍ତି ବୋଲି ଅନ୍ୟ ଆଲୋଚକଙ୍କୁ ଅଜ୍ଞ ମନେକରିବା, ନିଜରମତ କି ଯୁକ୍ତିକୁ ବାରମ୍ବାର ଉପସ୍ଥାପନ କରିବା, ନିଜେ ଜ୍ଞାନୀ ଅନ୍ୟମାନେ ତୁଚ୍ଛ ବା ହେୟବିଚାର କରିବା ଆଦୌଗ୍ରହଣୀୟ ନୁହେଁ । ଦଳଗତ ଆଲୋଚନାରେ ନିଜସ୍ୱ ଶୈଳୀ ଓ ସ୍ୱାତନ୍ତ୍ର୍ୟକୁ ବିଚାର କରାଯାଏ ସତ, ହେଲେ ଦଳର ମତ ଏଥିରେ ଗୁରୁତ୍ୱପୂର୍ଣ୍ଣ । ସେହି ଦଳରେଥିବା ଆଲୋଚକଗଣ କିଭଳି ସାମଗ୍ରିକ ଭାବେ ଗୋଟିଏ ନିର୍ଦ୍ଦିଷ୍ଟ ପ୍ରସଙ୍ଗ ଉପରେ ସେମାନଙ୍କର ସମତୁଲ ମତ, ମନ୍ତବ୍ୟ ରଖିପାରିଲେ ତାହା ବିଚାର୍ଯ୍ୟ । ବେଳେବେଳେ ଏହି କାରଣରୁ  ସେହି ନିର୍ଦ୍ଦିଷ୍ଟ ବିଷୟ ଉପରେ ଉପସ୍ଥିତ ଏକାଧିକ ଦଳ କେମିତି ଆଲୋଚନା  କରିପାରିଛନ୍ତି ତାର ତୁଳନା ବି କରାଯାଏ । ଏହି ତୁଳନା, ଦଳ ଓ ଆଲୋଚକ ଉଭୟଙ୍କ_ ବିଚାରର ମାପକାଠି ହୋଇଥାଏ । ଅବଶ୍ୟ ଏହା ସବୁବେଳେ ବା ସବୁସ୍ଥାନରେ ହୋଇନଥାଏ । ଏହା ମଧ୍ୟ ବିଚାରପାଇଁ ବାଧ୍ୟତାମୂଳକ ଆବଶ୍ୟକତା ନୁହେଁ । ଦଳଗତ ଆଲୋଚନା, ବ୍ୟକ୍ତିତ୍ୱ ବିଚାରିବାରେ ଏକ ଭଲ ମାଧ୍ୟମ । ଏଥିରେ ସମୂହ ମଧ୍ୟରେ ନିଜସ୍ୱତାକୁ ବାଛି ହୁଏ ।

## ୩.୧.୨ ଦଳଗତ ଆଲୋଚନାର ନମୁନା

ଦଳଗତ ଆଲୋଚନା (Group Discussion) ର ଗୋଟିଏ ନମୁନା ଆମେ ଏଠାରେ ଉଦାହରଣ ସ୍ୱରୂପ ଲକ୍ଷ୍ୟ କରିପାରିବା । ଧରାଯାଉ ଦଳଗତ ଆଲୋଚନାର ବିଷୟ ରହିଛି – 'ଯୌତୁକ ଏକ ସାମାଜିକ

ବ୍ୟାଧି।' ଏଥିରେ ଚାରିଜଣ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି। ସଞ୍ଚାଳକ (Moderator) ପ୍ରଥମେ ପ୍ରତିଯୋଗୀମାନଙ୍କୁ ସ୍ୱାଗତ ସମ୍ଭାଷଣ ଜଣାଇ ବିଷୟ ସଂପର୍କରେ ଉପକ୍ରମ (Introduction) ଦେବେ। ସେ ମଧ୍ୟ ଅଂଶଗ୍ରହଣକାରୀ ସମସ୍ତ ପ୍ରତିଯୋଗୀଙ୍କ ସଫଳତା କାମନା କରି ଏହି ବିଷୟକୁ ଆଗେଇନାବାକୁ ନିର୍ଦ୍ଦେଶ ଦେବାପରେ ଆଲୋଚନା ନିମ୍ନମତେ ଆରମ୍ଭ କରାଯାଇପାରେ –

***ପ୍ରଥମ ପ୍ରତିଯୋଗୀ*** – ସୁପ୍ରଭାତ ବନ୍ଧୁଗଣ ! ଆଜି ଆମେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା କରୁଛେ। ପ୍ରଥମରୁ କହି ରଖୁଛି, ଏହି ବିଷୟ ସହିତ ମୁଁ ସଂପୂର୍ଣ୍ଣ ଏକମତ। ଯୌତୁକ ଆଜି ସମାଜରେ ବ୍ୟାଧି ପରି ମାଡ଼ି ଚାଲିଛି। ଏହା ଏକ କଳଙ୍କ, ଆମେ ସମସ୍ତ ଏହା ବିରୋଧରେ ସ୍ୱରୋତ୍ତଳନ କରିବା ଜରୁରୀ। ଧନ୍ୟବାଦ।

***ଦ୍ୱିତୀୟ ପ୍ରତିଯୋଗୀ*** – ବନ୍ଧୁଗଣ ! ପ୍ରଥମ ବକ୍ତାଙ୍କ ସହ ମୁଁ ସଂପୂର୍ଣ୍ଣ ଏକମତ ମୁଁ ଏଠାରେ କହିବାକୁ ଚାହେଁ ଆମେ ଯୁବସମାଜ ଏଭଳି ଏକ ବ୍ୟାଧିର ଉପଶମ କରିବାପାଇଁ ଆଗେଇ ଆସିବା ଉଚିତ୍। ଯୌତୁକ ମଣିଷକୁ ଲୋଭାସକ୍ତ କରେ। ଥରେ ଏହି ଯୌତୁକ ଲୋଭରେ ପଡ଼ିଲେ ଏଥିରୁ ନିସ୍ତାର ମିଳେନାହିଁ। ଧନ୍ୟବାଦ।

***ତୃତୀୟ ପ୍ରତିଯୋଗୀ*** - ବନ୍ଧୁଗଣ ! ମୋର ଦୁଇ ପୂର୍ବବର୍ତ୍ତୀ ବକ୍ତା ଯୌତୁକକୁ ସାମାଜିକ ବ୍ୟାଧି କହି ନିଜ ନିଜର ମତ ଉପସ୍ଥାପନା କଲେ। ତେବେ ମୋ ମତରେ ଏହା ହୁଏତ ସାମାଜିକ ବ୍ୟାଧି। ତେବେ ପୁରୁଷ ଓ ନାରୀ, ଉଭୟ ଚାହିଁଲେ ଏହି ବ୍ୟାଧିର ମୂଳୋତ୍ପାଟନ ହୋଇପାରିବ। ଯୌତୁକ ନେବା ଓ ଯୌତୁକ ଦେବା – ଏହା ଉଭୟ ଅଭ୍ୟାସକୁ ଆମକୁ ବନ୍ଦ କରିବାକୁ ପଡ଼ିବ। ଧନ୍ୟବାଦ।

***ଚତୁର୍ଥ ପ୍ରତିଯୋଗୀ*** – ବନ୍ଧୁଗଣ ! ମୁଁ ତୃତୀୟ ପ୍ରତିଯୋଗୀଙ୍କ ସହ ସଂପୂର୍ଣ୍ଣ ଏକମତ। ଆମେ ଏ ଯୌତୁକ ନେବା – ଦେବା ଅଭ୍ୟାସରେ ପୂର୍ଣ୍ଣଚ୍ଛେଦ ପକାଇପାରିଲେ ଆଉ ସାମାଜିକ ବ୍ୟାଧି ହୋଇରହିବନାହିଁ। ମୁଁ ଏଠାରେ କହିବାକୁ ଚାହେଁ, ଏହା ଏକଦା ଉପହାରର ବିଧି ଥିଲା। ଏଥିରେ ବାଧ୍ୟବାଧକତା ନଥିଲା। ହେଲେ ଏହିବିଧି ଏବେ ବ୍ୟାଧି ହୋଇ ଯାଇଛି। ଏହା ଦାବି (DEMAND) ହେବା ଫଳରେ ଏପରି ହୋଇଛି। ଧନ୍ୟବାଦ।

***ପ୍ରଥମ ପ୍ରତିଯୋଗୀ*** – ଠିକ୍ କଥା, ଚତୁର୍ଥ ପ୍ରତିଯୋଗୀ ବନ୍ଧୁ କହିଲେ ଯୌତୁକ ବିଧି ଏବେ ବ୍ୟାଧି ହୋଇଯାଇଛି। ତେବେ ଏଥିପାଇଁ , ଏହାର ପ୍ରତିକାର ପାଇଁ କ'ଣ କରାଯାଇପାରିବ ଅନ୍ୟବନ୍ଧୁମାନେ ମୂଲ୍ୟବାନ ମତାମତ ଦେବେ ବୋଲି ଆଶା କରୁଛି। ମୁଁ କହିବି ଏହାକୁ ଆମେ ସମସ୍ତେ ସବୁଠାରେ ବିରୋଧ କରିବା ଆବଶ୍ୟକ। ନିୟମିତ ଭାବେ ଏଭଳି କରାଯାଉ।

***ଦ୍ୱିତୀୟ ପ୍ରତିଯୋଗୀ*** - ଖାଲି ନିୟମିତ ଭାବେ ଯୌତିକକୁ ବିରୋଧକଲେ ଏହି ବ୍ୟାଧି ଦୂରହେବନାହିଁ। ଆମକୁ ସଚେତନତା (AWARENESS) ସୃଷ୍ଟି କରିବାକୁ ପଡ଼ିବ। ଆମେ ନିଜ ନିଜ କ୍ଷେତ୍ରରେ ସଚେତନ ହୋଇ ସ୍ୱରୋତ୍ତଳନ କରିବା।

***ତୃତୀୟ ପ୍ରତିଯୋଗୀ*** – ଆଜି ଆମେ ସମସ୍ତେ ଯେମିତି ଏକାଠି, ଏହି ବିଷୟରେ ଆଲୋଚନା କରୁଛେ ଏଭଳି ଆଲୋଚନା ବିଭିନ୍ନ ସ୍ଥାନରେ ଆୟୋଜନ ହେବା ଉଚିତ୍। ବିତର୍କ,ବକ୍ତୃତା, ପ୍ରବନ୍ଧ ପ୍ରତିଯୋଗିତା ସହ ଏଭଳି ଦଳଗତ ଆଲୋଚନା କରାଗଲେ ଯୁବସମାଜ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇପାରିବ।

***ଚତୁର୍ଥ ପ୍ରତିଯୋଗୀ*** – ମୁଁ ସମସ୍ତ ପ୍ରତିଯୋଗୀ ବନ୍ଧୁଙ୍କ ସହ ଏକମତ। ତେବେ ଯୌତୁକ ରାକ୍ଷସ ଦ୍ୱାରା ସମାଜର ନାରୀମାନେ ବେଶି ଶିକାର ହେଉଥିବାରୁ, କ୍ଷତିଗ୍ରସ୍ତ ହେଉଥିବାରୁ ମୁଁ ଭାବୁଛି ପ୍ରଥମେ ନାରୀମାନେ ଏକାଠି ହୋଇ ଏଭଳି ସାମାଜିକ କଳଙ୍କର ମୂଳୋତ୍ପାଟନ ପାଇଁ ଦୃଢସଙ୍କଳ୍ପ ନେବା ଜରୁରୀ। ନାରୀମାନେ ଏକାଠି ହେଲେ ଏଭଳି ଏକ ବ୍ୟାଧି ସମାଜରୁ ସବୁଦିନ ପାଇଁ ଦୂରେଇ ଯାଆନ୍ତା ବୋଲି ମୋର ଦୃଢ ବିଶ୍ୱାସ।

**ସଞ୍ଚାଳକ** – ପ୍ରଥମ ବକ୍ତାଙ୍କ ଯୁକ୍ତି ସ୍ୱାଗତଯୋଗ୍ୟ। ତାଙ୍କର ନେତୃତ୍ୱ ନେବାର କ୍ଷମତା ମଧ୍ୟ ଅଛି। ଆଲୋଚନାକୁ ଆଗେଇନେବାକୁ ସେ ସାହାଯ୍ୟ କଲେ। ଦ୍ୱିତୀୟ ବକ୍ତାଙ୍କ ଆଲୋଚନା ମୁକ୍ତ ଓ ସୁନ୍ଦର। ତୃତୀୟ ବକ୍ତାଙ୍କ ବିଷୟ ଜ୍ଞାନ ପ୍ରଶଂସାଯୋଗ୍ୟ। ଚତୁର୍ଥ ବକ୍ତାଙ୍କ ବକ୍ତବ୍ୟରେ ଯୁକ୍ତିତା ଅଛି। ତାଙ୍କର ପ୍ରତିବାଦ ସୂଚକ ସ୍ୱର ମଧ୍ୟ ପ୍ରସଙ୍ଗର ବିସ୍ତାର ଓ ଯୁକ୍ତି ପାଇଁ ଯଥାର୍ଥ ଏଭଳିଏକ ଗୁରୁତ୍ୱପୂର୍ଣ୍ଣ ଓ ପ୍ରାସଙ୍ଗିକ ବିଷୟରେ ସମସ୍ତେ ଅଂଶ ଗ୍ରହଣ କରିଥିବାରୁ ଧନ୍ୟବାଦ୍।

ଆମେ ଏଠାରେ ଦେଖିଲେ ଚାରିଜଣ ଅଂଶଗ୍ରହଣକାରୀ (Perticipant) ନିଜ ନିଜ ମତ ଉପସ୍ଥାପନ କରିବାସହ ସେମାନଙ୍କ ପ୍ରତିଯୋଗୀବନ୍ଧୁଙ୍କ ମତମନ୍ତବ୍ୟର ସମର୍ଥନ କଲେ। ଦଳଗତ ଆଲୋଚନାରେ ପ୍ରତ୍ୟେକ ପ୍ରତିଯୋଗୀ ବା ଅଂଶଗ୍ରହଣକାରୀଙ୍କ ମତର ଗୁରୁତ୍ୱ ରହିଛି। ତେବେ ଯଦି ଜଣେ କହୁଥିବାବେଳେ ଅଟକିଯାନ୍ତି ବା କିଛି ବିଷୟ ବାହାରେ କହିବାର ଚେଷ୍ଟା କରନ୍ତି, ତେବେ ତାଙ୍କୁ ଅଟକାଇ ଅନ୍ୟକୁ କହିବା ସୁଯୋଗ ଦିଅନ୍ତି ସଞ୍ଚାଳକଙ୍କ ଦାୟିତ୍ୱଥାଏ ଭାରସାମ୍ୟ (Balance) ରକ୍ଷା କରିବା। ଯଦି ସପକ୍ଷ ଓ ବିପକ୍ଷ ମତ ଥାଏ, ତେବେ ଉଭୟ ମତ ଶୁଣି ନିଜର ଯଥାର୍ଥ ସନ୍ତୁଳିତ ମତ ଦିଅନ୍ତି ସଞ୍ଚାଳକ। ତେବେ ଯେଉଁ ଦଳଗତ ଆଲୋଚନାଟି ପରୀକ୍ଷା ପାଇଁ ଉଦ୍ଦିଷ୍ଟ ସେଥିରେ ଅବଶ୍ୟ ଜଣେ ପ୍ରଶ୍ନକର୍ତ୍ତା ବା ସଞ୍ଚାଳକରେ ଭୂମିକା ସବୁବେଳେ ରହିବା ବାଧ୍ୟତାମୂଳକ ନଥାଏ। ପରୀକ୍ଷା ପାଇଁ ଉଦ୍ଦିଷ୍ଟ ଦଳଗତ ଆଲୋଚନାରେ ପ୍ରତ୍ୟେକ ଆଲୋଚକଙ୍କ ମତକୁ ବିଚାର କରାଯାଇ ନମ୍ବର ଦିଆଯାଏ। ଏହିନମ୍ବର ଆଧାରରେ ପ୍ରତିଯୋଗୀ ବା ପରୀକ୍ଷାର୍ଥୀ ଆଲୋଚକଙ୍କ ଚୟନ ହୋଇଥାଏ। ସମୂହ ମଧ୍ୟରେ ବା ଦଳ ଭିତରେ କିଭଳି ପ୍ରତିଯୋଗୀଜଣକ ସ୍ୱତନ୍ତ୍ର ତାହା ଏହି ଦଳଗତ ଆଲୋଚନାରେ ବିଚାର କରାଯାଏ। ଦଳଗତ ଆଲୋଚନାରେ ପ୍ରତ୍ୟେକ ପ୍ରତିଯୋଗୀ (Participant) କୁ ବିଚାରକୁ ନିଆଯାଇ ଯୋଗ୍ୟତା ଅନୁସାରେ ସେହିପ୍ରତିଯୋଗୀର ଉପସ୍ଥାପନ (Presention) ଓ ଯୁକ୍ତି (Argument) ର ମୂଲ୍ୟାୟନ କରାଯାଏ। ଆମେ ଏଠାରେ ନମୁନା ସ୍ୱରୂପ ଆଉ ଗୋଟିଏ ଦଳଗତ ଆଲୋଚନାକୁ ଦେଖିବା। ଦଳଗତ ଆଲୋଚନାର ବିଷୟ – ମାତୃଭାଷାର ବିକଳ୍ପ ଅଛି କି ? – ଏଥିରେ ଚାରି ବା ପାଞ୍ଚଜଣ ପ୍ରତଯୋଗୀ ଅଂଶଗ୍ରହଣ କରୁଛନ୍ତି। ଜଣେ ସଞ୍ଚାଳନ (Moderator) ଭାବେ ଆଲୋଚନାର ଆରମ୍ଭ କରି ଆଗେଇନେବେ। ଅନ୍ୟ ପ୍ରତିଯୋଗିତା ନିଜର ଇଚ୍ଛା ଅନୁସାରେ ଏହି ପ୍ରସଙ୍ଗର ସପକ୍ଷ (For) ବା ବିପକ୍ଷ (Against) ରେ ମତଦେଇ ପାରିବେ।

***ପ୍ରଥମ ପ୍ରତିଯୋଗୀ (First participant)*** – ବନ୍ଧୁଗଣ ! ଆମେ ଏଠି ଆଜି ଏକାଠି ହୋଇଛେ ଗୋଟିଏ ସୁନ୍ଦର ବିଷୟରେ ଆଲୋଚନା କରିବା ପାଇଁ, ଯେଉଁ ବିଷୟଟି ହେଉଛି – 'ମାତୃଭାଷାର ବିକଳ୍ପ ଅଛି କି ?' ମୋ ମତ ସ୍ପଷ୍ଟ। ମାତୃଭାଷାର ବିକଳ୍ପ ନାହିଁ। ମାତୃଭାଷା ହୃଦୟର ଭାଷା। ମାତୃଭାଷା ଆମର ପ୍ରଥମ ଭାଷା।

***ଦ୍ୱିତୀୟ ପ୍ରତିଯୋଗୀ – (Second participant )*** ବନ୍ଧୁଗଣ ! ଆମେ ଆଜି ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବିଚାର ବିମର୍ଶ କରୁଛେ। ପ୍ରଥମ ବନ୍ଧୁଜଣକ ଯାହା କହିଲେ ମୁଁ ଏକମତ। ମାତୃଭାଷା, ମାତୃଭାଷା, ତା ପାଇଁ ଆମ ପରିଚିତି, ମାତୃଭାଷାକୁ ନେଇ ଆମର ଅସ୍ମିତା। ଏଭାଷାର ବିକଳ୍ପ କୁଆଡେ ଆସିବ ? ଏଭାଷା ନିଜସ୍ୱ ଭାଷା। ଏଭାଷା ସ୍ୱତନ୍ତ୍ର। ଏଭାଷା ଏକକ। ଯା'ର ବିକଳ୍ପ ନାହିଁ।

***ତୃତୀୟ ପ୍ରତିଯୋଗୀ - (Third participant)*** – ବନ୍ଧୁଗଣ ! ମୋ ଦୁଇ ବନ୍ଧୁ ଯାହା କହିଲେ, ସେଥିରେ ମୁଁ ଏକମତ ନୁହେଁ। ମାତୃଭାଷା ହୁଏତ ଆମ ପରିଚୟ ହୋଇଥାଇପାରେ, ହେଲେ ମାତୃଭାଷାର ବିକଳ୍ପ ଅଛି। ଆମେ ମାତୃଭାଷା ବ୍ୟତିରେକେ ବିଭିନ୍ନ ଭାଷାରେ ଯୋଗାଯୋଗ କରିପାରିବା। ବିଶ୍ୱରେ ବହୁଭାଷା ଅଛି। ଆମଜ୍ଞାନ, ଆମ ବିକାଶ ପାଇଁ ଏସବୁ ଭାଷାର ଭୂମିକା ବହୁତ। ଖାଲି ମାତୃଭାଷା ନୁହେଁ।

***ଚତୁର୍ଥ ପ୍ରତିଯୋଗୀ - (Fourth participant)*** - ବନ୍ଧୁଗଣ ! ମୁଁ ମଧ୍ୟ ମୋ ସହଯୋଗୀ ବନ୍ଧୁଙ୍କ ସହ ଏକମତ, ମାତୃଭାଷାର ବିକଳ୍ପ ଅଛି। ଯୋଗାଯୋଗର ମାଧ୍ୟମ ହେଉଛି ଭାଷା। ଏଭାଷା ବିଭିନ୍ନ ରକମର ଭାଷା ହୋଇପାରେ। ଖାଲି ମାତୃଭାଷା ଯେ ସବୁକିଛି ତା ନୁହେଁ। ଧନ୍ୟବାଦ୍।

***ସଞ୍ଚାଳକ (MODERATOR)*** - ଆଜିର ଆଲୋଚନାଟି ସରଗରମ ହେବାରେ ଲାଗିଛି। ଆମେ ସିଧାସଳଖ ଲକ୍ଷ୍ୟ କଲେ ଯେ ଦୁଇଜଣ ପ୍ରତିଯୋଗୀ ମାତୃଭାଷାର ବିକଳ୍ପ ନାହିଁ କହୁଛନ୍ତି, ଅନ୍ୟ ଦୁଇଜଣ ପ୍ରତିଯୋଗୀ ମାତୃଭାଷାର ବିକଳ୍ପ ଅଛି ବୋଲି ଯୁକ୍ତି ବାଢୁଛନ୍ତି। ଆମେ ଦ୍ୱିତୀୟ ପର୍ଯ୍ୟାୟରେ ଏ ଆଲୋଚନାକୁ ଆଗେଇନେବା, ଧନ୍ୟବାଦ୍।

***ପ୍ରଥମ ପ୍ରତିଯୋଗୀ*** – ମୁଁ ଆରମ୍ଭରୁ କହିରଖିଛି,ଏବେ ସେହି କଥାପୁଣି ଦୋହରାଉଛି। ମାତୃଭାଷା ଆମର ପ୍ରଥମ ଭାଷା, ମାତୃଭାଷାର ବିକଳ୍ପ ନାହିଁ। ମାତୃଭାଷାର ମିଠାପଣ, ମାତୃଭାଷାର ଆକର୍ଷଣ ଅଦ୍ୱିତୀୟ। ହୃଦୟର ଭାଷା ମାତୃଭାଷା। ଧନ୍ୟବାଦ୍।

***ଦ୍ୱିତୀୟ ପ୍ରତିଯୋଗୀ*** – ମୁଁ ମଧ୍ୟ ଏକମତ। ଏହି କଥା ସହ ସହମତ। କୁହାଯାଏ ଯେତେ ଯାହା ଖାଇଲେ ବି ମହାପ୍ରସାଦ, ମହାପ୍ରସାଦ। ଏହାର ସ୍ୱାଦ, ଏହାର ବାସ୍ନା ନିଆରା। ସେମିତି ଯେତେ ଭାଷା ଜାଣିଲେ ବି ମାତୃଭାଷା, ମାତୃଭାଷା, ଏହାର ବିକଳ୍ପ ନାହିଁ। ଧନ୍ୟବାଦ୍।

***ତୃତୀୟ ପ୍ରତିଯୋଗୀ*** - ଆଲୋଚନାରେ ଭାବପ୍ରବଣତା ଶୋଭାପାଏନା ଆମେ ବାସ୍ତବବାଦୀ ହେବା। ମାତୃଭାଷା ହିଁ ସବୁକିଛି – ଏକଥା ଭାବପ୍ରବଣ ହୋଇ କହିଲେ ଚଳିବନାହିଁ। ମାତୃଭାଷାର ମହତ୍ତ୍ୱ ଅଛି। ମାତୃ ଭାଷାର ମର୍ଯ୍ୟାଦା ଅଛି। ମାତୃଭାଷା ଆମକୁ ପରିଚିତି ଦେଇଛି। ଏସବୁ ଠିକ୍। ତେବେ ମାତୃଭାଷାର ଯେ ବିକଳ୍ପ ନାହିଁ, ଏଥିରେ ମୁଁ ଏକମତ ହୋଇପାରୁନି।

***ଚତୁର୍ଥ ପ୍ରତିଯୋଗୀ*** – ବନ୍ଧୁ ଠିକ୍ କହିଲେ ମାତୃଭାଷାକୁ ଭଲ ପାଇବା ସତ । ହେଲେ ଭାବ ପ୍ରବଣତାଠାରୁ ଦୂରେଇ ରହିବା ଆବଶ୍ୟକ । ମାତୃଭାଷା ହିଁ ଏକମାତ୍ର ଭାଷା ତା' ନୁହେଁ । ଭାଷା ଯୋଗାଯୋଗର ମାଧ୍ୟମ । ଭାଷା ଭାବର ବାହକ । ଏଭାଷା, ମାତୃଭାଷା ହେବା ଜରୁରୀ ନୁହେଁ । ଆମେ ଏକଥା ଅନୁଭବ କରିବା ଆବଶ୍ୟକ ।

**ସଞ୍ଚାଳକ** – ଖୁବ୍ ସୁନ୍ଦର ଭାବେ ଏ ଦଳଗତ ଆଲୋଚନାକୁ ଆପଣମାନେ ଆଗେଇନେଲେ, ଉଭୟ ସପକ୍ଷ ଓ ବିପକ୍ଷ ମତଦେଇ ଆଲୋଚନାରେ ଭାରସାମ୍ୟ ରକ୍ଷା କଲେ । ସମସ୍ତଙ୍କୁ ଧନ୍ୟବାଦ୍ । ଆମର ଆଜିର ପ୍ରସଙ୍ଗଟି ଥିଲା ଗୁରୁତ୍ୱପୂର୍ଣ୍ଣ । ଆଉଥରେ ଧନ୍ୟବାଦ୍ ।

ବିଦ୍ୟାର୍ଥୀଗଣ ! ଦଳଗତ ଆଲୋଚନାର ଏ ଦ୍ୱିତୀୟ ନମୁନାରେ ତୁମେମାନେ ଦେଖିଲ କିଭଳି ଆଲୋଚନା କରାଯାଏ । ଏଥିରେ ବେଶି ବକ୍ତବ୍ୟ ନଥାଏ । ଜଣେ ପ୍ରତିଯୋଗୀ କହୁଥିବାବେଳେ ଅନ୍ୟ ପ୍ରତିଯୋଗୀଗଣ ଶୁଣନ୍ତି । ସେ ଯୋଉଁଠି କହିବା ଶେଷ କରନ୍ତି, ଅନ୍ୟ ପ୍ରତିଯୋଗୀ ସେହି ଠାରୁ କହିବା ଆରମ୍ଭ କରନ୍ତି । ସେ ଆରମ୍ଭ କରିବା ବେଳେ କହିସାରିଥିବା ପ୍ରତିଯୋଗୀଙ୍କ ସହ ଏକମତ ଥିବା ବା ଏକମତନଥିବା କଥା କହିପାରନ୍ତି । ତେବେ ଏହା ସବୁ ସମୟରେ ବାଧ୍ୟତାମୂଳକ ନୁହେଁ । ପ୍ରତିଯୋଗୀଙ୍କ ମତରସପକ୍ଷ ବା ବିପକ୍ଷରେ ମତ ନରଖି ସିଧାସଳଖ ନିଜସ୍ୱ ସୁଚିନ୍ତିତ ମତ ମଧ୍ୟ ରଖିପାରିବେ ପରବର୍ତ୍ତୀ ପ୍ରତିଯୋଗୀ । ତେବେ ଏଥିପାଇଁ ପ୍ରତିଯୋଗିତାର ପ୍ରସଙ୍ଗ, ପରିବେଶର ପ୍ରାସଙ୍ଗିକତା ସର୍ବୋପରି ପ୍ରତିଯୋଗୀଙ୍କ କହିବାଶୈଳୀ ବା ଯୁକ୍ତିଉପରେ ନିର୍ଭର କରିଥାଏ । ଦଳଗତ ଆଲୋଚନାରେ ପ୍ରତ୍ୟେକ ପ୍ରତିଯୋଗୀଙ୍କ ମତର ଗୁରୁତ୍ୱ ରହିଛି । ଦଳଗତ ଆଲୋଚନାର ଆଭିମୁଖ୍ୟ ହେଉଛି ଦଳର ଗୁରୁତ୍ୱ । ସାମଗ୍ରିକ ଭାବେ ସେହି ଦଳ କିଭଳି ଭାଷା, ଶୈଳୀ ଓ ପ୍ରସଙ୍ଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଆଲୋଚନାକୁ ଆକର୍ଷଣୀୟ କରିପାରୁଛି ତାହା ସେହି ଦଳଉପରେ ନିର୍ଭରଶୀଳ । ସେହି ନିର୍ଦ୍ଦିଷ୍ଟ ଦଳରେ ଅଂଶଗ୍ରହଣ କରୁଥିବା ପ୍ରତିଯୋଗୀଗଣ କିଭଳି ବିଷୟଟିକୁ ଯୁକ୍ତି ଓ ତଥ୍ୟସହ ଉପସ୍ଥାପନ କରୁଛନ୍ତି ତାହା ବିଚାର କରାଯାଏ । ପ୍ରତ୍ୟେକ ପ୍ରତିଯୋଗୀଙ୍କ ବିଷୟ ପାରଦର୍ଶିତା ବା ବିଷୟ ଜ୍ଞାନ ସହ ଭାଷା ଓ ଶୈଳୀ ଲକ୍ଷ୍ୟ କରାଯାଏ । ଦଳଗତ ଆଲୋଚନାରେ ଚାରିଜଣ ପ୍ରତିଯୋଗୀ ସାଧାରଣତଃ ଅଂଶଗ୍ରହଣ କରି ନିଜନିଜର ମତମନ୍ତବ୍ୟ ଦେଇଥାନ୍ତି । ବେଳେବେଳେ ସେମାନଙ୍କ ମଧ୍ୟରୁ ଜଣେ ଆଲୋଚନାଟିକୁ ସଞ୍ଚାଳନ କରି ଆଲୋଚନାକୁ ଆଗେଇ ନେବା ସହ ଆଲୋଚନାଟି ଯଦି ପ୍ରସଙ୍ଗ ବାହାରକୁ ଚାଲିଯାଏ କି ପ୍ରତିଯୋଗୀମାନଙ୍କ ମଧ୍ୟରେ ଅଯଥା କଥା କଟାକଟି କି ଯୁକ୍ତିତର୍କ ହୁଏ ତେବେ ସେଥିରେ ପୂର୍ଣ୍ଣଚ୍ଛେଦ ପକାଇ ଆଲୋଚନାମଧ୍ୟରେ ସନ୍ତୁଳନ ରକ୍ଷା କରନ୍ତି । ଦଳଗତ ଆଲୋଚନାର ଗୋଟିଏ ବଡ଼ କଥା ହେଉଛି ପରସ୍ପର ମଧ୍ୟରେ କଥା କହିବାର ସୂତ୍ର ବା ସଂଯୋଗ । ଯଦି ସମସ୍ତେ ଅଲଗା ଅଲଗା କହିବେ, କେହି କାହାକୁ ଶୁଣିବେ ନାହିଁ, ଅଯଥା ଯୁକ୍ତିତର୍କ କରିବେ, ପ୍ରତିଯୋଗୀଗଣ ସମସ୍ତେ ନିଜକୁ ବିଷୟ ବିଶେଷଜ୍ଞ ଭାବ ବିଚାର କରିବେ ତେବେ ଦଳଗତ ଆଲୋଚନାର ଆଭିମୁଖ୍ୟ ବା ଉଦ୍ଦେଶ୍ୟ ପ୍ରତିପାଦନ ହୋଇପାରିବ ନାହିଁ । ନିଧାର୍ଯ୍ୟ ହୋଇଥିବା ସମୟସୀମା ମଧ୍ୟରେ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିବାର ସୁଯୋଗ ପ୍ରତିଯୋଗୀଙ୍କ ପାଖରେ ଥାଏ । ତେବେ ପ୍ରତିଯୋଗୀ ନିଜକୁ ଏକକ ବକ୍ତା (INDIVIDUAL SPEAKER) ଭାବେ ମନେକରି କେବଳ ନିଜର ଭାଷଣ ବା ବକ୍ତୃତା ଦେବାର ପ୍ରୟାସ କରିବା ପରିବର୍ତ୍ତେ ସମସ୍ତେ ପ୍ରତିଯୋଗୀଙ୍କ ମଧ୍ୟରେ ସଂଯୋଗ ରକ୍ଷା କରିବା ଆବଶ୍ୟକ । ସଂଯୋଗ, ସଂପର୍କ ଓ ସମନ୍ୱୟ – ଦଳଗତ ଆଲୋଚନାର ମୂଳମନ୍ତ୍ର । ଏଥିରେ ମୁଁ (I) ପରିବର୍ତ୍ତେ ଆମେ (WE) ର ଗୁରୁତ୍ୱ ଥାଏ । ଦଳଗତ ଆଲୋଚନାରେ ବ୍ୟକ୍ତିଗତ ବକ୍ତବ୍ୟର ବିଚାର କରାଯାଏ ସତ, ହେଲେ

ଏଥିରେ ସାମଗ୍ରିକ ଉପସ୍ଥାପନ କୌଶଳର ଗୁରୁତ୍ୱ ଥାଏ। ତେଣୁ ପ୍ରତିଯୋଗୀ ଭଦ୍ର ଓ ନମ୍ର ଭାବେ ଭାବପ୍ରବଣନ ହୋଇ ନିଜ ବକ୍ତବ୍ୟ ଉପସ୍ଥାପନ କରିବା ଆବଶ୍ୟକ। ଏହା ଦଳଗତ ଆଲୋଚନାର ଅନ୍ୟତମ ଆବଶ୍ୟକତା। ଆମେ ଦଳଗତ ଆଲୋଚନାର ଆଉ ନ୍ଦ ଦଳଗତ ଆଲୋଚନାରେ ପ୍ରତିଯୋଗୀମାନେ ସଂଯୋଗ ଓ ସହେଯାଗ ଉପରେ ପ୍ରାଧାନ୍ୟ ଦେବା ଆବଶ୍ୟକ। ପ୍ରତିଯୋଗୀଗଣ ଏଥିପ୍ରତିଧ୍ୟାନ ଦେଇ ସଚେତନ ହେବା ଜରୁରୀ।

❒ଦଳଗତ ଆଲୋଚନାରେ ପ୍ରତିଯୋଗୀ ନମ୍ର, ଭଦ୍ର, ହେବା ଆବଶ୍ୟକ।  ବାସ୍ତବବାଦୀ ଅହଙ୍କାର କି ଆତ୍ମ ବଡ଼ିମା ସହ ବକ୍ତବ୍ୟ ଦେବା ଅନୁଚିତ୍।

❒ ଦଳଗତ ଆଲୋଚନାରେ ଉତ୍ତେଜନା, ଭାବପ୍ରବଣତା, ଅହଙ୍କାରର ସ୍ଥାନ ନାହିଁ। ତେଣୁ ପ୍ରତିଯୋଗୀଗଣ ଏସବୁ ପରିହାର କରିବା ଆବଶ୍ୟକ।

❒ ଦଳଗତ ଆଲୋଚନାରେ ଖାଲି ନିଜ କଥା, ନିଜ ବଡ଼ିମା ବା ବଡ଼ପଣ ବଖାଣିବା ବଦଳରେ ଅନ୍ୟକୁ ଧୈର୍ଯ୍ୟର ସହ ଶୁଣି ମତଦେବା ଆବଶ୍ୟକ। ଅଧୈର୍ଯ୍ୟହୋଇ ଅନାବଶ୍ୟକ କି ଅପ୍ରାସଙ୍ଗିକ ମତଦେବା ଅନୁଚିତ।

❒ ଦଳଗତ ଆଲୋଚନାରେ ଅଯଥା କଥା କଟାକଟି, ଯୁକ୍ତିତର୍କ, ରାଗ, ଉତ୍ତେଜନା, ଭୁଲ୍ ବାଛିବା ଆଦି ଅନାବଶ୍ୟକ ହୋଇଥିବାରୁ ଏଥିରେ କ୍ଷାନ୍ତ ହେବା ଆବଶ୍ୟକ।

## ୩.୧.୩ ସ୍ୱଗତ କଥନ, ସଂଳାପଭଙ୍ଗୀ

ବିଦ୍ୟାର୍ଥୀଗଣ ! ସବୁବେଳେ ମନେରଖ – ସାକ୍ଷାତ୍‌କାର, ସ୍ୱଗତକଥନ ଓ ସଂଳାପଭଙ୍ଗୀ ଏକାକଥା ନୁହେଁ। ଅଲଗା ଅଲଗା। ବିତର୍କ ଓ ବକ୍ତୃତା ଯେଉଁଳି ଏକାକଥା ନୁହେଁ, ଠିକ୍ ସେମିତି ସାକ୍ଷାତ୍‌କାର, ସ୍ୱଗତ କଥନ ଓ ସଂଳାପଭଙ୍ଗୀ ଏକାକଥା ନୁହେଁ। ସାକ୍ଷାତ୍‌କାରରେ ଜଣକୁ କିଛି ପଚରାଯାଇଥାଏ। ସ୍ୱଗତକଥନ କି ସଂଳାପଭଙ୍ଗୀରେ ଥାଏ ନିଜର କହିବା ଶୈଳୀ ବା ଭଙ୍ଗୀ। ଏଥିରେ ପରୀକ୍ଷା ବା ନମ୍ବରର ଭୂମିକା ଥାଏ ଗୌଣ। ସାକ୍ଷାତ୍‌କାରରେ ପ୍ରାୟତଃ ଥାଏ ଗୋଟିଏ ଚୟନ ପ୍ରକ୍ରିୟା ବା ମୂଲ୍ୟାୟନ କରାଯିବାର ପ୍ରକ୍ରିୟା। ଅବଶ୍ୟ ପତ୍ରପତ୍ରିକା ବା କୌଣସି ଗଣମାଧ୍ୟମ ପାଇଁ ହେଉଥିବା ବା ନିଆଯାଉଥିବା ସାକ୍ଷାତ୍‌କାର କଥାଟି ଅଲଗା। କୌଣସି ପଦ ପଦବୀ ବା ନିଯୁକ୍ତି ପାଇଁ ନିଆଯାଉଥିବା ସାକ୍ଷାତ୍‌କାରରେ ଥାଏ ନମ୍ବର ବା ଗ୍ରେଡ୍। ତେବେ ସ୍ୱଗତ କଥନ ବା ସଂଳାପଭଙ୍ଗୀରେ ତାହାନଥାଏ। ସ୍ୱଗତକଥନ ବା ସଂଳାପଭଙ୍ଗୀ, କଥନ କୌଶଳର ଅବିଚ୍ଛେଦ୍ୟ ଅଂଶବିଶେଷ। କେମିତି କୁହାଯିବ ତାହା ବିତର୍କ, ବକ୍ତୃତା, ଦଳଗତ ଆଲୋଚନା ଭଳି ସାକ୍ଷାତ୍‌କାର, ସ୍ୱାଗତକଥନ ଓ ସଂଳାପଭଙ୍ଗୀରେ ସୁଯୋଗ ଥାଏ। ସାକ୍ଷାତ୍‌କାରରେ ଥାଏ ବିଷୟ ବିବିଧତା । ଏହା ପ୍ରଶ୍ନକର୍ତ୍ତା ବା ଚୟନସମିତି ଉପରେ ନିର୍ଭର କରିଥାଏ ସେମାନେ କ'ଣ ପଚାରିବେ। ତେବେ ସ୍ୱଗତକଥନ ଓ ସଂଳାପଭଙ୍ଗୀରେ ବିଷୟର ଯଦିଓ ବିବିଧତା ନଥାଏ, ତେବେ କହିବାଶୈଳୀ ବା ଉପସ୍ଥାପନରେ ଥାଏ ବୈଚିତ୍ର୍ୟ ବା ବିବିଧତା। ବିଶେଷକରି ସଂଳାପଭଙ୍ଗୀ। ସଂଳାପକୁ କେମିତି କେତେ ବାଗରେ କୁହାଯାଇପାରିବ କୋଉ କୋଉ ଶବ୍ଦ ଉପରେ ଗୁରୁତ୍ୱ ଦିଆଯିବ ସେସବୁର ଥାଏ ସୁଯୋଗ। ସ୍ୱଗତକଥନରେ କହିବାର ଶୁଦ୍ଧତା ଓ ସ୍ପଷ୍ଟତା ବିଚାର୍ଯ୍ୟ। ସ୍ୱଗତ କଥନରେ ଶବ୍ଦ, ବାକ୍ୟ ଏପରିକି ପରିଚ୍ଛେଦ ପଠନ ବା କଥନର କଥା ଦେଖାଯାଏ। ସାକ୍ଷାତ୍‌କାରରେ ଥାଏ ଲକ୍ଷ୍ୟ – ନିଜକୁ କିଭଳି ଯୋଗ୍ୟ ଓ ଯଥାର୍ଥଭାବେ ଉପସ୍ଥାପନ କରିବା। ସ୍ୱଗତ କଥନ ଓ ସଂଳାପଭଙ୍ଗୀରେ କଥାଟିକୁ କେମିତି ସୁନ୍ଦର ଭାବେ ଉପସ୍ଥାପନ କରାଯାଇପାରିବ ସେହି ଲକ୍ଷ୍ୟରେ କଥା କୁହାଯାଇଥାଏ। କଥନ କୌଶଳର ଏମିତି ବିଭିନ୍ନ ଦିଗ ରହିଛି। ଆଉ ଥରେ ତୁମମାନଙ୍କୁ ସ୍ମରଣ କରାଇଦେଉଛି – ଆମେ ଅନୌପଚାରିକ ଭାବେ ଯାହାକହୁ ବା ଯେମିତିକହୁ ତାହା ହୁଏତ କଳା ବା କୌଶଳପୂର୍ଣ୍ଣ ହେବାକୁ ବାଧ ନୁହେଁ। ତେବେ ଔପଚାରିକ ଭାବେ ଆମେ ଯାହା ଯାହା କହିଥାଉ, ତାହା କଳା ବା କୌଶଳ ଯୁକ୍ତ ହେବା ଜରୁରୀ। କାରଣ କହିବାର କଳା କି କୌଶଳ ଟିକକରୁ ଯିଏ କହୁଥାଏ ତାର ବୁଦ୍ଧି ଓ ବିଚାର ବୁଝାପଡିଥାଏ। ଆମେ ଏହି ବିଷୟରେ ବିଶଦ ଭାବେ ବୁଝିଲେ ଯେ, ବିତର୍କ, ବକତୃତା, ଦଳଗତ ଆଲୋଚନା, ସାକ୍ଷାତ୍‌କାର, ସ୍ୱଗତକଥନ ଓ ସଂଳାପଭଙ୍ଗୀ ଇତ୍ୟାଦିରେ କଥନ କୌଶଳର ଆବଶ୍ୟକତା କେତେ ଅଧିକ। ତୁମେମାନେ ଉଦାହରଣ ଓ ନମୁନାରୁ ଲକ୍ଷ୍ୟ କରିଥିବ ନିଶ୍ଚୟ, ଗୋଟିଏ ବିଷୟ ବା ପ୍ରସଙ୍ଗରେ ଜଣେ କେତେ ଜାଣିଛି, ସେଥିରେ କେତେବେଶି ପ୍ରବେଶ ଅଛି, କୌଣସି ନିର୍ଦ୍ଦିଷ୍ଟ କଥାକୁ ଜଣେ କେମିତି ବାଗରେ କହି ସେହି କଥାର ବିସ୍ତାର କରି ପ୍ରଭାବ ପକାଇପାରୁଛି, କଥାକୁ ବାଗେଇ କହିବାରେ ବା ବଖାଣିବାରେ କେମିତି ଶବ୍ଦ ଚୟନ ଓ ଶବ୍ଦସଂଯୋଜନାରେ ମାପିଚୁପି ପଦକ୍ଷେପ ନେଉଛି ସେସବୁର ସଦୃଷ୍ଟାନ୍ତ ଆଲୋଚନା। ଆମେ ଏତିକି କହିପାରିବା, କଥନ କୌଶଳ ଏକ ଅତି ଆବଶ୍ୟକ ହେଉଥିବା ବିଷୟ। ଏହାର ପ୍ରୟୋଗ ସର୍ବାଦୌ ଗୁରୁତ୍ୱପୂର୍ଣ୍ଣ।

## ୩.୧.୪ କେଉଁ ଦିଗପ୍ରତି ଅଧିକ ଧ୍ୟାନ ଦେବା ଆବଶ୍ୟକ

ବିତର୍କ ବା ବକ୍ତୃତାରେ ଅଂଶଗ୍ରହଣକାରୀ ସବୁବେଳେ ଶ୍ରୋତା ବା ବିଚାରକମଣ୍ଡଳୀର ଇଚ୍ଛାପ୍ରତି ଧ୍ୟାନ ଦେବା ଆବଶ୍ୟକ। ବକ୍ତାଜଣକ ନିଜ ମନଇଚ୍ଛା ବକ୍ତବ୍ୟ ଦେବା ଗ୍ରହଣଯୋଗ୍ୟ ହୋଇନଥାଏ। ବକ୍ତା ବା ଅଂଶଗ୍ରହଣକାରୀ ବେଳେବେଳେ ଧାରଣା ରଖିଥାନ୍ତି ଯେ ଆଳଙ୍କାରିକ ଓ ଆଡ଼ମ୍ବରପୂର୍ଣ୍ଣ ଶବ୍ଦାବଳୀରେ ବକ୍ତବ୍ୟ ରଖିଲେ ତାହା ଅନ୍ୟମାନଙ୍କୁ ଆକୃଷ୍ଟ କରିଥାଏ। ମାତ୍ର ଏଭଳି ଧାରଣା ଠିକ୍ ନୁହେଁ। ସଫଳ ବକ୍ତୃତା ବା ବିତର୍କ ପାଇଁ କ୍ଲିଷ୍ଟ , ଆଳଙ୍କାରିକ, ଗାମ୍ଭୀର୍ଯ୍ୟମୟ ଶବ୍ଦ ବା ଭାଷାର ଆବଶ୍ୟକତା ନଥାଏ। ସେହିଭଳି ନିଜ ଉପରେ ଅଧିକ ବିଶ୍ୱାସ, ଅହଙ୍କାର ଅଥବା ନିଜ ଜ୍ଞାନ ବା ସାମର୍ଥ୍ୟ ଉପରେ ଆଶାଧିକ ଭରସା ମଧ୍ୟ ଠିକ୍ ନୁହେଁ। କିଭଳି ନିଜ ଅନୁଭବ, ଚିନ୍ତାଧାରାକୁ ସଜେଇକରି ସୁନ୍ଦର ଭାବେ ଶ୍ରୋତାମାନଙ୍କ ପାଖରେ ପହଞ୍ଚାଇପାରିବ ଅଥବା ବିଚାରକମଣ୍ଡଳୀଙ୍କୁ ଆକୃଷ୍ଟ କରିହେବ ତାହାହିଁ ବକ୍ତାଜଣକର ଲକ୍ଷ୍ୟହେବା ଉଚିତ୍। ବକ୍ତା ସବୁବେଳେ ନକାରାତ୍ମକ ମନୋଭାବକୁ ଦୂରେଇ ଧୈର୍ଯ୍ୟ ଓ ଆତ୍ମ ବିଶ୍ୱାସ ସହ ବକ୍ତବ୍ୟ ଦେବାର ଆବଶ୍ୟକତା ରହିଛି। ନିଜ ଉପରେ ଦୃଢବିଶ୍ୱାସ ସହ ସକାରାତ୍ମକ ମନୋଭାବ ପୋଷଣ କରିବା ଫଳରେ ଭାଷଣ ବା ବକ୍ତୃତାଟି ସଫଳ ହୋଇଥାଏ। ଯଦିଭାଷଣ ଦେବାବେଳେ ମନରେ କୌଣସି କାରଣରୁ ଭୟଜାତ ହୁଏ, ଏ ବିଷୟରେ କହିହେବନାହିଁ ବୋଲି ଆଶଙ୍କା ଉଙ୍କିମାରେ ଅଥବା ଅନ୍ୟପ୍ରତିଯୋଗୀ ବା ଅଂଶ ଗ୍ରହଣକାରୀମାନଙ୍କ ଉପସ୍ଥିତିରେ କହିବାନେଇ ସଙ୍କୋଚ ଆସେ ତେବେ ତାହା ଭାଷଣ ବା ବକ୍ତୃତାକୁ ଅସଫଳ କରିଥାଏ। ଲାଜ କରିବା, ଭୟଭୀତ ହେବା, ନିରାଶ ହେବା ଇତ୍ୟାଦି ଜଣେ ବକ୍ତାର ଗୁଣ ନୁହେଁ। ନିଜ ଉପରେ ଦୃଢ ବିଶ୍ୱାସ ସ୍ଥାପନ କରି ନିଜର ଭାଷଣ ବା ବକ୍ତୃତାକୁ ଅନ୍ୟମାନଙ୍କଠାରୁ ନିଆରା କରିବା ଦିଗରେ ପ୍ରୟାସ କରିବା ହିଁ ଜଣେ ସଫଳ ବକ୍ତାର ବଡ଼ ଲକ୍ଷଣ। ଅବଶ୍ୟ ଗର୍ବ, ଅହଙ୍କାର, ଆତ୍ମବଡ଼ିମା କି ଆତ୍ମ ବିଜ୍ଞାପନ ବକ୍ତା ପାଇଁ ଜମା ଗ୍ରହଣଯୋଗ୍ୟ ବିଚାରଧାରା ହୋଇନପାରେ। ବକ୍ତା ଜଣକ ନିଜକୁ ସବ୍‌ଜାନ୍ତା ମନେକରି ବକ୍ତବ୍ୟ ଉପସ୍ଥାପନ କଲେ ଭାଷଣରେ ବିଷୟବସ୍ତୁରବ୍ୟାଖ୍ୟା ବା ବିସ୍ତାର ବଦଳରେ ବାହାଦୂରିତାର ବହୁଳତା ଲକ୍ଷ୍ୟକରାଯାଏ। ଭାଷଣ ସ୍ଥଳରେ ଉପସ୍ଥିତ ଶ୍ରୋତୃମଣ୍ଡଳୀ, ଭାଷଣ ଆୟୋଜନର ଆଭିମୁଖ୍ୟ ବା ଆବଶ୍ୟକତା, ଭାଷଣର ବିଷୟ ବା ପ୍ରସଙ୍ଗର ଉଦ୍ଦେଶ୍ୟକୁ ଭାଷଣ ଦେବାପୂର୍ବରୁ ବକ୍ତାଜଣକ ଭଲଭାବେ ଅବଗତ ହେବା ଆବଶ୍ୟକ। ନିଜର ପାଣ୍ଡିତ୍ୟ,ପାରଦର୍ଶିତା ବା ପାରିବା ପଣିଆର ପ୍ରଦର୍ଶନ ପାଇଁ ବକ୍ତୃତା ବା ଭାଷଣ ଭଲ ମାଧ୍ୟମ ବୋଲି ଭାବି ଯଦ ବକ୍ତା ଜଣକ ଭାଷଣ ଦିଏ, ତେବେ ତାହା ସଫଳ ଭାଷଣ ହୋଇନଥାଏ। ସେହିଭଳି ବିଷୟବସ୍ତୁ ବାହାରେ, ଅନେକ ସମୟରେ ଅଯଥା କଥା ଗୁଡାଏ ବଡ଼ ପାଟିରେ ହାତ ମୁହଁ ହଲାଇ କହିବା ଜଣେ ସଫଳ ବକ୍ତା ଭାବେ ଶୋଭନୀୟ ନୁହେଁ। ସେହିଭଳି ଆରମ୍ଭରୁ ଉପସଂହାର ମଧ୍ୟରେ ବକ୍ତୃତାର ଗୋଟିଏ ସଂଯୋଗ ରହିବା ଆବଶ୍ୟକ। ଅର୍ଥାତ୍ ଆରମ୍ଭ ଗୋଟିଏ ଦଗରେ କରି, ଶେଷ ଆଉ ଗୋଟିଏ ଦିଗରେ କରିବା ଭାଷଣ ଭିତରେ କ୍ରମିକତା ବା ସଜ୍ଜୀକରଣର ଅଭାବ ଭାଷଣର ଦୁର୍ବଳଦିଗକୁ ସୂଚାଇ ଥାଏ। ବକ୍ତା ଜଣକ ଯେ ଭାଷଣ ପାଇଁ ପ୍ରସ୍ତୁତ ସଠିକ୍ ଭାବେ କରିନାହାନ୍ତି, ବକ୍ତା ଜଣକ ଭାଷଣକୁ ସଜେଇବାରେ ଯେ ଅସମର୍ଥ ତାହା ଏଥିରୁ ବୁଝାପଡ଼େ। ଭାଷଣପାଇଁ ପୂର୍ବପ୍ରସ୍ତୁତି, ଭାଷଣପାଇଁ ଅଭ୍ୟାସ ଓ ଭାଷଣ ପାଇଁ ତଥ୍ୟ ସଂଗ୍ରହ ଯେ ନିତାନ୍ତ ଆବଶ୍ୟକ ଏହା କହିବା ବାହୁଲ୍ୟମାତ୍ର। ପ୍ରସ୍ତୁତି,ଅଭ୍ୟାସ ଓ ତଥ୍ୟବିନା ବକ୍ତବ୍ୟଦେବା ଅନେକ ସମୟରେ ବକ୍ତୃତାରେ ନିଜର ବିଫଳତା ବା ଦୁର୍ବଳତାର ସୂଚନା ଦେଇଥାଏ। ବିତର୍କ, ବକ୍ତୃତା, ଦଳଗତ ଆଲୋଚନା ଓ ସାକ୍ଷାତ୍‌କାରପାଇଁ

ସବୁବେଳେ ପ୍ରାକ୍‌ପ୍ରସ୍ତୁତି (Pre-preparation) ଆବଶ୍ୟକପ୍ରାକ୍ - ପ୍ରସ୍ତୁତି ଉପରେ ହିଁ ଭଲଭାଷଣ ନିର୍ଭରଶୀଳ। ପ୍ରାକ୍ ପ୍ରସ୍ତୁତିକାଳରେ ହିଁ ତଥ୍ୟ, ଅଭ୍ୟାସ ସହ ଭାଷା ଓ ଶୈଳୀର ସମନ୍ୱୟ ଘଟିଥାଏ। ବିତର୍କ, ବକ୍ତୃତା ଓ ଦଳଗତ ଆଲୋଚନାର ବଡ଼କଥା ହେଉଛି ବିଷୟ (Subject) ବକ୍ତା (Speaker) ବା ଅଂଶଗ୍ରହଣକାରୀ (Participant) ବିଷୟକୁ ବୁଝି, ବିଷୟର ଗୁରୁତ୍ୱ ଏବଂ ବିଷୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ଆବଶ୍ୟକ। ଏଭଳି ହେଲେ ଉପସ୍ଥିତ ଶ୍ରୋତୃମଣ୍ଡଳୀ ବା ବିଚାରକବୃନ୍ଦ, ବକ୍ତା ବା ପ୍ରତିଯୋଗୀଙ୍କର ବିଷୟଜ୍ଞାନକୁ ଅନୁଭବ କରିପାରିବେ। ବକ୍ତା ବା ପ୍ରତିଯୋଗୀଙ୍କ ବିଷୟଜ୍ଞାନ, ଭଲଭାଷଣକୁ ଆଗେଇନେବାରେ ସହାୟକ ହୋଇଥାଏ। ଅବଶ୍ୟ ବିଷୟକୁ ବିସ୍ତାର କରିବାପାଇଁ ଆବଶ୍ୟକସ୍ଥଳେ ବିଷୟବ୍ୟତୀତ ତଥ୍ୟ ଆଉକେତୋଟି ଉପସ୍ଥାପନ କରାଯାଇପାରେ। ତେବେ ଏହା ବିଷୟସହ ସଂପର୍କ ବା ସଂଯୋଗ କଥା କହୁଥିବା ଆବଶ୍ୟକ। କାରଣ ଅନାବଶ୍ୟକ କି ଅପ୍ରାସଙ୍ଗିକ ତଥ୍ୟ ବା ଉଦାହରଣଦେଲେ ତାହା ଉପସ୍ଥିତ ଶ୍ରୋତୃମଣ୍ଡଳୀଙ୍କ ଦ୍ୱାରା ଗ୍ରହଣୀୟ ହୁଏ ନାହିଁ। ଆଉ ଏକ କାରଣ ହେଉଛି, ଅଯଥା ଅପ୍ରାସଙ୍ଗିକ କଥା କହିଲେ ଭାଷଣ ପାଇଁ ଧାର୍ଯ୍ୟ ହୋଇଥିବା ସମୟତକ ସରିଯାଏ ଏବଂ ଯାହା ପ୍ରକୃତରେ କହିବାର ଥାଏ ବା ଯୋଜନା ହୋଇଥାଏ, ସେଥିପାଇଁ ସମୟ ନିଅଣ୍ଟ ପଡେ। ଯାହା ପୂର୍ବପ୍ରସ୍ତୁତି ବା ଯୋଜନା ହୋଇଥାଏ ତାହା ଆଉ ଠିକ୍ ଠାକ୍ ହୋଇପାରେ ନାହିଁ। ତେଣୁ ବକ୍ତା ବା ପ୍ରତିଯୋଗୀ ସବୁବେଳେ ସମୟ ସଚେତନ ହେବା ଆବଶ୍ୟକ। ସାଧାରଣ ସଭା ( Public Meeting) , ସାହିତ୍ୟ ସଭା (Literary function), ବାର୍ଷିକସଭା (Annual Meeting), ବକ୍ତୃତା ପ୍ରତିଯୋଗିତା (Debate Competition), ଦଳଗତ ଆଲୋଚନା (Group Discussion)ପ୍ରଭୃତି ଯେଉଁଠି କହିବାର ଥାଏ, ସବୁଠି

ସମୟ ସଚେତନତା ନିତାନ୍ତ ଜରୁରୀ। କହିବାର ଅଛି ବୋଲି ମନଇଚ୍ଛା ନିଜସମୟ ଅନୁସାରେ କହିବା କୌଣସି କ୍ଷେତ୍ରରେ ବି ଶୋଭନୀୟ ନୁହେଁ। ତେଣୁବକ୍ତା ସବୁବେଳେ ସମୟ ସଚେତନ ହୋଇ ନିଜର ବକ୍ତବ୍ୟ ରଖିଲେ ତାହା ଖାଲି ଯେ ଗ୍ରହଣୀୟ ହୁଏ ତା ନୁହେଁ ବକ୍ତାକୁ ଆଦର , ସମ୍ମାନ ମିଳେ। ବକ୍ତା ଜଣକର ବିଷୟଜ୍ଞାନ ସହ ସମୟଜ୍ଞାନର ତାରିଫ୍ ମଧ୍ୟ ହୁଏ।

## ୩.୧.୫ ବକ୍ତୃତା ପ୍ରତିଯୋଗିତାର ନମୁନା

ବିଦ୍ୟାର୍ଥୀଗଣ ! ଆମେ ଆଉ କେତୋଟି ବକ୍ତୃତାର ନମୁନା ଦେଖିବା। ଏହିସବୁ ନମୁନାରୁ କଥା କହିବାର କଳା ବା କୌଶଳ ବୁଝିହେବ। କଥନ କୌଶଳର ବିଭିନ୍ନ ଦିଗ ଉପରେ ଆମେ ଆଲୋଚନା କରିଛେ, ଏହିସବୁ ଉଦାହରଣରୁ ସେହିସବୁ ଦିଗଗୁଡିକ ଉନ୍ମୋଚିତ ହୋଇପାରିବ। ଧରାଯାଉ ବକ୍ତୃତା ପ୍ରତିଯୋଗିତାଟି ମାତୃଦିବସ ପାଳନ ଅବସରରେ ଆୟୋଜିତ ହେଉଛି। ବିଷୟବସ୍ତୁ ରଖାଯାଇଛି - **'ମାତୃଦିବସର ଯଥାର୍ଥତା।** ପ୍ରତିଯୋଗୀ ବିଚାରକମଣ୍ଡଳୀ ଓ ସାଥୀ ପ୍ରତିଯୋଗୀମାନଙ୍କୁ ସମ୍ବୋଧନ କରିବାପରେ ଏହି ଦିବସର ଯଥାର୍ଥତା ନେଇ ବକ୍ତବ୍ୟ ରଖିବ - 'ମା ବା ମାତା ଶବ୍ଦଟି କେଡେ ମଧୁର କେଡେ କୋମଳ।' ମା ଶବ୍ଦର ଅର୍ଥ ଜ୍ଞାନଦାୟୀ ଲକ୍ଷ୍ମୀ। ମଦର୍ସ ଡେ, ବା ମାତୃ ଦିବସ ପାଳିତ ହେଉଥିଲା। ତାପରେ ୧୬୦୦ ଶତାବ୍ଦୀରେ ମାଆମାନଙ୍କୁ ସମ୍ମାନିତ କରିବାକୁ ଇଂଲଣ୍ଡରେ ମଦର ସନ୍‌ଡେ ବା ମାତୃ ଦିବସ ମଇ ମାସରେ ଦ୍ୱିତୀୟ ରବିବାର ପାଳିତ ହେଲା। ସେତେବେଳେ ଇଂଲଣ୍ଡର ଧନୀ ଲୋକଙ୍କ ପାଖରେ ବହୁ ସଂଖ୍ୟକ ଲୋକ ଚାକର ବାକର ଥିଲେ। ମଦର୍ସ ଡେ ଦିନ ସେମାନେ ନିଜ ଘରକୁ ଯାଇ ମା 'ଙ୍କ ସହିତ

ମିଶିବାକୁ ଛୁଟି ମିଳୁଥିଲା। ନିଜ ମାଆଙ୍କ ପାଇଁ ମଦର କେକ୍ ନାମରେ ପରିଚିତ ସୁନ୍ଦର ସ୍ୱାଦିଷ୍ଟ ପିଠା ଧରି ଘରକୁ ଯାଉଥିଲେ। ମାଆଙ୍କୁ ଖୁଆଉଥିଲେ। ମାତୃ ଦିବସ କ୍ରମଶଃ ଉତ୍ସବର ରୂପ ନେଲା। ସମଗ୍ର ୟୁରୋପରେ ଏହି ଦିବସ ପାଳିତ ହେଲା। ମାଆକୁ ସମ୍ମାନ ଦେବା ସହିତ ସେମାନେ ଚର୍ଚ୍ଚ ଯାଇ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିବାକୁ ଆରମ୍ଭ କଲେ। ମୁଁ ଆଜି ଏଠାରେ ମାତୃଦିବସର ଇତିହାସ ଟିକେ କହିବି।

ଯୁକ୍ତରାଷ୍ଟ୍ର ଆମେରିକାରେ ୧୮୭୨ ରେ ପ୍ରଥମେ ଜୁଲିଆ ୱାର୍ଡ ଲୋକଙ୍କ ଦ୍ୱାରା ବୋଷ୍ଟନ୍ ଠାରେ ମଦର୍ସ ଡେ ପାଳିତ ହୋଇଥିଲା। ୧୯୦୭ରେ ଏହାକୁ ଜାତୀୟ ସ୍ତରରେ ପାଳନ କରାଗଲା। ପରବର୍ତ୍ତୀ କାଳରେ ବିଭିନ୍ନ ଦେଶରେ ବର୍ଷର ବିଭିନ୍ନ ସମୟରେ ମାତୃ ଦିବସ ପାଳିତ ହେଲା। ଡେନ୍‌ମାର୍କ, ଫିନଲାଣ୍ଡ୍, ଇଟାଲୀ, ତୁର୍କୀ, ଅଷ୍ଟ୍ରେଲିଆ ସମେତ ପୃଥିବୀର ବିଭିନ୍ନ ଦେଶରେ ମେ ମାସ ଦ୍ୱିତୀୟ ରବିବାର ଦିନ ଏହା ପାଳିତ ହେଲା। କ୍ରମଶଃ ଏହା ବିଶ୍ୱର ଏକ ଉତ୍ସବ ହୋଇଗଲା।

ବସ୍ତୁତଃ ପାଶ୍ଚାତ୍ୟ ଦେଶରେ ଏହି ଦିବସ ପାଳିତ ହେଲେ ମଧ୍ୟ ଆମ ପାଇଁ ଅବଶ୍ୟ ପାଳନୀୟ। କାରଣ ସବୁ କ୍ଷେତ୍ରରେ ବାଛ ବିଚାର କରାଯାଇ ପାରେ କିନ୍ତୁ ମାଆଙ୍କ କ୍ଷେତ୍ରରେ ନୁହେଁ। ଭାରତ ପାଇଁ ଅନେକ ସଭ୍ୟତାରେ ମାତୃତ୍ୱ ଏକ ଧର୍ମ ଏବଂ ପ୍ରବୃତ୍ତି। ମାତୃତ୍ୱର ଆବେଦନ ସାର୍ବଜନୀନ ଜାତି, ଭାଷା, ସଂସ୍କୃତି, ଅଞ୍ଚଳ ସୀମା ସରହଦର ଊର୍ଦ୍ଧ୍ୱରେ ମାଆ ଏକ ଅନୁଷ୍ଠାନ ମାତୃତ୍ୱ ଏକ ବୃତ୍ତି। ଦୟା, କ୍ଷମା, ସହନଶୀଳତା, ତ୍ୟାଗ, ତିତିକ୍ଷା ଓ ସେବା , ମାଆର ବିଶେଷତ୍ୱ ମାଆ ସନ୍ତାନ ପାଇଁ ଯାହା କରେ ତାହା ନିଷ୍କାମ। ଏଥିରେ ପ୍ରାଚ୍ୟ ପାଶ୍ଚାତ୍ୟର ଫରକ୍ ନଥାଏ। ବିଶ୍ୱମାତା ଗାନ୍ଧାରୀ ସର୍ବଦା ସର୍ବକାଳରେ ସମସ୍ତଙ୍କର ନମସ୍ୟ। ତାଙ୍କ ପାଇଁ ନିଜ ପୁଅ ଯେତିକି ପର ପୁଅ ସେତିକି। ମାତୃପୂଜା ଆମ ଦେଶରେ ପୁରାତନ କାଳରୁ ପ୍ରଚଳିତ ପୁରାତନ ଯୁଗରୁ ବେଦ କହୁଚି ମାତୃଦେବ ଭବ।

କିନ୍ତୁ ଆଜି ମାତା ନିର୍ଯ୍ୟାତିତା ତଥା ଅସହାୟା। ତଥାକଥିତ ଆଧୁନିକା ପୁଅ- ଝିଅ, ପୁଅ- ବୋହୁଙ୍କ ଦ୍ୱାରା ମାଆ ମାନେ ପରିତ୍ୟକ୍ତା ହୋଇ ଜରାନିବାସ ବା ଶ୍ରୀକ୍ଷେତ୍ରରେ ଦୟନୀୟ ଭାବେ କାଳାତିପାତ କରୁଛନ୍ତି। ମାଆ ଆଖିରୁ ନୀରବରେ ନିଶବ୍ଦରେ ଲୁହଧାର ବୋହୁଥିଲା ବେଳେ କୌଣସି ପୁଅ ଝିଅ ଶାନ୍ତିରେ ରହିପାରନ୍ତିନାହିଁ। ଏକଥା ମୁଁ ଦୃଢଭାବେ କହିପାରେ।

ଦୁର୍ଗତିକୁ ଆଧାର କରି ଦୁଶ୍ଚିନ୍ତାକୁ ଆଶ୍ରୟ କରି ନିଜ ସନ୍ତାନର ମଙ୍ଗଳକାମନା କରି ଦେବତାଙ୍କ ପାଖରେ ଯିଏ ଅଳି କରେ ସଂଧ୍ୟା ଜାଳେ, ନଡିଆ ଭାଙ୍ଗେ ଭୋକିଲା ପେଟରେ ଶୁଖିଲା ମୁହଁରେ ବଡ଼ ଠାକୁରଙ୍କୁ ଗୁହାରି କରିଥାଏ ସେ ଆମ ମାଆ। ଆମକୁ ଜନ୍ମଦିଏ, ଆମକୁ ଜୀବନ ଦିଏ, ମମତାର ସାଗର ସିଏ, ପରିଚୟ ତାର ଦରକାର ନାହିଁ। ମାଆ ଜନ୍ମଦାତ୍ରୀ, କରୁଣାମୟୀ। ମାଆ ଶବ୍ଦର ଏକ ଚମତ୍କାର ଆକର୍ଷଣ ରହିଛି। ମାଆର ସ୍ନେହ ଭରା କଥା ସ୍ୱର୍ଗଠାରୁ ବଡ଼। ମାଆଙ୍କ ପଣତକାନି ସ୍ୱର୍ଗର ବୈକୁଣ୍ଠ ସମାନ। ମାତୃ ଦିବସରେ ମୁଁ ବିଶ୍ୱ ମାତାଙ୍କ ଉଦ୍ଦେଶ୍ୟରେ ନମ୍ର ପ୍ରଣିପାତ ଜଣାଇ ବକ୍ତବ୍ୟ ଶେଷ କରୁଛି। ମାଆର ଜୟ ହେଉ। ମାତୃଦିବସର ଜୟହେଉ।

ଏହି ଉଦାହରଣ ବକ୍ତୃତା ପ୍ରତିଯୋଗିତାର ନମୁନା। ଏହି ନମୁନାରେ ତୁମେମାନେ ଲକ୍ଷ୍ୟ କରିଥିବ କିଭଳି ପ୍ରତିଯୋଗୀଜଣକ ଦିବସ ପାଳନର ଯଥାର୍ଥତା ବିଷୟରେ ଯୁକ୍ତି ବାଢିବା ସହ ମାତୃଦିବସ ପାଳନନେଇ ତଥ୍ୟ ରଖିବାରେ ସକ୍ଷମ ହୋଇଛନ୍ତି। ଏହା ଜଣେ ଭଲ ପ୍ରତିଯୋଗୀର ବିଶେଷତ୍ୱ ଏବଂ ବିଷୟଜ୍ଞାନର ପରିଚୟ। ଆଉ ଗୋଟିଏ ନମୁନାର ବିଚାର କରିବା। ଧରାଯାଉ କୌଣସି ଏକ, ବକ୍ତୃତା ପ୍ରତିଯୋଗିତାରେ ବିଷୟ ରଖାଯାଇଛି -

**ତୁମ ସ୍ୱପ୍ନର ଭାରତ ।** ମନେରଖ ଏହା - ବକ୍ତୃତା । ଏହି ବିଷୟରେ ସପକ୍ଷ ବା ବିପକ୍ଷ ମତ କୁହାଯାଏ ନାହିଁ । ବିଷୟର ବିନ୍ୟାସ ହୁଏ । ବିଷୟଟିକୁ ବୁଝାଇ କୁହାଯାଏ । ତୁମେମାନେ ନିଜଦେଶ ବିଷୟରେ ନିର୍ଦ୍ଧାରିତ ସମୟ ମଧ୍ୟ କେମିତି ବୁଝେଇ କହିପାରୁଛ ସେହିକଥା ବିଚାର କରାଯାଏ । ଭାଷା, ସଂସ୍କୃତି, ଧର୍ମ,ପରଂପରାରେ ଆମଦେଶ ବିଶ୍ୱବିଦିତ । ବକ୍ତବ୍ୟ ତେଣୁ ଏମିତି ହୋଇପାରେ -

ଭାରତ ମୋର ଜନ୍ମଭୂମି । ଏହି ନାମ ଉଚ୍ଚାରଣରେ ପ୍ରାଣରେ ଅପୂର୍ବ ଶାନ୍ତି ଓ ପ୍ରୀତିଜାତ ହୁଏ । ଶରୀରରେ ସୃଷ୍ଟି ହୁଏ । ଉଚ୍ଛ୍ୱସିତ ଉନ୍ମାଦନ ଓ ପୁଲ୍ଲକ । ଏହି ବିଶ୍ୱବିଦିତ ଭାରତ ଭୂମି ଦେବଭୂମି, ତ୍ୟାଗଭୂମି ପୂଣ୍ୟଭୂମି ରୂପେ ବିଶ୍ୱଜନ ପରିଚିତ । ଏହାର ଐକ୍ୟ, ପରମ୍ପରା, ସୁଖ୍ୟାତି, ବୈଭବ୍ୟ, ସାମ୍ପ୍ରଦାୟିକତା, ବ୍ୟଭିଚାର, ଅନୀତି, ଦୁର୍ନୀତି ଓ କଳୁଷିତ ରାଜନୀତିଦ୍ୱାରା ଅବକ୍ଷୟିତ ।

ମୋର ସ୍ୱପ୍ନର ଭାରତ ଏପରି ହେବ ଦରକାର, ଯେଉଁଠି ଧନଧାନ୍ୟରେ ପରିପୂର୍ଣ୍ଣ ହୋଇଥିବ । କ୍ଷୁଧା, ତୃଷ୍ଣା, ଦାରିଦ୍ର୍ୟ ଓ ରୋଗମୁକ୍ତ ହେବ ମୋର ପ୍ରାଣପ୍ରିୟ ଭାରତ ବର୍ଷ ଯାହାର ଅଧିବାସୀ ହେବେ ସଚ୍ଚରିତ୍ର, ନୀତିବାନ, ଉନ୍ନତମନା, ଉଦାରମନା ଓ ହୃଦୟମନା । ମୋର ମାତୃଭୂମି ଏପରି ହେବ, ସମଗ୍ର ବିଶ୍ୱରେ ଆଧ୍ୟାତ୍ମିକ, ନୈତିକ ଶକ୍ତିରେ ହେବ ଶକ୍ତିଶାଳୀ । ଭ୍ରାତୃତ୍ୱ ପ୍ରତ୍ୟେକ ଭାରତୀୟ ପ୍ରାଣରେ ହେବ ମୁଖ୍ୟ ଉପାଦାନ । ମୁଁ ଚାହେଁ ଏପରି ଭାରତ, ଯେଉଁଠି ଅଶିକ୍ଷା,ଅଜ୍ଞତା, କୁସଂସ୍କାର, ଅନ୍ୟାୟ, ଅତ୍ୟାଚାର ମୁକ୍ତ ଥିବ । ମୋ ସ୍ୱପ୍ନର ଭାରତ ଏପରି ହେବା ଦରକାର ଯେଉଁଠି ସର୍ବସାଧାରଣ, ଜନସେବକ, ଲୋକ ପ୍ରତିନିଧି, ସରକାରୀ କର୍ମଚାରୀ ଆଦିଙ୍କ ମନରେ ଥିବା ନିର୍ମଳ ଓ ସମର୍ପିତ ଭାବନା । ଧର୍ମ ନାମରେ ବିଦ୍ୱେଷ ଓ ସାମ୍ପ୍ରଦାୟିକା ଚିହ୍ନ ନଥିବ ।

ମୋ ସ୍ୱପ୍ନର ଭାରତ ଏପରି ହେବା ଦରକାର, ଯେଉଁଠି ଜନସାଧାରଣ ତାଙ୍କର ଶାରୀରିକ ଶ୍ରମ ପ୍ରତି ପ୍ରୀତି ଓ ଆସକ୍ତି ଥିବ । ପ୍ରତିରକ୍ଷା କ୍ଷେତ୍ରରେ ମୋ ଦେଶର ବୀର ବୀର ଯବାନ କର୍ମଠ ହେବେ । ଆଣବିକ ଶକ୍ତିକ୍ଷେତ୍ରରେ ଅନ୍ୟ ରାଷ୍ଟ୍ରମାନଙ୍କ ତୁଳନାରେ ଭାରତ ଅଧିକ ଶକ୍ତିଶାଳୀ ହେବେ । ମୋ ସ୍ୱପ୍ନର ଭାରତ ଏପରି ହେବା ଦରକାର ଯେଉଁଠି ନଥିବ ଉଗ୍ରବାଦିତା, ଦେଶଦ୍ରୋହିତା , ଆଞ୍ଚଳିକବାଦ ଓ ସାମ୍ପ୍ରଦାୟିକତା । ମୋ ସ୍ୱପ୍ନର ଭାରତ ଏପରି ହେବା ଦରକାର ଯେଉଁଠି ବୃଦ୍ଧ, ଅକର୍ମଣ୍ୟ, ଅସହାୟ, ବିଧବା ଆଦିଙ୍କ ପାଇଁ ବଞ୍ଚିବାର ରାହା ଥିବ । ମୋଦେଶର ଭାଇ ଭଉଣୀମାନେ ନିର୍ଭୟରେ ରାସ୍ତାଘାଟରେ ବିଚରଣ କରୁଥିବେ । ଧନ ସମ୍ପତ୍ତି ପ୍ରତି ନିରାପତ୍ତା ଥିବ ।

ମୋ ସ୍ୱପ୍ନର ଭାରତ ଏପରି ହେବା ଦରକାର ଯେଉଁଠି ହିଂସା , କପଟ, ପ୍ରତାରଣା, ଛଳନା ନଥିବ । ଥିବ ଶାନ୍ତି, ମୈତ୍ରୀ, ସଦଭାବନା ଓ ବନ୍ଧୁତ୍ୱର ପ୍ରଭାବ । ଐକ୍ୟ ଓ ସଂହତି ଥିବ ଜୀବନର ଉତ୍ସ । ମୁଁ ଚାହେଁ ଏପରି ଦେଶ, ଯେଉଁଠି ପ୍ରତିଧ୍ୱନିତ ହେଉଥିବ ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁଃ ନିରାମୟା ଓ ବସୁଧୈବ କୁଟୁମ୍ବକଂ । ମୋ ସ୍ୱପ୍ନର ଭାରତ ଏପରି ହେବା ଦରକାର ଯିଏକି ତାର ହୃତଗୌରବ ଫେରିପାଇ ପୁନଶ୍ଚ ବିଶ୍ୱଗୁରୁର ଆଖ୍ୟା ପାଉ । ନୂତନ ବିଶ୍ୱ ନିର୍ମାଣରେ ମୋ ସ୍ୱପ୍ନର ଭାରତ ସ୍ୱପ୍ନରେ ନରହି ସାକାର ହେଉ ମୁଁ ଚାହେଁ । ପ୍ରତିଷ୍ଠିତ ହେଉ ଏକ ଆଦର୍ଶ ଭାରତ । ବନ୍ଦେ ଭାରତ ଜନନୀ ।

ଏହି ନମୁନା ବକ୍ତୃତାରୁ ତୁମେମାନେ ବୁଝିଥିବ ଯେ ମାତୃଭୂମିର ବନ୍ଦନା କରାଯାଏ । ମାତୃଭୂମିର ଜୟଗାନ କରାଯାଏ । କୌଣସି ପରିସ୍ଥିତିରେ ବି ଦେଶର ନିନ୍ଦା କରାଯାଏନାହିଁ । ତୁମ ସ୍ୱପ୍ନର ଭାରତ ପ୍ରସଙ୍ଗକୁ ବକ୍ତୃତାଦେବାବେଳେ ପ୍ରତିଯୋଗୀ ମୋ ସ୍ୱପ୍ନର ଭାରତ କି ବକ୍ତବ୍ୟ ରଖିଲେ ଭଲ । ଦେଶକୁ କେମିତି, କୋଉ ସ୍ଥାନରେ ଦେଖିବାକୁ ଚାହଁ ତାହା ତୁମେମାନେ ବକ୍ତବ୍ୟ ଛଳରେ ବୁଝେଇ କହିଲେ ଭଲ । ତୁମ କହିବା ଶୈଳୀ ଉପରେ ଏଭଳି ବକ୍ତୃତାର

ସଫଳତା ବା ସାର୍ଥକତା ସାଧାରଣତଃ ନିର୍ଭର କରିଥାଏ। ଆଉ ଗୋଟିଏ ନମୁନା ଆମେ ଦେଖିବା। ଧରାଯାଉ ଶାନ୍ତି ପାଇଁ ବିଶ୍ୱର ସର୍ବୋଚ୍ଚ ସମ୍ମାନ ନୋବେଲ୍ ପୁରସ୍କାର ପାଇଥିବା ସନ୍ଥ ମଦର ଟେରେସାଙ୍କ ଆର୍ବିଭାବ ବା ତିରୋଧାନ ଦିବସରେ **ସେବା ଓ ମମତାର ପ୍ରତିମୂର୍ତ୍ତି ସନ୍ଥ ଟେରେସା** ଶୀର୍ଷକ ବକ୍ତୃତାର ଆୟୋଜନ କରାଯାଇଛି। ସେଥିରେ ଯଥାମାନ୍ୟ ସମ୍ବୋଧନକରି ବକ୍ତବ୍ୟ ଏହିଭଳି ରଖାଯାଇପାରେ -

Where there is a will there is a way - ଏକଥା ମଦର ଟେରେସାଙ୍କ ଜୀବନୀରୁ ସ୍ପଷ୍ଟ ପ୍ରମାଣିତ। ଦୁଃସ୍ଥ ଓ ପୀଡିତମାନଙ୍କର ସେବା କରିବା ଏକ ଐଶରୀୟ ଗୁଣ। ଯେଉଁ ମହାପୁରୁଷମାନଙ୍କ ନିକଟରେ ଏ ଗୁଣ ଅନୁଭୂତ ହୁଏ ସେମାନେ ମର୍ତ୍ତ୍ୟଭୂମିରେ ଦେବତା ତୁଲ୍ୟ ପରିଚିତ। ମଦର ଟେରେସା ଏହିଭଳି ଜଣେ ଦେବୀ। ପୀଡିତର ପୀଡା ଦେଖିଲେ ତାଙ୍କ ନେତ୍ରରୁ ଅଶ୍ରୁ ଝରିପଡୁଥିଲା। ରୋଗୀଙ୍କ ପ୍ରତି ତାଙ୍କର ସହାନୁଭୂତି ଓ ସମ୍ବେଦନଶୀଳତା ଥିଲା ଅସାଧାରଣ। ସବୁଠାରୁ ବଡ କଥା ଥିଲା ତାଙ୍କର ଅମୃତ ବିନୟ ବଚନ। ମଦର ଟେରେସା, ସେବା ଓ ମମତାର ଜୀବନ୍ତ ପ୍ରତିମୂର୍ତ୍ତି ଥିଲେ କହିଲେ ଅତ୍ୟୁକ୍ତି ହେବନାହିଁ। ଯଥାର୍ଥରେ ସେ ମା , ଯଥାର୍ଥରେ ସନ୍ଥ, ୧୯୧୦ ମସିହାରେ ଅଗଷ୍ଟ ୨୭ ତାରିଖରେ ଯୁଗୋସ୍ଲୋଭିଆର ଆଲବେନିଆର ଏକ ପରିବାରରେ ସେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କର ବାଲ୍ୟନାମ ଥିଲା ଏଗେନ୍ସ ଗହମକ ବୋୟାକ୍ ସହାଉ। ପାଠପଢା ସମୟରୁ ହିଁ ଦରିଦ୍ରମାନଙ୍କ ସେବା କରିବାକୁ ତାଙ୍କ ମନରେ ଆକର୍ଷଣ ଥିଲା। ୧୮ବର୍ଷ ବୟସରେ ସନ୍ନ୍ୟାସିନୀ- ସେବିକା ହେବା ପାଇଁ ସେ ଘର ଛାଡିଥିଲେ। ଡବ୍ଲିନଠାରେ ଉପଯୁକ୍ତ ତାଲିମ ନେଇ ସେ ପହଞ୍ଚିଲେ କୋଲ୍‌କାତାରେ। ଦରିଦ୍ର ଏବଂ ସର୍ବହରାଙ୍କ ସେବାକୁ ବ୍ରତ ରୂପେବାଛିବାର ଶପଥ ନେଲେ।

ପ୍ରଥମେ ସେ ଏକ କନଭେଣ୍ଟ ହାଇସ୍କୁଲରେ ଶିକ୍ଷୟତ୍ରୀ ଓ ପରେ ଅଧକ୍ଷା ହୋଇଥିଲେ। ୧୯୪୬ ମସିହାରେ କୋଲ୍‌କାତାରେ ସହରତଳି ଅଞ୍ଚଳରେ ବସ୍ତିବାସିନ୍ଦାଙ୍କ ସେବା କରିବାକୁ ଇଚ୍ଛୁକ ହେଲେ ଏବଂ ରୋମ୍‌ରୁ ଜଣେ ମୁକ୍ତ ସନ୍ୟାସିନୀ ରୂପେ କାମ କରିବାକୁ ଅନୁମତି ମିଳିବା ପରେ ସେ ସେହି କାର୍ଯ୍ୟରେ ନିଜକୁ ନିୟୋଜିତ କଲେ। ଏଥିପାଇଁ ପାଟନାସ୍ଥ ଆମେରିକୀୟ ଚିକିତ୍ସା ମିଶନାରୀ ସେବିକାଙ୍କ ନିକଟରୁ ଦରକାରୀ ତାଲିମ ଗ୍ରହଣ କଲେ। ତତ୍ପରେ ସହରତଳି ବସ୍ତିର ପିଲାଙ୍କୁ ଧରି ସ୍ୱାସ୍ଥ୍ୟରକ୍ଷା ସମ୍ବନ୍ଧରେ ଶିକ୍ଷା ଦେବାକୁ ଲାଗିଲେ, ରୋଗୀଙ୍କୁ ଔଷଧ ଓ ଖାଦ୍ୟ ଦେବାକୁ ବ୍ୟବସ୍ଥା କଲେ। ତାଙ୍କ ସେବାଗୁଣରେ ବିମୋହିତ ହୋଇ ସମସ୍ତେ ତାଙ୍କୁ ମଦର ଟେରେସା ବୋଲି ଡାକିଲେ। ମଦର ଟେରେସା ୧୯୪୮ ମସିହାରେ ଭାରତୀୟ ନାଗରିକତ୍ୱ ଗ୍ରହଣ କରିଥିଲେ।୧୯୫୦ ମସିହାରେ ସେ ପୋପ୍‌ଙ୍କ ଅନୁମତି କ୍ରମେ କଲିକତାରେ ମିସନାରୀ ଅଫ୍ ଚାରିଟିଜ୍ ନାମକ ଏକ ରୋଗୀ ସେବା ସଂସ୍ଥାର ସେ କାର୍ଯ୍ୟରମ୍ଭ କଲେ। ଏଥିରେ ସ୍ଥାନୀୟ ଯୁବକ ଗଣ ତାଙ୍କ ବିରୁଦ୍ଧରେ ଅଭିଯୋଗ କଲେ ଯେ ରୋଗୀମାନଙ୍କୁ ବାଧରେ ଖ୍ରୀଷ୍ଟିୟାନ କରାଯାଉଛି। ଅଭିଯୋଗ ପାଇ ସରକାର ଅନୁସନ୍ଧାନ କଲେ ଏବଂ ଏହି ଅଭିଯୋଗ ସଂପୂର୍ଣ୍ଣ ଭିତ୍ତିହୀନ ବୋଲି ପ୍ରମାଣିତ ହେଲା। ନିର୍ମଳ ହୃଦୟ ସେବାସଦନ ସେହିଦିନଠାରୁ ଅଦ୍ୟାବଧି ତାର ମହତ ଲକ୍ଷ୍ୟ ଘେନି କାର୍ଯ୍ୟକାରୀ କରିଆସୁଛି।

ଭାରତର ବିଭିନ୍ନ ସ୍ଥାନରେ ମଦର ଟେରେସା ଅସହାୟ ଦୁଃସ୍ଥ ଓ ପରିତ୍ୟକ୍ତ ମାନଙ୍କ ପାଇଁ ବିଦ୍ୟାଳୟ, ଚିକିତ୍ସାଳୟ ଓ ଅନାଥାଶ୍ରମ ପ୍ରତିଷ୍ଠା କରିଛନ୍ତି। ଏଭଳିକି ଅନାଥାଶ୍ରମରେ ପାଳିତ ମୂକ ବଧିର ଶିଶୁମାନେ ସାବାଳକ ହେବାପରେ ମଦର ଟେରେସା ସେମାନଙ୍କର ଥଇଥାନର ବ୍ୟବସ୍ଥା କରୁଥିଲେ। ଆଜି ମଦର ଟେରେସାଙ୍କ ଦ୍ୱାରା

ପ୍ରତିଷ୍ଠିତ ଚିକିତ୍ସାଳୟ ସାରା ପୃଥିବୀରେ ବିଭିନ୍ନ ବଡ଼ ବଡ଼ ସହର ମାନଙ୍କରେ ଦେଖିବାକୁ ମିଳେ। ଆଜି ସେହି ପ୍ରାତଃ ସ୍ମରଣୀୟ ସନ୍ଥଙ୍କ ପୁଣ୍ୟତିଥିରେ ତାଙ୍କୁ ମୋ ଭକ୍ତିପୂତ ଶ୍ରଦ୍ଧା ସୁମନ ଅର୍ପଣ କରି ବକ୍ତବ୍ୟ ସାଙ୍ଗ କରୁଛି। ଏହି ଉଦାହରଣଟି ବକ୍ତୃତା ପ୍ରତିଯୋଗିତାର ନମୁନା ହୋଇପାରେ ଅଥବା ମଦର ଟେରେସାଙ୍କ ଜନ୍ମ ବା ଶ୍ରାଦ୍ଧଦିବସ ପାଳନ ଅବସରରେ ସ୍ମୃତିଚାରଣ ବକ୍ତବ୍ୟ ହୋଇପାରେ। ମଦରଟେରେସାଙ୍କ ଜୀବନୀ ଓ ଜୀବନାଦର୍ଶଉପରେ ଆଲୋକପାତ କରିବା ବକ୍ତବ୍ୟର ଉଦ୍ଦେଶ୍ୟ। ଏହି ଉଦାହରଣରୁ ତୁମେମାନେ ତାହା ଲକ୍ଷ୍ୟ କରିପାରିଥିବ। ମହାପୁରୁଷଙ୍କ ଉପରେ ବକ୍ତୃତା ଦେବାକୁ ହେଲେ ଏମିତି କହିବାକୁ ହୁଏ। ଏଥର ଗୋଟିଏ ବିତର୍କର ବିଚାର କରିବା। ଧରାଯାଉ ବିତର୍କର ଶୀର୍ଷକ ରହିଛି - **ଜନସଂଖ୍ୟା ବୃଦ୍ଧି ; ସମ୍ବଳ ନା ବୋଝ ?** ଏଥିରେ ସମ୍ବଳ ବୋଲି କୁହାଯାଇପାରେ। ବୋଝ ବୋଲି ମଧ୍ୟ କୁହାଯାଇପାରେ। ଅର୍ଥାତ୍ ପ୍ରସଙ୍ଗଟି ଯେହେତୁ ବିତର୍କ ପ୍ରସଙ୍ଗ, ତେଣୁ _Žò~ÙMúi _I (For) ବା ବିପକ୍ଷ (Against) ରେ ନିଜ ଯୁକ୍ତିମତ ଉପସ୍ଥାପନ କରିପାରେ। ନିଜ ପାଖରେଥିବା ତଥ୍ୟ ଆଧାରରେ ପ୍ରତିଯୋଗୀ ଏହି ବିତର୍କର ବିସ୍ତାର କରି ସୀମିତ ସମୟ ମଧ୍ୟରେ ବିଷୟବସ୍ତୁ ଉପରେ ନଜରଦେଇ ଭାଷା ଓ ଶୈଳୀ ମଧ୍ୟରେ ସମନ୍ୱୟ ସଯତାପନ କରି ଏହି ବକ୍ତବ୍ୟ ଦେବା ଉଚିତ୍। ବକ୍ତବ୍ୟଟି ଏଭଳି ହୋଇପାରେ -

ସୁଧୀ ବିଚାରକ ମଣ୍ଡଳୀ ! ମୁଁ ଆଜି ଜନସଂଖ୍ୟା ବୃଦ୍ଧି ଆମ ଉପରେ ଏକ ବୋଝ ବୋଲି ଯୁକ୍ତି ବାଢ଼ିବାକୁ ଯାଉଛି। ପୃଥିବୀରେ ସମସ୍ତେ ଜାଣନ୍ତି ଦାରିଦ୍ର, ନିରକ୍ଷରତା ବ୍ୟାଧି, ଅର୍ଥନୈତିକ ଅସମତା, ପାରିପାର୍ଶ୍ୱିକ ଅବନତି ପ୍ରଭୃତି ସମସ୍ୟା ମୂଳକାରଣ ହେଉଛି ଜନସଂଖ୍ୟା ବୃଦ୍ଧି। ଆମ ଭାରତ ଭଳି ଏକ ବିକାଶମୁଖୀ ଦେଶ ସମ୍ମୁଖରେ ବର୍ଦ୍ଧିତ ଜନସଂଖ୍ୟା ଅର୍ଥନୈତିକ ଅଧୋଃଗତିର ଓ ସାମାଜିକ ବିଶୃଙ୍ଖଳାରେ ମୂଳ କାରଣ ରୂପେ ଦେଖାଦେଇଛି। ଅଧିକ ମୁହଁରେ ଭାତ ଓ ଅଧିକ ହାତରେ କାମ ଦେବାପାଇଁ ଆମ ଭାରତ ଆଜି ସକ୍ଷମ ହୋଇପାରୁନି।୧୯୪୭ ମସିହାରେ ଆମଦେଶର ଆମଦେଶର ଜନସଂଖ୍ୟା ଥିଲା ପ୍ରାୟ ୩୪ କୋଟି। ୧୯୮୧ମସିହା ବେଳକୁ ତାହା ୬୮ କୋଟିରୁ ଉର୍ଦ୍ଧ ହୋଇଗଲା ଏବଂ ଆଜି ତାହା ୧୦୪ କୋଟରୁ ଅଧିକ ହୋଇଗଲାଣି। ଆୟତନ ଅନୁସାରେ ଭାରତ ବିଶ୍ୱର ଶତକଡା ୨.୪ ହୋଇଥିଲା ବେଳେ ବିଶ୍ୱର ଶତକଡା ୧୭ ଭାଗ ଲୋକ ଏଠାରେ ବସବାସ କରନ୍ତି। ଅଷ୍ଟ୍ରେଲିଆ ମହାଦେଶର ଜନସଂଖ୍ୟା ଯେତେ ଆମ ଦେଶର ପ୍ରତି ବର୍ଷ ବଢୁଥିବା ଜନସଂଖ୍ୟା ତାଠାରୁ ଅଧିକ। ଆମେ ଶିକ୍ଷା ଓ କୃଷି କ୍ଷେତ୍ରରେ ଆଶାନୁରୂପ ପ୍ରଗତି କରିଥିଲେ ମଧ୍ୟ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ବ୍ୟକ୍ତିଙ୍କ ସଂଖ୍ୟା ବୃଦ୍ଧି କରୁଛୁ। ଜନସଂଖ୍ୟା ଯେପରି ଗୁଣୋତ୍ତର ସୂତ୍ରରେ ବଢି ଚାଲିଛି ଆମେ ଯେତେ ଉତ୍ପାଦନ କଲେ ମଧ୍ୟ ସମସ୍ତଙ୍କ ମୁହଁରେ ଖାଦ୍ୟ ଦେବା ଏତେ ସହଜ ନୁହେଁ।



ଦେଶର ପ୍ରଗତି ହୋଇବ କି ଭାଇ
ଜନ ସଂଖ୍ୟା ବଢୁଥିଲେ,
ବଢିବ ସମସ୍ୟା ହେବ ଅମାବାସ୍ୟା
ବୁଦ୍ଧି ନଦିଶିବ ଭଲେ।

ଜନସଂଖ୍ୟା ବୃଦ୍ଧି ହେବା ସଂଗେ ସଂଗେ ଆବଶ୍ୟକ ଖାଦ୍ୟ ଉତ୍ପାଦନ, ପୁଷ୍ଟିସାର ଖାଦ୍ୟର ଅଭାବ ଜନ୍ମିତ ଶିଶୁକୁ

ବିକଳାଙ୍ଗ କରିବାରେ ଲାଗିଛି। ଜଙ୍ଗଲ ହ୍ରାସ ଓ ପ୍ରାକୃତିକ ଜଙ୍ଗଲ କ୍ଷୟ ହେବା ସଂଗେ ସଂଗେ ଗ୍ରାମାଞ୍ଚଳ ମରୁଭୂମିରେ ପରିଣତ ହେବାକୁ ଯାଉଛି। ଏହାଦ୍ୱାରା ବର୍ଷା ଦିନେ ଆବଶ୍ୟକ ପରିମାଣର ବର୍ଷା, ଶୀତଦିନେ ଶୀତ ଅନୁଭୁତ ହେଉନାହିଁ। ବସନ୍ତରେ କୋଇଲିର କୁହୁକୁହୁ ଗୀତ ଆଉ ଶୁଣିବାକୁ ମିଳୁନି। ସତେଯେପରି ପ୍ରକୃତିରାଣୀ ମୁହଁ ଫୁଲାଇ ଆମଠାରୁ ଦୂରେଇ ଯାଉଛି। ପ୍ରକୃତି ପାଇଁ ଆଜି ଆମେ ସାଜିଛୁ ଭସ୍ମାସୁର।

ଜନସଂଖ୍ୟା ବୃଦ୍ଧିକୁ ଯଦି ନରୋକା ଯାଏ ତେବେ ନା ଆମେ ରହିବା, ନା ଏ ସଭ୍ୟ ସୁନ୍ଦର ପୃଥିବୀ। ଆମ ବୈଜ୍ଞାନିକମାନେ ଶିଶୁ ଜନ୍ମହାର କମାଇବା ପାଇଁ ଟୀକା ଆବିଷ୍କାରରେ ଲାଗିଛନ୍ତି। ଭଗବାନ କରନ୍ତୁ ସେମାନେ ସଫଳ ହୁଅନ୍ତୁ। ନଚେତ୍ କିଛି ବର୍ଷ ପରେ ପୃଥିବୀର ଜନସଂଖ୍ୟା ବହୁଗୁଣରେ ବଢି ସାରିଥିବ। ସେତେବେଳକୁ ନେଡିଗୋଡ କହୁଣିକି ବୋହି ଯାଇଥିବ, ଏଣୁ ଜନସଂଖ୍ୟା ବୃଦ୍ଧି ଆମ ପାଇଁ ସମ୍ବଳ ନୁହେଁ ବରଂ ଏକ ବିରାଟ ବୋଝ। ଏହା ମୁଁ ଦୃଢତାର ସହ କହି ମୋ ବକ୍ତବ୍ୟ ସଙ୍ଗ କରୁଛି। ଜୟହିନ୍ଦ୍।

ବିତର୍କର ଏହି ନମୁନାରୁ ତୁମେମାନେ ଦେଖିଲ ପ୍ରତିଯୋଗୀ ଜଣକ ଜନସଂଖ୍ୟା ବୃଦ୍ଧି ସମ୍ବଳ ନା ବୋଝ ଶୀର୍ଷକ ବିଷୟ ଉପରେ ନିଜର ସ୍ୱଷ୍ଟ ତଥ୍ୟ ଭିତ୍ତିକ ମତରଖି ଜନସଂଖ୍ୟା ବୃଦ୍ଧି ଆମପାଇଁ ସମ୍ବଳନୁହେଁ ବରଂ ବିରାଟ ବୋଝ ବୋଲି ଦୃଢଭାବେ କହିଲେ। ଏହା ବିତର୍କ ପ୍ରତିଯୋଗୀଙ୍କ ବିଶେଷତ୍ୱ ଓ ବିଷୟଜ୍ଞାନର ପରିଚୟ।

ବିଦ୍ୟାର୍ଥଗଣ, ତୁମେମାନେ ଲକ୍ଷ୍ୟକଲ କଥନ କୌଶଳର ବିଭିନ୍ନ ଦିଗ। ଏସବୁଦିଗ ପ୍ରତି ସତର୍କ ଓ ସଚେତନ ହୋଇ ବକ୍ତବ୍ୟ ଦେଲେ ବକ୍ତୃତା ବା ଭାଷଣ ମନକୁ ଛୁଇଁଥାଏ। ଆମେ ଏପର୍ଯ୍ୟନ୍ତ ଯେତେ କଥା, ଉଦାହରଣ ସହ ଆଲୋଚନା କଲେ ସେଥିରୁ ତୁମେମାନେ ବୁଝିପାରିଥିବ ଯେ ମୁଖସ୍ଥ କରି ବା ଘୋଷି କଥା କୁହାଯାଏନାହିଁ। ବିଦ୍ୟାର୍ଥୀଗଣ! ଆମେ ବକ୍ତୃତା ବା ଭାଷଣ ବିଷୟରେ କେତୋଟି ନମୁନା ଦେଖିଲେ ଏହାକୁ ମଧ୍ୟ ବିତର୍କରେ ବ୍ୟବହାର କରାଯାଇପାରେ। ତେବେ ବିତର୍କରେ ସପକ୍ଷ ଯୁକ୍ତି ବା ବିପକ୍ଷଯୁକ୍ତି ତାହା ସ୍ୱଷ୍ଟ କରି ବକ୍ତବ୍ୟ ରଖାଯାଇଥାଏ। ଧରାଯାଇ ବିତର୍କର ବିଷୟ – 'ଛାତ୍ରମାନେ ରାଜନୀତି କରିବା ଉଚିତ୍ କି ?' ବକ୍ତା ବା ପ୍ରତିଯୋଗୀ ଜଣକ , ମାନନୀୟ ବିଚାରକମଣ୍ଡଳୀ! ଉପସ୍ଥିତ ସାଥୀ ପ୍ରତିଯୋଗୀଗଣ, ଉପସ୍ଥିତ ସୁଧିବୃନ୍ଦ ଇତ୍ୟାଦି ଆବଶ୍ୟକ ସମ୍ବୋଧନ ପରେ ବକ୍ତବ୍ୟ ଆରମ୍ଭରେ ହିଁ ବିଷୟର ସପକ୍ଷରେ ବା ବିପକ୍ଷରେ ଯୁକ୍ତି ବାଢିବାକୁ ଆଗ୍ରହୀ ତାହା ସ୍ୱଷ୍ଟ କରିବା ଆବଶ୍ୟକ । ଯେମିତିକି –

***ବକ୍ତବ୍ୟର ପ୍ରଥମ ଭାଗ*** ; ଛାତ୍ରମାନେ ରାଜନୀତି କରିବା ଉଚିତ୍ କି ? ଏହି ବିଷୟର ସପକ୍ଷର ମୁଁ କହିବାକୁ ଯାଉଛି। ଛାତ୍ରସମାଜ ଦେଶର ଆଶା ଓ ଭବିଷ୍ୟତ। ସେମାନଙ୍କ ଉପରେ ଦେଶ ସବୁବେଳେ ନିର୍ଭର କରିଆସିଛି। ସେମାନେ ରାଜନୀତିରେ ପ୍ରବେଶ କଲେ, ଦେଶ ଗଢିବାରେ ସହଯୋଗ ମିଳେ। ଦେଶଗଠନ ପାଇଁ ଯୁବଶକ୍ତିର ସାମର୍ଥ୍ୟ ସଂପତ୍ତି ସଦୃଶ। ଏହା ରାଜନୀତି ମାଧ୍ୟମରେ ସହଜ ହୋଇଥାଏ। ଅର୍ଥାତ୍ ଯୁବସମାଜ ରାଜନୀତିରେ ଭାଗନେଲେ ଶାସନ ଡୋରି ସେମାନଙ୍କ ହାତକୁ ଆସେ। ଶାସନରେ ସେମାନେ ଅଂଶଗ୍ରହଣ କଲେ ସେମାନଙ୍କ ସାମର୍ଥ୍ୟ ବିନିଯୋଗରେ ଦେଶର ଆସନ୍ତାକାଲି ପାଇଁ ସୁଚିନ୍ତିତ ଖସଡା ତିଆରି କରାଯାଇପାରେ। ଯୁବସମାଜର ବୁଦ୍ଧି, ବଳ, ବିବେକ ରାଜନୀତିରେ ବିନିଯୋଗ କରାଗଲେ ତାହା ଦେଶର ସୁନେଲି ଭବିଷ୍ୟତର ସହାୟକ ହୁଏ।

***ବକ୍ତବ୍ୟର ଦ୍ୱିତୀୟ ଭାଗ ;*** ଭବିଷ୍ୟତ ଭାରତର ବିକାଶ ତାର ଗଠନାତ୍ମକ କାର୍ଯ୍ୟକୁ ନେଇ ହୋଇପାରିବ। ଏହା କେବଳ ଯୁବସମାଜ ଦ୍ୱାରା ସମ୍ଭବ। ଆମେ ସମସ୍ତେ ଜାଣୁ, କାଲି ଆମ ଦେଶର ସ୍ୱାଧୀନତା ନୁହେଁ ବିଶ୍ୱର ବହୁ ପ୍ରସିଦ୍ଧ ସ୍ୱାଧୀନତା ଆନ୍ଦୋଳନ ଯଥା; ଫରାସୀ ବିପ୍ଳବ, ଚାଷ ବିପ୍ଳବ, ଆମେରିକୀୟ ସ୍ୱାଧୀନତା ସମରର ଛାତ୍ର

ସମାଜ, ଯୁବସମାଜ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଯଦି ଆମେ ଆମ ସ୍ୱାଧୀନତା କଥା ଦେଖିବା, ତେବେ ଲକ୍ଷ୍ୟକରୁ ବହୁ ଯୁବକ, ଛାତ୍ର ପ୍ରତ୍ୟକ୍ଷ ରାଜନୀତିରେ ଯୋଗଦେଇଥିଲେ। ଖାଲି ଯୋଗଦେଇନଥିଲେ, ସକ୍ରିୟ ଭାବେ ଭୂମିକା ନିର୍ବାହ କରିଥିଲେ। ରାଜନୀତି ଗୋଟାଏ ଖରାପ କଥା ନୁହେଁ। ରାଜନୀତି ଅପହଞ୍ଚ ଇଲାକା ନୁହେଁ। ଆମ ମାନଙ୍କର ଧାରଣା, ଭଲଲୋକ ରାଜନୀତିକୁ ଆସନ୍ତି ନାହିଁ। ଆମେ ଭାବୁ ରାଜନୀତିରେ ଭଦ୍ରଲୋକମାନେ ରାଜନୀତିରେ ଯୋଗଦିଅନ୍ତି ନାହିଁ। ତେବେ ଏ ଧାରଣା ଭୁଲ୍। ଏଭଳି ଧାରଣାଭ୍ରାନ୍ତ, ଅମୂଳକ। ଛାତ୍ରମାନେ ରାଜନୀତିରେ ଯୋଗଦେବା ଆବଶ୍ୟକ। ଏକଥା ମୁଁ ଦୃଢଭାବେ କହିପାରେ।

***ବକ୍ତବ୍ୟର ତୃତୀୟ ଭାଗ ;-*** ବନ୍ଧୁଗଣ ! ଭଗତ୍ ସିଂ ,ଚନ୍ଦ୍ରଶେଖର ଆଜାଦ୍, ଖୁଦିରାମ ବୋଷ, ଦେଶବନ୍ଧୁ ଚିତ୍ତରଞ୍ଜନ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ପ୍ରମୁଖ ଯେତେ ଆଦର୍ଶ ସ୍ଥାନୀୟ, ଯୁବମାନସର ପ୍ରତୀକ ଆମ ସମ୍ମୁଖରେ ଉଭା ହୁଅନ୍ତି ସେମାନେ ସମସ୍ତେ ଭାରତୀୟ ରାଜନୀତିରେ ଯୋଗ ଦେଇଥିଲେ। ଅବଶ୍ୟ ଏକଥା ସତ ଆଜିକାଲି ରାଜନୀତି କଳୁଷିତ ହୋଇଯାଉଛି। ଗୁଣ୍ଡା, ଅପରାଧୀଙ୍କ ସଂଖ୍ୟା ବଢିବାରେ ଲାଗିଛି। ତେବେ ଏଥିପାଇଁ ଛାତ୍ରମାନେ ରାଜନୀତିରୁ ଦୂରେଇ ରହିବାର କାରଣ ନାହିଁ। ଆମେ ଦେଖିଛେ ଆସାମ ଭଳି ଏକ ସମସ୍ୟା ବହୁଳ ରାଜ୍ୟରେ ଆସାମଗଣ ପରିଷଦ ନାମକ ଛାତ୍ରରାଜନୈତିକ ଦଳ କିଭଳି ନେତୃତ୍ୱ ପରିବର୍ତ୍ତନ କରିପାରିଥିଲା, ନୂଆ ସରକାର ଗଠନ କରି ସମଗ୍ର ଦେଶରେ ଏକ ଉଦାହରଣ ସୃଷ୍ଟି କରିଥିଲା, ଛାତ୍ରମାନେ ମହାବିଦ୍ୟାଳୟ ବିଶ୍ୱବିଦ୍ୟାଳୟ ସ୍ତରରେ ରାଜନୀତିରେ ପ୍ରବେଶ କରିରାଜନୀତିକୁ ସ୍ୱଚ୍ଛ, ନିର୍ମଳ, ଅପରାଧ ମୁକ୍ତକରିବା ଦିଗରେ ଆଗେଇ ଆସନ୍ତୁ। ଦେଶର ନୀତି ଓ ନେତୃତ୍ୱରେ ସେମାନେ ସକ୍ରିୟ ସହେଯାଗ କରି ଆମ ଦେଶକୁ ଆଦର୍ଶସ୍ଥାନୀୟ କରନ୍ତୁ। ଏତିକି ଛାତ୍ର ସମାଜକୁ ନିବେଦନ କରି ମୋ ବକ୍ତବ୍ୟ ଶେଷ କରୁଛି, ଧନ୍ୟବାଦ୍। ଜୟହିନ୍ଦ୍।

***ବିପକ୍ଷ ଯୁକ୍ତି ;*** - ମାନନୀୟ ବିଚାରକ ମଣ୍ଡଳୀ। ମୋର ପ୍ରିୟ ସହଯୋଗୀ ପ୍ରତିଯୋଗୀ ଭାଇ ଓ ଭଉଣୀମାନେ। ଉପସ୍ଥିତ ସୁଧିବୃନ୍ଦ। ଆଜି ଆମ ବିତର୍କର ବିଷୟ - ଛାତ୍ରମାନେ ରାଜନୀତି କରିବା ଉଚିତ୍ କି ? ଏହା ବିପକ୍ଷରେ ମୁଁ କହିବାକୁ ଯାଉଛି। ମୋର ପୂର୍ବବର୍ତ୍ତୀ ବକ୍ତା ଛାତ୍ରମାନେ ରାଜନୀତିରେ ଯୋଗଦେବା ପାଇଁ ଯେଉଁ ସବୁ ଯୁକ୍ତି ବାଢିଛନ୍ତି ସେଥିରେ ମୁଁ ଆଦୌ ସହମତ ନୁହେଁ। ରାଜନୀତି ଏବେ ଏତେ ତଳକୁ ଖସିଗଲାଣି,ଏଥିରେ ଛାତ୍ରମାନେ ପ୍ରବେଶ କରିବା ଆଦୀ ଯଥାର୍ଥ ନୁହେଁ, କି ନିରାପଦ ବି ନୁହେଁ। ରାଜନୀତି ଏବେ ଅପରାଧୀ ମାନଙ୍କ ଚରାଭୂଇଁ ତା କଥା କଥା କେ ଗୁଳି ବନ୍ଧୁକ ମାରଣାସ୍ତ୍ରର ବ୍ୟବହାର, ଭଲଲୋକ, ଭଦ୍ରଲୋକ ରାଜନୀତି କଥା ଶୁଣିଲେ ନାକ ଟେକୁଛନ୍ତି। ଭୟ କରୁଛନ୍ତି। ଛାତ୍ରମାନେ ଏଭଳି ପରିସ୍ଥିତିରେ ରାଜନୀତିକୁ ଆସିବା, ରାଜନୀତି କରିବା ଆଦୌ ସ୍ୱାଗତ ଯୋଗ୍ୟ ନୁହେଁ।

**ବକ୍ତବ୍ୟର ଦ୍ୱିତୀୟ ଭାଗ ;-** ବନ୍ଧୁଗଣ ! ମୋ ପୂର୍ବବର୍ତ୍ତୀ ବକ୍ତା ଭାରତୀୟ ସ୍ୱାଧୀନତା ଠାରୁ ଆରମ୍ଭକରି ବିଶ୍ୱର ବିଭିନ୍ନ ଉଦାହରଣ ଦେଇ ଛାତ୍ରମାନେ ରାଜନୀତି କରିବା ଉଚିତ୍ ବୋଲି ଯେଉଁ ଯୁକ୍ତି କଲେ, ତାହାହାସ୍ୟାସ୍ପଦ। ସେସମୟର ରାଜନୀତି ଓ ଆଜିର ରାଜନୀତି ମଧ୍ୟରେ ଆକାଶ ପାତାଳ ପ୍ରଭେଦ। ସେସମୟରରାଜନୈତିକ ଆବଶ୍ୟକତା , ରାଜନୈତିକ ବିଚାରା ଧାରା , ରାଜନୈତିକ ଇଚ୍ଛାଶକ୍ତି ସର୍ବୋପରି ରାଜନୈତିକ ନେତୃତ୍ୱ ଆଜି ସ୍ୱପ୍ନଭଳି ମନେହୁଏ। ଏବେ ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନରେ ବି ଯେଭଳି ମଦ, ମାଂସ,ଟଙ୍କାର ପ୍ରଭାବଦେଖିବାକୁ ମିଳୁଛି ସେଥିରୁ ରାଜନୀତି କେତେ ତଳକୁ ଗଲାଣି ତାହା ଜଣାପଡେ। ଖାଲି କ'ଣ ସେତିକି। ନିର୍ବାଚନ ଜିତିବା, ହାରିବା ନେଇ ଯେଉଁ ହିଂସା ଦେଖା ଦେଉଛି ତାହା ଭୟର ବାତାବରଣ ଜନ୍ମାଉଛି ସିନା ହେଲେ ରାଜନୀତି କେମିତି ଭଲ ତାହା ବୁଝାପଡୁନାହିଁ। ଛାତ୍ରମାନେ ଦେଶର ଭବିଷ୍ୟତ, ଏକଥା ସତ। ହେଲେ ଭଲ ଡାକ୍ତର, ଅଧ୍ୟାପକ,ଶିକ୍ଷାବିତ୍, ଇଞ୍ଜିନିୟର, ବୈଜ୍ଞାନିକ

ହୋଇ ବି ଦେଶର ସୁନେଲି ଭବିଷ୍ୟତ ଗଢିପାରିବେ। ରାଜନୀତି କରିବା, ରାଜନୀତିରେ ଯୋଗଦେବା ଜରୁରୀ ନୁହେଁ। ରାଜନୀତିଥିଲା ତ୍ୟାଗର କ୍ଷେତ୍ର। ଏବେ ତାହା ଭୋଗକ୍ଷେତ୍ର। ରାଜନୀତିଠାରୁ ଯେତେ ଦୂରରେ ରହିବେ ସେତେ ଭଲ।

***ବକ୍ତବ୍ୟର ତୃତୀୟ ଭାଗ ;-*** ବନ୍ଧୁଗଣ! ଆସାମର ଉଦାହରଣ ଦେଇ ଛାତ୍ରମାନେ ରାଜନୀତି କରିବା ଯୁକ୍ତିକୁ ମୁଁ ଗ୍ରହଣ କରିପାରୁନାହିଁ। ଆଜି କାଲି ସବୁଦିନ ଗଣମାଧ୍ୟମରେ ଆମେ ଦେଖୁଛୁ ରାଜନୈତିକ ହିଂସା, ରାଜନୈତିକ ଶତ୍ରୁତାର ଖବର। ଅଶିକ୍ଷିତ, ଅର୍ଦ୍ଧଶିକ୍ଷିତ, ଅପରାଧମନସ୍କ ବ୍ୟକ୍ତିମାନେ ଏବେ ଅଧିକ ସଂଖ୍ୟାରେ ରାଜନୈତିକରେ ପ୍ରବେଶ କରୁଛନ୍ତି। ରାଜନୀତି ଏବେ ସେମାନଙ୍କ ଆଡ୍‌ଡାସ୍ଥଳୀ, ଛାତ୍ରମାନେ ଅବଶ୍ୟ ପରୋକ୍ଷ ଭାବେ ରାଜନୀତିରେ ଅଂଶଗ୍ରହଣ କରି ରାଜନୀତିକୁ କଳୁଷମୁକ୍ତ କରିବା ଦିଗରେ ସହଯୋଗ କରିପାରନ୍ତି। ହେଲେ ପ୍ରତ୍ୟକ୍ଷ ରାଜନୀତିରେ ଯୋଗଦେଇ ହିଂସା, ଗୁଣ୍ଡାମି, ଅସୂୟା ଇତ୍ୟାଦିଯାବତୀୟ ଅପକର୍ମରେ ଲିପ୍ତ ହେବା ଆଦୌ ଶୁଭଙ୍କର ନୁହେଁବୋଲି ମୁଁ ଦୃଢ ଭାବେ କହିପାରେ। ଛାତ୍ରମାନେ ଦେଶର ଆଶା ଓ ଭବିଷ୍ୟତ। ଏଥିରେ ଦ୍ୱିମତ ନାହିଁ। ସେମାନେ ଅଧ୍ୟୟନରେ ଅଧିକ ସମୟ ବିନିଯୋଗ କରିବା ଆବଶ୍ୟକ। ନିଜର ଶିକ୍ଷା ବା ପାଠପଢା ଦିଗରେ ସେମାନେ ବେଶି ଯତ୍ନଶୀଳ ହେବା ଜରୁରୀ। ସେମାନେ ଉଚ୍ଚଶିକ୍ଷିତ ହେଲେ ଦେଶର ମଙ୍ଗଳ। ଖାଲି ନେତା ହୋଇ ସବୁବେଳେ ରାଜନୀତି କରିବା ବଦଳରେ ଭଲ ଡାକ୍ତର, ଭଲ ଶିକ୍ଷାବିତ୍, ଭଲ ଯନ୍ତ୍ରୀ, ଭଲ ବୈଜ୍ଞାନିକ, ଭଲଶିକ୍ଷକ ହେବା ଶହେ ଗୁଣ ଭଲ। ଛାତ୍ରମାନେ ଜୀବନରେ ଆଦର୍ଶ, ଶୃଙ୍ଖଳା, ଅଧ୍ୟୟନ, ଚରିତ୍ରବତ୍ତାକୁ ଗୁରୁତ୍ୱ ଦେବା ଉଚିତ୍। ମୁଁ ମୋ ବକ୍ତବ୍ୟ ଶେଷ କରିବାପୂର୍ବରୁ ପୁଣିଥରେ କହିବାକୁ ଚାହେଁ ଛାତ୍ରମାନେ ରାଜନୀତିରେ ଯୋଗଦେବା ଅନୁଚିତ୍। ଏତିକି କହି ମୋ ବକ୍ତବ୍ୟ ସଙ୍ଗକରୁଛି। ଜୟହିନ୍ଦ୍।

ବିଦ୍ୟାର୍ଥୀଗଣ! ତୁମେମାନେ ବକ୍ତୃତା ଓ ବିତର୍କର ଉଦାହରଣ ଦେଖିଲ। ଦଳଗତ ଆଲୋଚନାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ବିଷୟରେ ବୁଝିଲ। ଏବେ ଆସ ଆଉ ଗୋଟିଏ ଦଳଗତ ଆଲୋଚନାର ଉଦାହରଣକୁ ତର୍ଜମା କରିବା। ଧରାଯାଉ ଏହି ଦଳଗତ ଆଲୋଚନାଟି ଗୋଟିଏ ପରୀକ୍ଷା ବା ପରୀକ୍ଷାର ଗୋଟିଏ ଅଂଶବିଶେଷ ଏଥିରେ ପାଞ୍ଚଜଣ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି। ବିଷୟବସ୍ତୁ ରଖାଯାଇଛି। **ଯୌତୁକ ବ୍ୟାଧି ପାଇଁ ନାରୀ ଅପେକ୍ଷା ପୁରୁଷ ଦାୟୀ।** ପ୍ରତିଯୋଗୀଗଣ ଏହା ପରୀକ୍ଷା ହୋଇଥିବାରୁ ନମ୍ବର ପାଇବାପାଇଁ ଯଥାର୍ଥ ଯୁକ୍ତି ସହ ସପକ୍ଷ ବିପକ୍ଷ ମତ ରଖିପାରିବେ। ସଂଯୋଜକ ବା ପରୀକ୍ଷକ ପ୍ରତିଯୋଗୀ ମାନଙ୍କୁ ଏହି ଦଳଗତ ଆଲୋଚନାକୁ ସ୍ୱାଗତ କରି ବିଷୟବସ୍ତୁ ବିଷୟରେ ଅବଗତ କରାଯାଇପାରେ ପ୍ରତ୍ୟେକ ପ୍ରତିଯୋଗୀ ନିଜସ୍ୱ ମତ ଉପସ୍ଥାପନ କରିବେ। ଯେମିତିକି -

***ପ୍ରଥମ ପ୍ରତିଯୋଗୀ*** - ସୁପ୍ରଭାତ ବନ୍ଧୁଗଣ! ଆଜି ଆମର ଆଲୋଚ୍ୟ ବିଷୟ ଗୋଟିଏ ବିତର୍କର ବିଷୟ।ଏହାକୁ ଆମେ ବିବାଦୀୟ ବି କହିପାରିବା। ସମାଜରେ ଆଜି ଯୌତୁକ ଯେଉଁଳି ବ୍ୟାଧି ଭଳି ମାଡି ମାଡି ଚାଲିଛି, ତାହା ସତରେ ଭୟଙ୍କର। ଏଥିପାଇଁ ପୁରୁଷଦାୟୀ ବୋଲି ପ୍ରସଙ୍ଗ ରହିଛି। ମୁଁ ଏହି ପ୍ରସଙ୍ଗସହ ଏକମତ। ଆମ ସମାଜ ଗୋଟିଏ ପୁରୁଷ ପ୍ରଧାନ ସମାଜ। ପୁରୁଷ ଚାହିଁଲେ ଯୌତୁକ କଳଙ୍କରୁ ସମାଜକୁ ମୁକ୍ତ କରାଯାଇପାରିବ। ପୁରୁଷ ଇଚ୍ଛା ପ୍ରକାଶ କଲେ ଯୌତୁକ ବ୍ୟାଧିର ମୂଳୋତ୍ପାଟନ କରାଯାଇପାରିବ । ପୁରୁଷର ଲୋଭ, ଲାଳସା, ଇଚ୍ଛାଶକ୍ତି ଯୌତୁକକୁ ପ୍ରଶ୍ରୟ ଦେଇଛି।

**ଦ୍ୱିତୀୟ ପ୍ରତିଯୋଗୀ** - ବନ୍ଧୁଗଣ! ମୁଁ ମୋ ପୂର୍ବବର୍ତ୍ତୀ ବକ୍ତାଙ୍କ ସହି ଏକମତ। ଯୌତୁକ ନେବା ଓ ଦେବା ଉଭୟ ଅପରାଧ ବୋଲି ଜାଣି ସୁଦ୍ଧା ଏହାକୁ ପ୍ରତ୍ୟେକ୍ଷ, ପରୋକ୍ଷରେ ପ୍ରଶ୍ରୟ ଦେଇଆସିଛି। ତେଣୁ ମୋ ମତରେ ଯୌତୁକ

ମାଗିବା ପଛରେ ପୁରୁଷର ହାତ ବେଶି । ପୁରୁଷ ବେଶି ପରିମାଣରେ ଦାୟୀ ।

**ତୃତୀୟ ପ୍ରତିଯୋଗୀ –** ବନ୍ଧୁଗଣ ! ମୋର ଦୁଇ ପୂର୍ବବର୍ତ୍ତୀ ବକ୍ତା ନିଜ ନିଜର ମତାମତ ରଖିଛନ୍ତି । ଯୌତୁକ ବ୍ୟାଧି ବୃଦ୍ଧି ପାଇଁ ପୁରୁଷମାନେ ବେଶି ଦାୟୀ ବୋଲି କହିଛନ୍ତି । ମୁଁ ମୋ ଦୁଇବନ୍ଧୁଙ୍କ ସହ ଏକମତ ହୋଇପାରୁନାହିଁ । ସେମାନଙ୍କ ଯୁକ୍ତି ହାସ୍ୟାସ୍ପଦ । ସମାଜ ଉଭୟ ପୁରୁଷ ଓ ନାରୀଙ୍କୁ ନେଇ ଗଠିତ ହୋଇଥାଏ । ତେଣୁ ଭଲମନ୍ଦ, ହସକାନ୍ଦରେ ଉଭୟ ସମପରିମାଣରେ ଦାୟୀ, ଖାଲି ପୁରୁଷମାନେ ଦାୟୀ କହିବା ଅଯୌକ୍ତି । ଧନ୍ୟବାଦ ।

**ଚତୁର୍ଥ ପ୍ରତିଯୋଗୀ –** ବନ୍ଧୁଗଣ ! ମୁଁ ମଧ ମୋର ପୂର୍ବବର୍ତ୍ତୀ ବକ୍ତାଙ୍କ ସହ ଏକମତ । ଯୌତୁକ ପାଇଁ ପୁରୁଷ ଖାଲି ନୁହେଁ, ନାରୀମଧ ଦାୟୀ । ମୁଁତ କହିବି ବେଶି ପରିମାଣରେ ନାରୀ ଦାୟୀ । ଆପଣମାନେ ସମସ୍ତେ ଗଣମାଧ୍ୟମ ଦେଖିଥିବେ, ପଢୁଥିବେ ।ଯୌତୁକ ଜନିତ ନିର୍ଯାତନା ମାମଲାରେ ଅଧିକାଂଶତଃ ଶାଶୂ, ନଣନ୍ଦ,ସଂପର୍କୀୟା ମହିଳାମାନଙ୍କର ଭୂମିକା ବେଶି । ଗୋଟିଏ ଝିଅ ବା କନ୍ୟାକୁ ସେମାନଙ୍କ ତରଫରୁ ବେଶି ନିର୍ଯାତନା ଦିଆଯାଇଥିବାର ଅଭିଯୋଗ ହୋଇଆସୁଛି । ତେଣୁ ନାରୀମାନେ ବେଶି ଦାୟୀ ।

**ପଞ୍ଚମ ପ୍ରତିଯୋଗୀ –** ବନ୍ଧୁଗଣ ! ଯୌତୁକ ଭଳି ଏକ ସ୍ପର୍ଶକାତର ପ୍ରସଙ୍ଗରେ ଆମେ ଖାଲି ପୁରୁଷ କି ଖାଲିନାରୀଙ୍କୁ ଦାୟୀ କରିବା ଠିକ୍ ନୁହେଁ । ଅବଶ୍ୟ ମୁଁ ବିଶ୍ୱାସ କରେ ଯେ, ଯଦି ପୁରୁଷ ସମାଜ ଯୌତୁକକୁ ପ୍ରତ୍ୟାଖ୍ୟାନ କରନ୍ତି, ଏହାର ମୂଳୋତ୍ପାଟନ ସହଜ ହୋଇପାରିବ । ଯୌତୁକ ପ୍ରଥାର ବିଲୋପହେଲେ ଆମ ସମାଜ ସୁସ୍ଥ ଓ ସୁନ୍ଦର ହୋଇପାରିବ । ଧନ୍ୟବାଦ୍ ।

**ପ୍ରଥମ ପ୍ରତିଯୋଗୀ –** ଆମେ ଯୌତୁକ ବିରୋଧରେ ଲୋକମାନଙ୍କୁ ସଚେତନ କରିବା । ପୁରୁଷମାନେ ଏକାଠି ହୋଇ ଯୌତୁକ ଦେବା, ଯୌତୁକ ନେବା ବିରୋଧରେ ଦୃଢ ସ୍ୱର ଉତ୍ତୋଳନ କରିବା ଆବଶ୍ୟକ । ଯୌତୁକକୁ ନିନ୍ଦା କରିବା ଉଚିତ୍ । ଧନ୍ୟବାଦ୍ ।

**ଦ୍ୱିତୀୟ ପ୍ରତିଯୋଗୀ –** ଯଦି ଆମ ସମାଜରୁ ଯୌତୁକ ପ୍ରଥାର ବିଲୋପ ହୋଇପାରେ ତେବେ ତାହା ଯୁବସମାଜପାଇଁ ମଙ୍ଗଳକର । ଖାଲି ସରକାରୀ ସ୍ତରରେ କାନୁନ କି କଟକଣା କରାଯିବା ଯଥେଷ୍ଟ ନୁହେଁ । ଏଥିପାଇଁ ସଚେତନତା ଜରୁରୀ । ଧନ୍ୟବାଦ ।

**ତୃତୀୟ ପ୍ରତିଯୋଗୀ –** ମୁଁ ମୋର ମତ ପୁଣିଥରେ ଦୋହରାଉଛି । ଉଭୟ ପୁରୁଷ ଓ ନାରୀ ଯୌତୁକ ପ୍ରଥାର ପ୍ରସାର ପାଇଁ ସମପରିମାଣରେ ଦାୟୀ । ତାଛଡା ଖାଲି ସରକାରୀ କାନୁନ କି କଟକଣା ଏହାର ବିଲୋପ ପାଇଁ ଯଥେଷ୍ଟ ନୁହେଁ । ଏଥିପାଇଁ ପଲ୍ଲୀଠାରୁ ସହରଯାଏଁ ବ୍ୟାପକ ସଚେତନତା ଜରୁରୀ, ଧନ୍ୟବାଦ ।

**ଚତୁର୍ଥ ପ୍ରତିଯୋଗୀ –** ଯାହା ମୁଁ କହୁଥିଲି,ଯୌତୁକ ଜନିତ ଝଗଡା ଅଧିକାଂଶ ସମୟରେ ଶାଶୂ ଓ ବୋହୂଙ୍କ ମଧ୍ୟରେ ହୋଇଥାଏ । ଏଥିରେ ମଧ ଅବିବାହିତ ବା ବିବାହିତା ନଣନ୍ଦଙ୍କ କିଛି ନା କିଛି ଭୂମିକା ଥିବାର ଅଭିଯୋଗ ହୁଏ । ତେଣୁ ନାରୀମାନେ ହିଁ ଏହିପ୍ରଥା ବିରୋଧରେ ଏକାଠି ହୋଇ ଦୃଢ ବିରୋଧ କରିବା ଯଥାର୍ଥ ।

**ପଞ୍ଚମ ପ୍ରତିଯୋଗୀ** – ବନ୍ଧୁମାନେ ଆଜିର ଆଲୋଚନାକୁ ଖୁବ୍ ସୁନ୍ଦର କରିଦେଲେ , ଉଭୟ ସପକ୍ଷ ଓ ବିପକ୍ଷ ଯୁକ୍ତିର ଯଥାର୍ଥତା ରହିଛି । ମୋ ମତରେ ଉଭୟ ନାରୀ ଓ ପୁରୁଷ ଏହି ଘୃଣ୍ୟ ପ୍ରଥା ବିରୋଧରେ ଏକଜୁଟ ହେବା ଆବଶ୍ୟକ, ଧନ୍ୟବାଦ ।

ସଞ୍ଚାଳକ / ପରୀକ୍ଷକ – ପ୍ରଥମ ପ୍ରତିଯୋଗୀଙ୍କ ଆଲୋଚନା ସୁନ୍ଦର ଦ୍ୱିତୀୟ ପ୍ରତିଯୋଗୀଙ୍କ ପ୍ରତିବାଦ, ତୃତୀୟ ପ୍ରତିଯୋଗୀଙ୍କ ଯୁକ୍ତିର ସାରବତ୍ତା, ଚତୁର୍ଥ ପ୍ରତିଯୋଗୀଙ୍କ ଯୁକ୍ତି ମଧ ଗ୍ରହଣୀୟ, ତେବେ ପଞ୍ଚମ ପ୍ରତିଯୋଗୀ ସମସ୍ତ

ପ୍ରତିଯୋଗୀଙ୍କ ସାଂରାଶ କହିବା ଭଳି ମନେହେଲା । ସେ ନିଜସ୍ୱ ମତ ଉପସ୍ଥାପନ କରିପାରିଲେ ନାହିଁ । ଏହି ଦଳଗତ ଆଲୋଚନାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ପ୍ରତିଯୋଗୀ ଉତ୍ତୀର୍ଣ୍ଣ ହୋଇଥିବାବେଳେ ପଞ୍ଚମ ପ୍ରତିଯୋଗୀ ଉତ୍ତର୍ଣ୍ଣ ହୋଇପାରିଲେ ନାହିଁ । ବିଦ୍ୟାର୍ଥୀଗଣ ମନେରଖ, ଦଳଗତ ଆଲୋଚନାରେ ନିଜର ବକ୍ତବ୍ୟକୁ ସୁନ୍ଦରଭାବେ ଉପସ୍ଥାପନ କରିପାରିଲେ ତାହା ପ୍ରଭାବ ପକାଇଥାଏ । ଦଳଗତ ଆଲୋଚନାରେ ପ୍ରତିଯୋଗୀର ବ୍ୟକ୍ତିତ୍ୱ ସହ ବୁଦ୍ଧି ଓ ଜ୍ଞାନର ପରୀକ୍ଷା କରାଯାଏ । ତ୍ରୁଟିପୂର୍ଣ୍ଣ , ଅସଜଡା ବା ଅପ୍ରାସଙ୍ଗିକ ଉପସ୍ଥାପନାକୁ ଦଳଗତ ଆଲୋଚନାର ପରୀକ୍ଷକ ବା ବିଚାରକ ଗ୍ରହଣ କରନ୍ତି ନାହିଁ । ତେଣୁ ପୂର୍ବପ୍ରସ୍ତୁତି ସବୁବେଳେ ଉପସ୍ଥାପନାପାଇଁ ଦରକାରୀ ସାବ୍ୟସ୍ତ ହୋଇଥାଏ । ନିଜର ବେଶପୋଷାକ ସହ ଭାଷାର ଶୁଦ୍ଧତା, ଯୁକ୍ତିର ଯଥାର୍ଥତା ଓ ଉପସ୍ଥାପନ କୌଶଳକୁ ବିଚାର କରାଯାଇ ନମ୍ବର ଦିଆଯାଇଥାଏ । ଦଳଗତ ଆଲୋଚନାରେ ଚାରି ବା ତଦୁର୍ଦ୍ଧ୍ୱପ୍ରତିଯୋଗୀ ଅଂଶ ଗ୍ରହଣ କରୁଥିଲେ ମଧ୍ୟ ପ୍ରତ୍ୟେକ ପ୍ରତିଯୋଗୀଙ୍କ ବୃଦ୍ଧିମତ୍ତା, ଜ୍ଞାନର ଗଭୀରତା, ଯୁକ୍ତି ବିଶ୍ଳେଷଣକୁ ବ୍ୟକ୍ତିଗତ ଭାବେ ଲକ୍ଷ୍ୟ କରାଯାଇ ଜଣେ କେମିତି ଯୁକ୍ତି କରୁଛନ୍ତି ଏବଂ ଆର ଜଣକ କେମିତି ସେହି ଯୁକ୍ତିର ଖିଅଧରି କଥାଟିକୁ ଆଗେଇନେଉଛନ୍ତି ତାହା ବିଚାର କରିବାର ମାନଦଣ୍ଡ ହୋଇଥାଏ । ଦଳଗତ ଆଲୋଚନାର ବିଷୟ ବା ପ୍ରସଙ୍ଗଟି ଏପରି ଯେ ତାହା ସପକ୍ଷ ଓ ବିପକ୍ଷ ମତ ବାଢିବାର ସୁଯୋଗ ଦେଇଥାଏ । ବିତର୍କରେ ବକ୍ତାଜଣକ ପ୍ରସଙ୍ଗର ସପକ୍ଷ ବା ବିପକ୍ଷରେ ଏକୁଟିଆ କହେ । ଦଳଗତ ଆଲୋଚନାରେ ଅନ୍ୟର ସହଯୋଗ ମିଳେ । ସପକ୍ଷମତ ପାଇଁ ସମର୍ଥନ ଥାଏ । ବକ୍ତୃତାରେ ପ୍ରସଙ୍ଗ ଉପରେ ଆଲୋକପାତ କରାଯାଏ । ଏଥିରେ ସପକ୍ଷ ବା ବିପକ୍ଷର ସୁଯୋଗ ନଥାଏ । ବିତର୍କରେ ସେହି ସୁଯୋଗ ଅବଶ୍ୟ ଥାଏ । ଦଳଗତ ଆଲୋଚନା ସପକ୍ଷ ଓ ବିପକ୍ଷଯୁକ୍ତିର ସମନ୍ୱୟ କରେ । ବକ୍ତୃତା,ବିତର୍କ ଦଳଗତ ଆଲୋଚନା ବିଷୟରେ ଆମେ ତ ଆଲୋଚନା କଲେ ଏସବୁ ବିଷୟରେ ଉଦାହରଣ ସହ ବୁଝିଲେ । ଏବେ ଆମେ ସାକ୍ଷାତ୍କାର (Interview) ବିଷୟରେ ଆଲୋଚନା କରିବା । ବିଦ୍ୟାର୍ଥୀଗଣ ! ତୁମେମାନେ ଜାଣ ଯେ, ସରକାରୀ ବା ବେସରକାରୀ ସ୍ତରରେ ଯେ କୌଣସି ପଦବୀରେ ନିଯୁକ୍ତିପାଇଁ ସାକ୍ଷାତ୍କାର ଗୋଟିଏ ପ୍ରମୁଖ ପରୀକ୍ଷାଭାବେ ବିବେଚିତ ହୋଇଆସିଛି । ସାକ୍ଷାତ୍କାରରୁ ପ୍ରାର୍ଥୀର ବ୍ୟକ୍ତିତ୍ୱ ସହ ବୁଦ୍ଧି ଓ ଜ୍ଞାନର ବିଚାର କରନ୍ତି ପରୀକ୍ଷକ ମଣ୍ଡଳୀ ବା ଚୟନ ସମିତି । ପ୍ରାର୍ଥୀଙ୍କର ବେଶପୋଷାକ, କଥା କହିବା ଭଙ୍ଗୀ, କୌଣସି ପ୍ରସଙ୍ଗରେ ତାଙ୍କର କେତେଜ୍ଞାନ ଅଛି ସେସବୁର ବିଚାର କରାଯିବା ସହ ଆଞ୍ଚଳିକ ଠାରୁ ଅନ୍ତର୍ଜାତୀୟ ପର୍ଯ୍ୟନ୍ତ ବିଭିନ୍ନ ସମସ୍ୟା ବା ବିଷୟ ଉପରେ ତାଙ୍କର ବିଶ୍ଳେଷଣାତ୍ମକ ଦୃଷ୍ଟିଭଙ୍ଗୀ ସର୍ବୋପରି ସାଧାରଣ ଜ୍ଞାନକୁ ଗୁରୁତ୍ୱର ସହ ବିଚାର କରାଯାଏ । ପଦବୀପାଇଁ ପ୍ରର୍ଥଜଣକ ଉପଯୁକ୍ତ ନା ଅନୁପଯୁକ୍ତ,ଯୋଗ୍ୟ ନା ଅଯୋଗ୍ୟ ତାହା ମାପିବା ପାଇଁ  ସାକ୍ଷାତ୍କାର ନିର୍ଣ୍ଣାୟକ ଭୂମିକା ନେଇଥାଏ । ଲିଖିତ ପରୀକ୍ଷାର ନମ୍ବର ଆଧାରରେ ସାକ୍ଷାତ୍କାର ପାଇଁ ପ୍ରାର୍ଥୀମାନଙ୍କୁ ଅନେକ କ୍ଷେତ୍ରରେ ଡକାଯାଉଥିଲେ ହେଁ ଏବେ ଉଭୟ ସରକାରୀ ଓ ବେସରକାରୀକୁ ଚାକିରି ପାଇଁ ଅନେକ ସମୟରେ କେବଳ ସାକ୍ଷାତ୍କାରକୁ ପରୀକ୍ଷା ଭାବରେ ଗ୍ରହଣ କରାଯାଉଛି । ସାକ୍ଷାତ୍କାର ପାଇଁ ଡକରାପାଇଁ ପ୍ରାଥୀଜଣକ ବିସ୍ତୃତ ଭାବେ ବିଧିବଦ୍ଧ ପ୍ରସ୍ତୁତ କରିଥାଏ । ଏହି ପ୍ରସ୍ତୁତି ଉପରେ ସାକ୍ଷାତ୍କାରର ସଫଳତା ଓ ବିଫଳତା ନିର୍ଭରକରେ ସାକ୍ଷାତ୍କାରରେ ଉପସ୍ଥାପନା ଶୈଳୀ ବା କୌଶଳର ଗୁରୁତ୍ୱ ନଥାଏ ସତ ହେଲେ ପ୍ରଶ୍ନର ଉତ୍ତରବେଳେ କଥା ଚାତୁରୀ, ତଥ୍ୟ ଓ ସତ୍ୟର ଦୃଷ୍ଟାନ୍ତ,ଯଥାର୍ଥ ଯୁକ୍ତି ଦେଖାଯାଏ । ସାକ୍ଷାତ୍କାର ସମୟରେ ପ୍ରାର୍ଥୀ ସବୁବେଳେ ନିଜର ଆଗ୍ରହ, ଧୈର୍ଯ୍ୟ ପ୍ରଦର୍ଶନ କରିବା ଉଚିତ୍ । କ'ଣ ପଚରାଯାଉଛି, ଉତ୍ତର କ'ଣ କୁହାଯିବ ସେଥିପତି ଧ୍ୟାନଦେଇ ସ୍ୱଷ୍ଟମତ ଦେବା ଦରକାର । ନିଜର ଉତ୍ତର ସମୟରେ ଅଧିକ ଭାବପ୍ରବଣ ବା ଉତ୍ତେଜିତ ହେବା ଅନାବଶ୍ୟକ । ସବୁକ୍ଷେତ୍ରରେ ସନ୍ତୁଳନ ରକ୍ଷା କରି ଉତ୍ତର ଦେଲେ ତାହା

ଚୟନକର୍ତ୍ତା ବା ଚୟନସମିତିର ଦୃଷ୍ଟି ଆକର୍ଷଣ କରିଥାଏ। ବିଦ୍ୟାର୍ଥୀଗଣ ! ତୁମେମାନେ ଜାଣ ଯେ ସାକ୍ଷାତ୍‌କାରବେଳେ ପ୍ରାର୍ଥୀର ବ୍ୟକ୍ତିତ୍ୱ ସହ ଉତ୍ତରଦେବାର ଭଙ୍ଗୀ ସହ ବ୍ୟକ୍ତିତ୍ୱର ବିଭିନ୍ନ ଦିଗର ମୂଲ୍ୟାୟନ କରାଯାଏ। ଲିଖିତ ପରୀକ୍ଷା ପରେ ସାକ୍ଷାତ୍‌କାର ପରୀକ୍ଷା ଯେଉଁ କ୍ଷେତ୍ରରେ ଥାଏ, ସେଠାରେ ହୁଏତ ସାକ୍ଷାତ୍‌କାର ପାଇଁ ନମ୍ବର ଅଧିକ ନଥାଏ ତେବେ ଚୟନପାଇଁ ଏହାର ଭୂମିକା ନିର୍ଣ୍ଣାୟକ ହୋଇଥାଏ। ତେବେ ଯେଉଁ କ୍ଷେତ୍ରରେ କେବଳ ସାକ୍ଷାତ୍‌କାରକୁ ଚୟନର ମାଧ୍ୟମ ବା ଏକମାତ୍ର ପରୀକ୍ଷାଭାବେ ଗ୍ରହଣ କରାଯାଇଥାଏ ସେଠାରେ ସାକ୍ଷାତ୍କାର ସାମଗ୍ରିକ ଭାବେ ପ୍ରାର୍ଥୀର ପରୀକ୍ଷା କରିଥାଏ। ପ୍ରାର୍ଥୀ ଜଣକ ସାକ୍ଷାତ୍‌କାର ଗୃହକୁ ଆସିବା ଠାରୁ ବିଦାୟ ନେବା ପର୍ଯ୍ୟନ୍ତ ବିଚାର କରି ନମ୍ବର ଦିଆଯାଇଥାଏ। ପ୍ରାର୍ଥୀଜଣକ ମୁଁ ଭିତରକୁ ଆସିପାରେ କି ? କହି ଅନୁମତି ନେଇ ଭିତରକୁ ପ୍ରବେଶ କରିବାଠାରୁ ଅଧକ୍ଷ ବା ପରୀକ୍ଷକ ମଣ୍ଡଳୀଙ୍କୁ ଧନ୍ୟବାଦ୍ ବିଦାୟ ନେବା ପର୍ଯ୍ୟନ୍ତ ପ୍ରତିକ୍ଷେତ୍ରରେ ପ୍ରାର୍ଥୀର ବ୍ୟକ୍ତତ୍ୱ ଓ ବୃଦ୍ଧିର ସନ୍ତୁଳନକୁ ମପାଯାଏ। ଭୟ ବା ଭୀରୁତା ଯଦି ପ୍ରାର୍ଥୀଠାରେ ଲକ୍ଷ୍ୟ କରାଯାଏ ତେବେ ତାହା ପ୍ରାର୍ଥୀ ବିପକ୍ଷରେ ଯାଇଥାଏ। ପ୍ରାର୍ଥୀ ସାମଗ୍ରିକ ଭାବେ ନିଜ ବିଷୟ ସହ ବିଶ୍ୱ ବିଷୟରେ କେତେ ଜାଣିଛି ତାହାର ପରୀକ୍ଷା ପାଇଁ ଭଲ ମାଧ୍ୟମ ସାକ୍ଷାତ୍‌କାର। ସାକ୍ଷାତ୍କାରରେ ପ୍ରାର୍ଥୀର ବ୍ୟକ୍ତିଗତ ବିଷୟ ସହ ମହାବିଦ୍ୟାଳୟ ବା ବିଶ୍ୱବିଦ୍ୟାଳୟ ସ୍ତରରେ ନେଇଥିବା ବିଷୟକଥା ପଚରାଯାଏ। ଯଦି ଲିଖିତ ପରୀକ୍ଷାଟି ବିଷୟ ଭିତ୍ତିକ ହୋଇଥାଏ ଏବଂ ଲିଖିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ମୌଖିକ ବା ସାକ୍ଷାତ୍‌କାର ପରୀକ୍ଷା ପାଇଁ ପ୍ରାର୍ଥୀ ମନୋନୀତ ହୋଇଥାନ୍ତି ତେବେ ପ୍ରାର୍ଥୀଙ୍କୁ ତାଙ୍କ ଲିଖିତ ପରୀକ୍ଷାର ବିଷୟ ପଚରାଯାଇ ସେଥିରେ ତାଙ୍କର ଆଗ୍ରହ ବା ରୁଚି ସହ ସେହି ବିଷୟରେ ଗଭୀରତା କଥା ଦେଖାଯାଏ। ସାକ୍ଷାତ୍‌କାରରେ ପ୍ରାର୍ଥୀଙ୍କ ପସନ୍ଦ ଅପସନ୍ଦ, ଲକ୍ଷ୍ୟ, ଜୀବନଶୈଳୀ କଥା ମଧ୍ୟ ପଚରାଯାଏ, ଯାହାକି ତାଙ୍କ ବ୍ୟକ୍ତିତ୍ୱର ପରିମାପକ। ବ୍ୟକ୍ତିର ବ୍ୟକ୍ତିତ୍ୱ, ବ୍ୟକ୍ତିତ୍ୱର ବିଭିନ୍ନ ଦିଗ,ବ୍ୟକ୍ତିର ସାଧାରଣ ଜ୍ଞାନ, ବ୍ୟକ୍ତିର ବିଷୟ ଜ୍ଞାନ, ବ୍ୟକ୍ତିର ସେହି ପଦବୀପାଇଁ ଆଗ୍ରହ ଇତ୍ୟାଦି ସାକ୍ଷାତ୍‌କାରରେ ବିଚାର କରାଯାଇବ୍ୟକ୍ତି ଜଣକ ଆବେଦନ କରିଥିବା ପଦବୀଟି ପାଇଁ ଉପଯୁକ୍ତ ନା ଅନୁପଯୁକ୍ତ ତାହା ନିର୍ଦ୍ଧାରଣ କରାଯାଏ। ସାକ୍ଷାତ୍‌କାରରେ ଉତ୍ତର ଦେବାର ମୌଳିକତା, ଉତ୍ତରଦେବାର ନିଜସ୍ୱ ଶୈଳୀ, ପ୍ରଭାବିତ କରିପାରୁଥିବା ଦକ୍ଷତା ବା ସାମର୍ଥ୍ୟକଥା ପରୀକ୍ଷକ ମଣ୍ଡଳୀ ଧ୍ୟାନ ପୂର୍ବକ ଲକ୍ଷ୍ୟ କରନ୍ତି। ସାକ୍ଷାତ୍‌କାର ଅନେକ ସମୟରେ ଜଣେ ଅଧକ୍ଷ (Chairman) ଏବଂ ଦୁଇ ବା ତିନିଜଣ ସଦସ୍ୟ (Member) ଙ୍କୁ ନେଇ ଗଠିତ ବୋର୍ଡ ଦ୍ୱାରା ହୋଇଥାଏ। ତେବେ ବେଳେ ବେଳେ ବ୍ୟତିକ୍ରମ ବି ଦେଖାଯାଏ। ସିଧାସଳଖ ଜଣେ ଅଧକ୍ଷ ସାକ୍ଷାତ୍‌କାର ନେଇପାରନ୍ତି। ଏହା ପଦବୀର ଆବଶ୍ୟକତା, ପଦବୀ ସଂଖ୍ୟା, ପଦବୀପାଇଁ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀମାନଙ୍କ ସଂଖ୍ୟା ଇତ୍ୟାଦି ଉପରେ ନିର୍ଭର କରିଥାଏ। କେତେକ ଛୋଟ ଛୋଟ ସାମୟିକ ପଦବୀ ପୂରଣ ପାଇଁ ସାକ୍ଷାତ୍‌କାର ସିଧାସଳଖ ଏହି ଭଳି ହୋଇଥାଏ। ଧରାଯାଉ କୌଣସି ମହାବିଦ୍ୟାଳୟ ବା ବିଶ୍ୱବିଦ୍ୟାଳୟର ଯେ କୌଣସି ପ୍ରକଳ୍ପ (Project) ବା ବୃତ୍ତି (Scholarship) ପାଇଁ ଯୋଗ୍ୟ ପ୍ରାର୍ଥୀଚୟନ କରାଯିବାକୁ ହୁଏ, ତେବେ ସେ କ୍ଷେତ୍ରରେ ସେହି ବିଭାଗ ବା ପ୍ରକଳ୍ପ ମୁଖ୍ୟ (Project Head) ଅଥବା ଜଣେ ବିଷୟ ବିଶାରଦ ବା Subject Expert ଯୋଗ୍ୟପ୍ରାର୍ଥୀମାନଙ୍କର ସାକ୍ଷାତ୍‌କାର ନେଇ ସେହି ନିର୍ଦ୍ଦିଷ୍ଟ ବିଷୟରେ କେତେ ଜ୍ଞାନ ଅଛି, ସେହି ପ୍ରକଳ୍ପ ବା ବୃତ୍ତି ପାଇଁ କେତେ ଯୋଗ୍ୟ ତାହା ବିଚାର କରିପାରନ୍ତି। ସାକ୍ଷାତ୍‌କାର ଭିତ୍ତିରେ ପ୍ରାର୍ଥୀଙ୍କର ବିଷୟ ଦକ୍ଷତା ସହ ବ୍ୟକ୍ତିତ୍ୱର ବିଭିନ୍ନ ଦିଗର ଆକଳନ ହୁଏ। ଯଦି ଉତ୍ତର ଘୋଷି ବା ମୁଖସ୍ଥ କରି ପ୍ରାର୍ଥୀ ମନେପକାଇ ବା ମନଇଚ୍ଛା ଉତ୍ତର ଦେଇଥାନ୍ତି, ତେବେ ତାହା ଚୟନ ସମିତି ବା ବୋର୍ଡର ଦୃଷ୍ଟି ଆକର୍ଷଣ କରି ନଥାଏ। ଅର୍ଥାତ୍ ପ୍ରାର୍ଥୀଜଣକ ଯେ ଯୋଗ୍ୟନୁହେଁ ଏବଂ ତାଙ୍କର ଜ୍ଞାନ ଗରିମା ଯେ ମୌଳିକ ଓ ସ୍ୱଚ୍ଛ ନୁହେଁ ତାହା ସେମାନେ ହୃଦ୍‌ବୋଧ କରନ୍ତି।

## ୩. ୧ .୬ ସମ୍ଭାବ୍ୟ ଦୀର୍ଘ ଉତ୍ତରମୂଳକ ପ୍ରଶ୍ନାବଳୀ

(କ) ଦଳଗତ ଆଲୋଚନା କହିଲେ କ'ଣ ବୁଝ ? ଗୋଟିଏ ନମୁନା ସହ ଆଲୋଚନା କର।

(ଖ) ଦଳଗତ ଆଲୋଚନା ବକ୍ତୃତାଠୁ କିଭଳି ପୃଥକ୍ ଉଦାହରଣ ସହ ବୁଝାଇଲେଖ।

(ଗ) ବିତର୍କ ଓ ବକ୍ତୃତାରେ ପ୍ରତିଯୋଗୀର ଅଂଶଗ୍ରହଣ କିଭଳି ଦଳଗତ ଆଲୋଚନାଠୁ ଅଲଗା ବୁଝାଇଲେଖ।

(ଘ) ସାକ୍ଷାତ୍‌କାର କହିଲେ କ'ଣ ବୁଝ ? ପରୀକ୍ଷାରେ ଏହାର ଆବଶ୍ୟକତା କ'ଣ ବୁଝାଇ ଲେଖ।

(ଙ) ସାକ୍ଷାତ୍‌କାର, ସ୍ୱଗତକଥନ, ସଂଳାପଭଙ୍ଗୀ ଏକାକଥା ନା ଅଲଗା ସଦୃଷ୍ଟାନ୍ତ ବୁଝାଇଲେଖ।

ବକ୍ତୃତା, ଦଳଗତ ଆଲୋଚନା, ଭାଷା ଓ ସାହିତ୍ୟ ବିଷୟରେ ଅଧିକ କଥା ଓ ତଥ୍ୟ ଜାଣିବା ପାଇଁ ଉପଯୋଗୀ ପୁସ୍ତକ –

୧ – ବକ୍ତୃତା ଦେବାର କଳା – ମୂଳଲେଖା ; ଡେଲ୍ କାର୍ଣ୍ଣେଗି

ଅନୁବାଦ ; ଆଲୋକ ରଞ୍ଜନ ପଟ୍ଟନାୟକ

୨ – ଭାଷା ଆଲୋଚନା – ଡକ୍ଟର ବିଜୟଲକ୍ଷ୍ମୀ ମହାନ୍ତି

୩– ଭାଷଣକଳା ଓ ଅନ୍ୟାନ୍ୟ ପ୍ରସଙ୍ଗ – ଡକ୍ଟର କୃଷ୍ଣଚନ୍ଦ୍ର ପ୍ରଧାନ

୪ – ଓଡିଆ ଭାଷା ଓ ସାହିତ୍ୟ - ପଣ୍ଡିତ ନୀଳକଣ୍ଠ ଦାସ

୫ – ଓଡିଆ ଭାଷାର ଇତିହାସ - ପଣ୍ଡିତ ବିନାୟକ ମିଶ୍ର

୬– ଓଡିଆ ଭାଷା ଚର୍ଚ୍ଚାର ପରମ୍ପରା – ଡକ୍ଟର ଗଗନେନ୍ଦ୍ର ନାଥ ଦାଶ

୭ – ଭାଷା ଓ ସାହିତ୍ୟ – ଡକ୍ଟର ଦେବୀ ପ୍ରସନ୍ନ ପଟ୍ଟନାୟକ

୮ – ଓଡିଆ ଭାଷା ଓ ଭାଷା ବିଜ୍ଞାନ - ଡକ୍ଟର ଦେବୀ ପ୍ରସନ୍ନ ପଟ୍ଟନାୟକ

୯ – ଓଡିଆ କେବେ ? - ପ୍ରଫେସର ଗୋଲୋକବିହାରୀ ଧଳ

୧୦ - ଯୋଗାଯୋଗର ଭାଷା - ଡକ୍ଟର ଅଜୟ କୁମାର ମିଶ୍ର

(ଏହା ବ୍ୟତୀତ ବହିବଜାରରେ ଉପଲବ୍ଧ ଭାଷଣମାଳା, ସାକ୍ଷାତ୍‌କାର, ଭାଷଣକଳା, ବକ୍ତୃତା କଳା ସମ୍ବନ୍ଧୀୟ ସହାୟକ ପୁସ୍ତିକାସବୁ ମଧ୍ୟ ପଢିପାରିଲେ ବକ୍ତୃତା, ଦଳଗତ ଆଲୋଚନା, ସାକ୍ଷାତକାର, ସ୍ୱଗତଭଙ୍ଗୀ ସମ୍ପର୍କରେ ଅଧିକ ଜ୍ଞାନ ଆହରଣ କରିପାରିବ।)



❑❑❑